ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୫୮
୨୪ ଜାନୁଆରୀ, ୨୦୨୬ ଶନିବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 258
24th January, 2026 Saturday
Kendrapara

ODISHA EXPRESS SIGHTS TRUTH WRITES TRUTH ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସତ୍ୟଂ ତପୋ ଜ୍ଞାନମହିଂସତା ଚ
ବିଦ୍ୱତ୍ ପ୍ରଣାମଂ ଚ ସୁଶୀଳତା ଚ
ଏତାନି ଯୋ ଧାରୟତେ ସ ବିଦ୍ୱାନ୍ ନ
କେବଳଂଯଃ ପଠତେ ସ ବିଦ୍ୱାନ୍ ।**

ସତ୍ୟ, ସାଧନା, ଜ୍ଞାନ, ଅହିଂସା, ନମ୍ରତା ଓ ଉତ୍ତମ ବ୍ୟବହାର ପ୍ରଭୃତି ଗୁଣ ଦ୍ୱାରା ଯେ ଅଳଂକୃତ ସେ ପ୍ରକୃତରେ ବିଦ୍ୱାନ୍ । ଯେ ଏ ସବୁ ଗୁଣର ଅଧିକାରୀ ହୋଇନଥାଏ ସେ ଯେତେବଡ଼ ପଣ୍ଡିତ ହୋଇଥିଲେ ବି ବିଦ୍ୱାନ୍ ନୁହେଁ।

## ଶ୍ରୀଶ୍ରୀବଳଦେବଜୀଉଙ୍କ କାଞ୍ଚିକାବେରୀ ବେଶ

**କେନ୍ଦ୍ରାପଡ଼ା, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ବସନ୍ତ ପଂଚମୀ ଅବସରରେ ଆଜି ତୁଳସୀ କ୍ଷେତ୍ରାଧିପତି ସିଦ୍ଧ ଶ୍ରୀଶ୍ରୀବଳଦେବଜୀଉଙ୍କ କାଂଚିକାବେରୀ ବେଶ ଅନୁଷ୍ଠିତ ହୋଇଯାଇଛି । ଏହି ଦୁର୍ଲ୍ଲଭ ବେଶକୁ ବହୁ ଭକ୍ତ ଓ ଶ୍ରଦ୍ଧାଳୁ ଦର୍ଶନ କରି ପ୍ରଭୁଙ୍କ ଚରଣାଶ୍ରିତ ହୋଇଥିଲେ । ଶ୍ରୀଜୀଉଙ୍କ ବସନ୍ତ ପଂଚମୀର ବିଭିନ୍ନ ରୀତିନୀତି ପାଇଁ ପୂର୍ବାହ୍ନରୁ ରାତି ପର୍ଯ୍ୟନ୍ତ ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା । ଶ୍ରୀଜୀଉ ଏହି ବସନ୍ତ ପଂଚମୀରୁ ଶୀତ ବସ୍ତ୍ର ପରିତ୍ୟାଗ କରି ଶୁକ୍ଳ ବସ୍ତ୍ର ପରିଧାନ କରିଥିଲେ । ଶ୍ରୀଜୀଉଙ୍କ ବିଜେ ପ୍ରତିମାଙ୍କ ବସନ୍ତ ବଗିଚା ଗମନ ଓ ରଥକାଠ ଅନୁକୂଳ ରୀତି ବସନ୍ତ ପଂଚମୀ ତିଥି ଅବସରରେ ଅନୁଷ୍ଠିତ ହୋଇଥିଲା । ପାରମ୍ପାରିକ ଏହି ତିଥିର ରୀତି ଅନୁଯାୟୀ ସକାଳ ଧୂପ ବଢ଼ିଲା ପରେ ମନ୍ଦିର ଶୋଧ କରାଯାଇ ଭୋଗ ମଣ୍ଡପରେ ଶ୍ରୀଜୀଉଙ୍କ ବିଜେପ୍ରତିମା ଗୋବିନ୍ଦଜୀଉଙ୍କୁ ଏକ ଖଟୁଲିରେ ବିଜେ କରାଯାଇଥିଲା । କଳସ ସ୍ଥାପନ ପରେ ମନ୍ଦିର ପୁରୋହିତ ବିଜେ ପ୍ରତିମାଙ୍କ ଅଭିଷେକ କରାଇଥିଲେ । ଏହି ଅବସରରେ ଶ୍ରୀଜୀଉଙ୍କ ମସ୍ତକରେ ବକୁଳ ଓ ଅବିର ଲାଗି ହୋଇଥିଲା । ମଙ୍ଗଳାର୍ପଣ ପରେ ଚଣାଖଜା ଭୋଗ ଅର୍ପଣ କରା ଯାଇଥିଲା । ବିଜେ ପ୍ରତିମାଙ୍କ ବସନ୍ତ ବଗିଚା ଗମନ ପରେ ମନ୍ଦିର ଶୋଧ ହୋଇ ଦ୍ୱିପହର ନୀତି ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ କାଂଚି କାବେରୀ ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀ ବଳଦେବଜୀଉ ଓ ଶ୍ରୀଜଗନ୍ନାଥ ଧଳା ଓ ଘୋଡାରେ ବସି କାଂଚି ଅଭିଯାନରେ ବାହାରିଥିବା ବେଳେ ମଣ୍ଡପରେ ମାଣିକ ଗଉଡୁଣୀର ପ୍ରତିମୂର୍ତ୍ତି ଦେଖିବାକୁ ମିଳିଥିଲା । ଏହି ବେଶ ଅନ୍ୟ ମନ୍ଦିରରେ ଦେଖିବାକୁ ମିଳେ ନାହିଁ ବୋଲି ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି । ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଆଗାମୀ ରଥଯାତ୍ରା ପାଇଁ ରଥ କାଠ ଅନୁକୂଳ ହୋଇଥିଲା ।

# ରଥଯାତ୍ରା ପ୍ରସ୍ତୁତି ଆରମ୍ଭ



**ପୁରୀ, ୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ରହ୍ମାଣ୍ଡ ନାୟକଙ୍କ ଘୋଷଯାତ୍ରା ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ରଥଖଳାରେ ତିନୋଟି କାଠକୁ ବିଧି ବିଧାନ ମୁତାବକ ପୂଜା କରାଯାଇଥିଲା । ରାଜନଅର ପକ୍ଷରୁ ଗଜପତିଙ୍କ ପ୍ରତିନିଧି ଭାବେ ଦେବୀପ୍ରସାଦ ରାଜଗୁରୁ ଓ ସୋତ୍ରୀୟ ବ୍ରାହ୍ମଣମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା । ପଞ୍ଚାମୃତ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ ଓ ମହାପ୍ରସାଦ ଅର୍ପଣ କରାଯାଇଥିଲା । ରଥ ନିର୍ମାଣ ସୃଜନୀ କାର୍ଯ୍ୟ ହୋଇଥିବାରୁ ମା' ବାଗଦେବୀଙ୍କୁ ଆବାହନ କରାଯାଇଥିଲା । ଏଥିସହ ବରୁଣ ପୂଜା ଏବଂ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରି ତାଙ୍କ ଯାତ୍ରା ନିର୍ବିଘ୍ନରେ ହେବା ପାଇଁ ପ୍ରାର୍ଥନା କରାଯାଇଥିଲା ।

ପୂଜା, ଆଳତି ସହ ପୁଷ୍ପାଞ୍ଜଳି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଏସ୍‌ପି ପ୍ରତୀକ ସିଂହ, ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ ଓ ସୁରକ୍ଷା ପ୍ରଶାସକ ହେମନ୍ତ କୁମାର ପାଢ଼ୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ପୂଜା ବିଧି ସମ୍ପନ୍ନ ହୋଇଥିଲା । ରଥଯାତ୍ରା ନିର୍ବିଘ୍ନରେ ସମ୍ପନ୍ନ ହେବା ନେଇ ପ୍ରଶାସକ, ସେବାୟତମାନେ ପ୍ରାର୍ଥନା କରିଥିଲେ ।

ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ପାଇଁ ୪୨୬ ଖଣ୍ଡ ଧଉରା, ୩୬୪ ଖଣ୍ଡ ଅସନ, ୭୨ ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ, ଏପରି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ । ଗତବର୍ଷରେ ୪୭ ଖଣ୍ଡ *(ଶେଷ ପୃଷ୍ଠା ଦେଖନ୍ତୁ)*

# ବିଜେଡିକୁ ଫେରିବେ ଅରବିନ୍ଦ !

## ପୁନର୍ବିଚାର ପ୍ରତିଶ୍ରୁତି ମିଳିବା ପରେ ପାଟକୁରା ଫେରିଲେ ବିଜେଡି କର୍ମୀ

**ଭୁବନେଶ୍ୱର, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ପାଟକୁରାର ଯୁବ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିଜେଡିରୁ ନିଲମ୍ବନକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ପାଟକୁରା ନିର୍ବାଚନ ମଣ୍ଡଳୀର ବିଜେଡିର କର୍ମୀ ଓ ପୁରୁଖା ନେତାମାନେ । ଶୁକ୍ରବାର ଦିନ ହଜାର ହଜାର ବିଜେଡି କର୍ମୀ, ନେତା ଏବଂ ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ, ବ୍ଲକ କର୍ମକର୍ତ୍ତା ଶଙ୍ଖ ଭବନକୁ ଘଣ୍ଟାଘଣ୍ଟା ଧରି ଘେରି ରହିବା ସହ ନାରାବାଜି କରିଥିଲେ । ଅରବିନ୍ଦଙ୍କ ଅମାୟିକ ବ୍ୟବହାର, ମେଳାପି ସ୍ୱଭାବ ସହ ନିର୍ବାଚନ ମଣ୍ଡଳୀ ଲୋକଙ୍କ ସହିତ ଯୋଡ଼ି ହୋଇ ରହିବା କାରଣରୁ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିବାବେଳେ ତାଙ୍କ ବିରୋଧରେ ଦଳର ଅସହିଷ୍ଣୁ ନେତା ଷଡ଼ଯନ୍ତ୍ର କରି ଦଳରୁ ନିଲମ୍ବନ କରାଇବାରେ ପ୍ରମୁଖ ଭୂମିକା ନିଭେଇବା ଘଟଣାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଜେଡି କର୍ମୀ ଓ ନେତାମାନେ । ସେମାନେ ଶୁକ୍ରବାର ଗଣମାଧ୍ୟମକୁ ଖୋଲାଖୋଲି କହିଥିଲେ, ବିଧାୟକ ଅରବିନ୍ଦ ମହାପାତ୍ର କୌଣସି ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ରହିବା ତ ଦୂରର କଥା, ବରଂ ନିର୍ବାଚନ ମଣ୍ଡଳୀ ଲୋକଙ୍କ ସହ ନିୟମିତ ସୁସଂପର୍କ ରକ୍ଷା କରି ଦଳର ସ୍ଥିତିକୁ ମଜଭୁତ କରିଥିବାବେଳେ ତାଙ୍କର ଲୋକଙ୍କ ସହ ଯୋଡ଼ିହୋଇ ରହିବା ସ୍ୱଭାବକୁ ବରଦାସ୍ତ କରିପାରୁ ନାହାନ୍ତି ଦଳର କିଛି ହାରୁ ଓ ଅସହିଷ୍ଣୁ ନେତା । ଯଦି ଅରବିନ୍ଦଙ୍କ ବିରୋଧରେ କୌଣସି ଠୋସ ପ୍ରମାଣ ଅଛି ତାହା ସାର୍ବଜନୀନ କରିବାକୁ ହଜାର ହଜାର ସଂଖ୍ୟାରେ କର୍ମୀ ଶଙ୍ଖ ଭବନ ସାମ୍ନାରେ ଆହ୍ୱାନ ଦେଇଥିଲେ । ଏଥିସହିତ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି କୁଚକ୍ରୀଙ୍କର ସମସ୍ତ ପର୍ଦ୍ଦାଫାସ କରିବାକୁ ଏମାନେ ଉଦ୍ୟମ କରିବେ ବୋଲି କହିଥିଲେ ।



**ଶଙ୍ଖ ଭବନକୁ ଘେରିଲେ ହଜାର ହଜାର କର୍ମୀ**

ପାଟକୁରାର ଶହଶହ ବିଜେଡି କର୍ମୀ ଆଜି ଶ୍ରୀ ମହାପାତ୍ରଙ୍କ ସମର୍ଥନରେ ବାହାରି ଭୁବନେଶ୍ୱରରେ ଦଳୀୟ ମୁଖ୍ୟ କାର୍ଯ୍ୟାଳୟ 'ଶଙ୍ଖ ଭବନ' ଘେରାଉ କରିଥିଲେ । ସେମାନେ ଯେ କେବଳ ଦଳରୁ ଅରବିନ୍ଦଙ୍କ ଦଳରୁ ନିଲମ୍ବନ ବିରୋଧରେ ପ୍ରତିବାଦ କରି ନଥିଲେ, ସଭାପତି ନବୀନ ପଟ୍ଟନାୟକ ତୁରନ୍ତ ପୁନର୍ବିଚାର କରନ୍ତୁ ବୋଲି ଦାବି କରିଥିଲେ।। ନିଷ୍ପତ୍ତି ନବଦଳିଲେ ସେମାନେ ବିଧାୟକଙ୍କ ସହିତ ରହିବେ ବୋଲି ଦୃଢ଼ତାର ସହ କହିଥିଲେ । ଅନ୍ୟପକ୍ଷରେ ଶଙ୍ଖ ଭବନରେ ଦଳର ବରିଷ୍ଠ ନେତାମାନେ ସେମାନଙ୍କ ସହିତ ଆଲୋଚନା କରି ଏହି ପ୍ରସଙ୍ଗରେ ସଭାପତିଙ୍କ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ।

ପାଟକୁରାବାସୀଙ୍କୁ ହଇରାଣ କରିଥିବାରୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଦଳରୁ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଋଣ ଖିଲାପୀଙ୍କ ଆକ୍ରମଣରେ ହୋମଗାର୍ଡ ଗୁରୁତର

**ଭଦ୍ରକ, ୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଋଣ ଖିଲାପୀଙ୍କ ଆକ୍ରମଣରେ ଜଣେ ହୋମଗାର୍ଡଙ୍କ ସହ ବ୍ୟାଙ୍କ କର୍ମଚାରୀ ଗୁରୁତର । ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଥାନା ଅଧୀନ ମଞ୍ଜୁରୀରୋଡ ଲକ୍ଷ୍ମୀବଜାରରେ ଭଣ୍ଡାରିପୋଖରୀ ଥାନାରେ କାର୍ଯ୍ୟରତ ହୋମଗାର୍ଡଙ୍କ ସହ ବ୍ୟାଙ୍କ କର୍ମଚାରୀ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଏଥିନେଇ ଥାନାରେ ମାମଲା ରୁଜୁ ହୋଇଥିବା ବେଳେ ଦୁଇ ଜଣ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି ଓ ଅନ୍ୟ କେତେକ ଅଭିଯୁକ୍ତ ଫେରାର ଥିବା ସୂଚନା ମିଳିଛି ।




ଅଭିଯୋଗ ଅନୁଯାୟୀ, ୟୁନିୟନ ବ୍ୟାଙ୍କ ପକ୍ଷରୁ ଜନୈକ ବ୍ୟକ୍ତିଙ୍କୁ କାର୍ ଋଣ ଯୋଗାଇ ଦିଆଯାଇଥିଲା । ମାତ୍ର ସେହି କାର୍ ମଞ୍ଜୁରୀରୋଡ ଲକ୍ଷ୍ମୀବଜାରର ଜନୈକ ବ୍ୟକ୍ତି ବ୍ୟବହାର କରୁଥିଲେ । କାର୍ କିସ୍ତି ୬ ମାସ ଧରି ପୈଠ ହେଉନଥିଲା । ବ୍ୟାଙ୍କ ପକ୍ଷରୁ କାରକୁ ଟ୍ରାକ୍ କରାଯାଇ ଗତ ବୁଧବାର ମଞ୍ଜୁରୀରୋଡ ଲକ୍ଷ୍ମୀବଜାରରୁ ଠାବ କରାଯାଇଥିଲା । ମାତ୍ର ବ୍ରେକ ଡାଉନ ଥିବାରୁ କାରକୁ ନିଆଯାଇ ପାରିନଥିଲା । ବିଳମ୍ବିତ ରାତିରେ କାରକୁ ଆଣିବାକୁ ପୋଲିସ ସହଯୋଗରେ ହୋମଗାର୍ଡ ସୁଶାନ୍ତ ସାହୁଙ୍କ ସହ ବ୍ୟାଙ୍କ କର୍ମଚାରୀ ଯାଇଥିଲେ । ଗାଡ଼ି ବ୍ୟବହାରକାରୀଙ୍କ ପରିବାର ପକ୍ଷରୁ ଅତି ଅମାନୁଷିକ ଭାବେ ହୋମଗାର୍ଡ ସୁଶାନ୍ତ ଓ ବ୍ୟାଙ୍କ କର୍ମଚାରୀଙ୍କୁ ମାଡ ମାରିବା ସହ ଗାଡ଼ି ଭାଙ୍ଗି ଦେଇଥିଲେ । ଗୁରୁତର ହୋମଗାର୍ଡଙ୍କୁ ଭଣ୍ଡାରିପୋଖରୀ ମେଡିକାଲକୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା *(ଶେଷ ପୃଷ୍ଠା ଦେଖନ୍ତୁ)*

# ଝିଅ ଜନ୍ମ ହେବାରୁ ବୋହୂ ଦେହରେ ପେଟ୍ରୋଲ ଢାଳି ନିଆଁ

**ପଟ୍ଟାମୁଣ୍ଡାଇ, ୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଲିଙ୍ଗଗତ ବୈଷମ୍ୟ ଏକ ଭୟଙ୍କର ଚେହେରା ସାମ୍ନାକୁ ଆସିଛି । କନ୍ୟା ସନ୍ତାନ ଜନ୍ମ ଦେବାରୁ ଶ୍ୱଶୁର ତାଙ୍କ ବୋହୁକୁ ଜୀବନ୍ତ ଜାଳି ମାରି ଦେବାକୁ ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣା କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅନ୍ତର୍ଗତ ଡାମରପୁର ଗାଁରେ ଘଟିଥିବାର ଜଣାଯାଇଛି । ଦାମପୁର ଗ୍ରାମର ପ୍ରଫୁଲ୍ଲ ରାୟ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ବୋହୂ ସସ୍ମିତା ଦାସ ଓ ନବଜାତ କନ୍ୟା ବିଛଣାରେ ଶୋଇଥିବା ବେଳେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ । ଫଳରେ ନିଆଁ ଚାରିଆଡେ ବ୍ୟାପି ଯାଇଥିଲା । ଯାହାକୁ ନେଇ ସସ୍ମିତା ନିରୁପାୟ ହୋଇ ନିଜ ପିଲାକୁ ନେଇ ବାହାରକୁ ଦୌଡ଼ି ପଳାଇ ଆସି ସାରା ରାତି ବାହାରେ ଅତିବାହିତ କରିଥିଲେ । ଗ୍ରାମବାସୀ ନିଆଁକୁ ଆୟତ କରିଥିଲେ ସୁଦ୍ଧା ଘରର ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି । ଏହି ଘଟଣା ପରଦିନ ସସ୍ମିତା ତାଙ୍କ ମାଆ ଭାଇଙ୍କ ସହିତ ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଥିଲେ । ପୋଲିସ ଏକ ମାମଲା ୫୭/୨୦୨୬ରେ ରୁଜୁ କରି ଅଭିଯୁକ୍ତ ଶ୍ୱଶୁରଙ୍କୁ ଅଟକ ରଖିଛି । ପୋଲିସ ଆଇଆଇସି ଶ୍ରୀକାନ୍ତ ବରିକଙ୍କୁ ପଚାରିବାରେ ଅଭିଯୋଗ ଅନୁଯାୟୀ ସମସ୍ତ ଦିଗ ଉପରେ ତଦନ୍ତ କରାଯାଉଛି ଏବଂ ତଦନ୍ତ ଶେଷ ହେବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।



ଅଭିଯୋଗ ଅନୁଯାୟୀ ଗତ ୮ ବର୍ଷ ତଳେ ନିଶ୍ଚିନ୍ତକୋଇଲି ବାଲିପଡ଼ା ଗ୍ରାମର ସସ୍ମିତା ଦାସ ପଟ୍ଟାମୁଣ୍ଡାଇ ଡାମରପୁର ଗ୍ରାମର ପ୍ରଫୁଲ୍ଲ ରାୟଙ୍କ ପୁଅ ଶୁଶାନ୍ତ ରାୟଙ୍କୁ ବିବାହ କରିଥିଲେ । *(ଶେଷ ପୃଷ୍ଠା ଦେଖନ୍ତୁ)*

## ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ

**କଟକ, ୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଘରୋଇ ବସ ଧର୍ମଘଟ ଡାକରା ପ୍ରତ୍ୟାହୃତ । ଶନିବାର ଠାରୁ ରାଜ୍ୟବ୍ୟାପୀ ଘରୋଇ ବସ ଧର୍ମଘଟ ଡାକରା ଦିଆଯାଇଥିଲା । ଏ ନେଇ ରାଜ୍ୟ ଘରୋଇ ବସ ମାଲିକ ସଂଘ ସଂପାଦକ ଦେବେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ଦାବି ମାନିବା ପରେ ଧର୍ମଘଟ ଡାକରା ବସ ମାଲିକ ସଂଘ ପ୍ରତ୍ୟାହାର କରିନେଇଛି । ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ଚାଲିବନି ମୁଖ୍ୟମନ୍ତ୍ରୀ ବସ ସେବା । ଯେଉଁ ରୁଟରେ ଘରୋଇ ବସ ନାହିଁ, ସେହି ରୁଟରେ ମୁଖ୍ୟମନ୍ତ୍ରୀ ବସ ସେବା ଚାଲୁ ରହିବ । ଏ ନେଇ ଜିଲ୍ଲାପାଳ ରାଜି ହୋଇଥିବା ଘରୋଇ ବସ ମାଲିକ ସଂଘ ସୂଚନା ଦେଇଛି । ମୁଖ୍ୟମନ୍ତ୍ରୀ, ପରିବହନ ମନ୍ତ୍ରୀ ଓ ପରିବହନ ସଚିବଙ୍କ ସହ ଆଲୋଚନା ପରେ ଧର୍ମଘଟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଛି ।

# ଆତ୍ମନିର୍ଭର ଭାରତ ସ୍ଲୋଗାନ ଭିତରେ ବୁଡ଼ିଯାଉଛି ଗ୍ରାମ୍ୟ ହସ୍ତତନ୍ତ

**କେନ୍ଦ୍ରାପଡ଼ା, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ହସ୍ତତନ୍ତ ଆତ୍ମନିର୍ଭର ଭାରତର ମୂଳଆଧାର । ଯାହା ଦିନେ ପରାକ୍ରମଶାଳୀ ବ୍ରିଟିଶ ଶାସନ ବିରୋଧରେ ଦେଶବାସୀଙ୍କୁ ସଶକ୍ତ କରିଥିଲା । ସାଂପ୍ରତିକ ସରକାର ଆତ୍ମନିର୍ଭର ଭାରତର ସ୍ଲୋଗାନକୁ ତୃଣମୂଳ ସ୍ତରରେ ପହଂଚାଇବାକୁ ଉଦ୍ୟମ କରିବା ନିଶ୍ଚୟ ସ୍ୱାଗତଯୋଗ୍ୟ ପଦକ୍ଷେପ । ହେଲେ ଏଥିପାଇଁ ଯେଉଁ ପ୍ରତିବଦ୍ଧତାର ଆବଶ୍ୟକତା ରହିଛି ତାହା ଏଯାଏ ଦୃଶ୍ୟମାନ ହେଉନାହିଁ । ଫଳରେ କେନ୍ଦ୍ରାପଡ଼ା ଭଳି ହସ୍ତତନ୍ତ ର ସମୃଦ୍ଧ ଇତିହାସର ଜିଲ୍ଲାରେ ଏହା ବିଲୁପ୍ତ ପାୟ । ରାଜ୍ୟରେ ଦୀର୍ଘ ୨୪ବର୍ଷର ନିରଙ୍କୁଶ ବିଜେଡ଼ି ଶାସନ ଓ କେନ୍ଦ୍ରରେ ୧୦ବର୍ଷର ବିଜେପି ସରକାରଙ୍କର କେନ୍ଦ୍ରାପଡ଼ା ଭଳି ଏକ ବେରୋଜଗାରୀ ଓ ଆର୍ଥୀକ ଅନଗ୍ରସର ଜିଲ୍ଲାରେ ଏକ୍ଷେତ୍ରରେ ସେପରି କୌଣସି ଉପଲବ୍ଧି ଦେଖିବାକୁ ମିଳିଲା ନାହିଁ । ବରଂ ଏକଦା ହସ୍ତତନ୍ତ କ୍ଷେତ୍ରରେ ବେଶ୍ ନାଁ କରିଥିବା ଏହି ଜିଲ୍ଲା ପରିଚୟ ହଜାଇ ବସିଲା । କେନ୍ଦ୍ରାପଡ଼ା ଜିଲ୍ଲାରୁ ରାଜ୍ୟ ଖଦୀ ବୋର୍ଡ଼ର ଅଧ୍ୟକ୍ଷ ହେବାର ସୌଭାଗ୍ୟ ପାଇଥିବା ଜଣେ ନେତା ଜିଲ୍ଲାକୁ ଖଦୀ ଓ ଗ୍ରାମ୍ୟଦ୍ୟୋଗରେ ପାଇଲଟ ଜିଲ୍ଲା କରିବାକୁ କେବଳ ବାହାସ୍ଫୋଟ ମାରିବା ହିଁ ସାର ହେଲା । ଯାହା ହସ୍ତତନ୍ତ ଥିଲା ତାକୁ ବି ବଂଚାଇ ପାରିଲା ନାହିଁ ।

ଏହା ସତ୍ୟ ଯେ, କୁଶିଆପାଳ, ଡିହସାହି, ହରିପୁର, କୋରୁଆ, କୁତରଙ୍ଗ, କେଉଟଗଡା, ବରିପଲା ଆଦି ବିଭିନ୍ନ ଗ୍ରାମରେ ପ୍ରାୟ ୧୦ହଜାର ରୁ ଉର୍ଦ୍ଧ୍ୱ ପରିବାର ସଦସ୍ୟ ହସ୍ତତନ୍ତ ଉପରେ ନିର୍ଭରଶୀଳ ଥିଲେ । ସେମାନଙ୍କ ହାତ ତିଆରି ସୁତାର ଧୋତି, ଗାମୁଛା, ଲୁଙ୍ଗି, ଶାଢୀ, ଚାଦର ଆଦିର କେବଳ ଏହି ଜିଲ୍ଲାରେ ନୁହେଁ ରାଜ୍ୟବ୍ୟାପୀ ଚାହିଦା ଥିଲା । ସମୟ କ୍ରମେ ଏହି ହସ୍ତତନ୍ତର ବିକାଶ ଘଟିଥିଲେ ଜିଲ୍ଲାର କର୍ମ ନିଯୁକ୍ତି ଓ ଅର୍ଥନୀତିକୁ ହୁଏତ ଏକ ନୂଆ ଦିଶା ମିଳିପାରିଥାନ୍ତା । କିନ୍ତୁ ଏହାର ବିକାଶ ଦୂରେ ଥାଉ ସରକାରୀ ଉଦାସୀନତା ପାଇଁ ଜିଲ୍ଲାରୁ ହସ୍ତତନ୍ତ ବର୍ଷ କେଇଟାରେ ବିଲୁପ୍ତ ପ୍ରାୟ । ସ୍ୱାଧୀନତା ସଂଗ୍ରାମ କାଳରେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ଉଦ୍ୟମରେ ଜିଲ୍ଲାରେ ଥିବା ଏହି କୌଳିକ ବୃତ୍ତି କୁ ଅଧିକ ପରିବ୍ୟାପ୍ତ କରାଇବା ପାଇଁ ଜିଲ୍ଲାରେ ମୌଳିକ ବିଦ୍ୟାଳୟ ସ୍ଥାପନ କରା ଯାଇ ଯେଉଁ ତାଲିମ ଦିଆଯାଉଥିଲା ତାହା ମଧ୍ୟ ବନ୍ଦ ହୋଇଗଲା । ହସ୍ତତନ୍ତ ସାମଗ୍ରୀର *(ଶେଷ ପୃଷ୍ଠା ଦେଖନ୍ତୁ)*

### ବଜ୍ରକାପ୍ତା କାଠି ଡିଲକୁ ନେଇ ବନସେବା ସଂଘର କାର୍ଯ୍ୟାନୁଷ୍ଠାନ ଦାବି

# ଆଇଆଇସି ତଦନ୍ତ ପରିସରଭୁକ୍ତ ହେବେ: ଏସିଏଫ

**ରାଜନଗର, ୨୩।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ରାଜନଗର ରେଂଜ କାର୍ଯ୍ୟାଳୟରେ ବଜ୍ରକାପ୍ତା କାଠି ଚୋରା ଚାଲାଣରେ ସଂପୃକ୍ତ ତିନି ଆସାମୀଙ୍କୁ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ(ଏସିଏଫ) ପଚରା ଉଚରା କରୁଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରିଣୀ ବନ୍ଦନା ପାତ୍ର ପହଂଚି ଏ ଲୋକମାନଙ୍କୁ ଆଣିଲା ବେଳେ ମୋତେ କାହିଁକି ଜଣାଇଲେ ନାହିଁ ବୋଲି ବାରମ୍ବାର ପ୍ରଶ୍ନ କରିଥିଲେ । ଆପଣମାନଙ୍କ ବିରୁଦ୍ଧରେ ମୁଁ କେଶ କରିବି ବୋଲି ଧମକ ଦେବାକୁ ପଛାଇନଥିଲେ । ଏହି ଘଟଣା ଏବେ ଭିନ୍ନ ମୋଡ ନେଇଛି । ଓଡିଶା ଅଣଗେଜେଟେଡ ବନସେବା ସଂଘ ଏହି ଘଟଣାରେ ଆଗକୁ ଆସିଛି । ସଂଘର ରାଜ୍ୟ ସଭାପତି ଜେମସ ରଣବିଡା ଓ ସଂପାଦକ ବିକାଶ ଭୂଜବଳଙ୍କ ନିର୍ଦ୍ଦେଶକ୍ରମେ ରାଜନଗର ବନଖଣ୍ଡ ଶାଖାର ସଭାପତି ବିଭୂତିଭୂଷଣ ତରାଇ ଓ ସଂପାଦକ ରନକୁମାର ପାଣିଙ୍କ ନେତୃତ୍ୱରେ ଫରେଷ୍ଟର ବିଜୟ କୁମାର ପାତ୍ର, ପ୍ରଦୀପ୍ତ କୁମାର ସ୍ୱାଇଁ, ରାଜେଶ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ତ୍ରିଦୀପ ପ୍ରଧାନ ଓ ସବିତା ବେହେରା ବନଖଣ୍ଡ ଅଧିକାରୀ ଭରଦରାଜ ଗାଓଁକରଙ୍କୁ ଭେଟି ଆଇଆଇସିଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବୀ କରିଛନ୍ତି । ସେମାନେ ତାଙ୍କ ଦାବୀପତ୍ରରେ ଆଇଆଇସି ଶ୍ରୀମତୀ ପାତ୍ର ପୋଲିସ ପୋଷାକରେ ଥାଇ ଅନ୍ୟ ୫ଜଣ କର୍ମଚାରୀଙ୍କ ସହିତ ରେଂଜ କାର୍ଯ୍ୟାଳୟକୁ ପଶି ଗାଳିଗୁଲଜ କରିଥିଲେ । ସହକାରୀ ବନସଂରକ୍ଷକ ଶ୍ରୀ ମଲ୍ଲିକ, ରେଂଜ ଅଫିସର ଚିତରନ ବେଉରା ଆସାମୀମାନଙ୍କୁ ପଚାରା ଉଚରା କରୁଥିବା ବେଳେ ଆଇଆଇସି ଶ୍ରୀମତୀ ପାତ୍ର *(ଶେଷ ପୃଷ୍ଠା ଦେଖନ୍ତୁ)*

## ରାଜ୍ୟସଭା ପାଇଁ ପ୍ରାର୍ଥୀ ଦେବ କଂଗ୍ରେସ !

**ଭୁବନେଶ୍ୱର, ୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେବ । ଏନେଇ ସୂଚନା ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ । ଭକ୍ତ କହିଛନ୍ତି, ହାର୍ ଜିତ୍‌କୁ ଭୟ ନାହିଁ, ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀ ଦେବୁ । ଆବଶ୍ୟକ ସଂଖ୍ୟା ନ ଥିବା ସତ୍ତ୍ୱେ ୩/୪ ଜଣଙ୍କ ନାଁ ସ୍ଥିର ହୋଇଛି । ଏନେଇ ଦଳ ହାଇକମାଣ୍ଡଙ୍କ ସହ ଆଲୋଚନା କରିବ । ଦଳ ଭିତରୁ କିମ୍ବା ବାହାରୁ ବି କାହାକୁ ଜଣଙ୍କୁ ପ୍ରାର୍ଥୀ କରାଯାଇପାରେ ।

ରାଜ୍ୟ ସଭା ନିର୍ବାଚନ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ଦେଶର ୧୦ ରାଜ୍ୟରେ ଖାଲି ହେବାକୁ ଥିବା ୩୭ ରାଜ୍ୟ ସଭା ଆସନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ରାଜ୍ୟସଭା ନିର୍ବାଚନ ରଣକୌଶଳ ପ୍ରସ୍ତୁତିରେ ବ୍ୟସ୍ତ ୩ ଦଳ

**ଭୁବନେଶ୍ୱର, ୨୩।୧**
**ତଥ୍ୟ**

ରାଜ୍ୟସଭା ନିର୍ବାଚନ ପାଇଁ କମିଶନଙ୍କ ପକ୍ଷରୁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଓଡିଶାରେ ମଧ ପ୍ରମୁଖ ରାଜନୈତିକ ଦଳମାନେ ଅଧିକ ଆସନ ଦଖଲ ପାଇଁ ରଣକୌଶଳ ପ୍ରସ୍ତୁତ କରିବାରେ ବ୍ୟସ୍ତ । ଏଠାରେ ଉଲ୍ଲେଖନୀୟ ଯେ ଓଡିଶାର ୪ଜଣ ରାଜ୍ୟସଭା ସଦସ୍ୟଙ୍କ କାର୍ଯ୍ୟକାଳ ଆସନ୍ତା ଏପ୍ରିଲ୍ ମାସରେ ପୂରଣ ହେବାକୁ ଯାଉଛି । ଏହି ଚାରିଜଣଙ୍କ ମଧ୍ୟରୁ ଏବେ ଦୁଇଜଣ ବିଜେପି ସଦସ୍ୟ ଥିବାବେଳେ ଆଉ ଦୁଇଜଣ ବିଜେଡିରେ ରହିଛନ୍ତି । ତେବେ ଯେଉଁ ଦୁଇଜଣ ବିଜେପି ସଦସ୍ୟ ଅଛନ୍ତି ସେମାନେ ପୂର୍ବରୁ ବିଜେଡି ଟିକଟରେ ରାଜ୍ୟସଭାକୁ ଯାଇଥିଲେ ଓ ପରବର୍ତ୍ତୀ ସମୟରେ ରାଜ୍ୟସଭାରୁ ଇସ୍ତଫା ଦେଇ ବିଜେପିରେ ଯୋଗଦେବା ପରେ ଉପନିର୍ବାଚନ ଜିଣି ବିଜେପି ସଦସ୍ୟ ହୋଇଛନ୍ତି ।

ରାଜ୍ୟ ବିଧାନସଭାର ୧୪୭ଜଣ ସଦସ୍ୟ ଥିବାବେଳେ ଏମାନେ ଏଥର ରାଜ୍ୟସଭାକୁ ୪ଜଣଙ୍କୁ ନିର୍ବାଚିତ କରିବେ । ବିଜେପି ହାତରେ ୭୯ଟି ବିଧାନସଭା ଆସନ ଥିବାବେଳେ ଆଉ ତିନିଜଣ ସ୍ୱାଧୀନ ବିଧାୟକଙ୍କର ଶାସକଦଳ ପ୍ରତି ସମର୍ଥନ ରହିଛି । ଏ ପରିପ୍ରେକ୍ଷୀରେ ବିଜେପି ନିଶ୍ଚିତ ଭାବେ ଦୁଇଟି ଆସନ ସହଜରେ ଅକ୍ତିଆର କରିପାରିବ । ତେଣୁ ବିଜେଡି ଛାଡି ବିଜେପିରେ ମିଶିଥିବା ଦୁଇଜଣ ଯାକ ସାଂସଦଙ୍କୁ ଏଥର ବିଜେପି ପ୍ରାର୍ଥୀ କରିବ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର । ରାଜ୍ୟସଭା ନିର୍ବାଚନ ପାଇଁ ବିଜେପିର କେଉଁମାନେ ଦଳୀୟ ପ୍ରାର୍ଥୀ ହେବେ ତାହାର ଚୂଡାନ୍ତ ନିଷ୍ପତ୍ତି ଦଳର ହାଇକମାଣ୍ଡ ଦିଲ୍ଲୀରେ ଗ୍ରହଣ କରିବେ । ତେବେ ଶାସକଦଳର ରାଜ୍ୟସଭା ଟିକଟ ଆଶାୟୀଙ୍କ ତାଲିକା ଏବେ ୨୦ରୁ ଅଧିକ ହେବ ବୋଲି କୁହାଯାଉଛି ।



ବିଧାନସଭାରେ ଏବେ ବିଜେଡିର ୫୦ଜଣ ସଦସ୍ୟ ଅଛନ୍ତି । ଏମାନଙ୍କ ଭିତରୁ ୨ଜଣଙ୍କୁ ନିକଟ ଅତୀତରେ ନିଲମ୍ବନ କରାଯାଇଛି । ସଂଖ୍ୟାଗଣିତ ଦୃଷ୍ଟିରୁ ବିଜେଡି ଏକାକୀ ନିଜ ଶକ୍ତି ବଳରେ ଗୋଟିଏ ମାତ୍ର ଆସନରୁ ଜିଣିବା ଏକ ପ୍ରକାର ନିଶ୍ଚିତ । ତେଣୁ ବିଜେଡିର ଦୁଇଜଣ ରାଜ୍ୟସଭା ସଦସ୍ୟଙ୍କ ଭିତରୁ କିଏ ଟିକଟ ପାଇବେ କି ନପାଇବେ କିମ୍ବା ବାହାରୁ ଆଉ କାକୁ ପ୍ରାର୍ଥୀ କରାଯିବ ତାହା ଦଳର ସୁପ୍ରିମୋଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ ।

ରାଜ୍ୟ ବିଧାନସଭାରେ କଂଗ୍ରେସର ୧୪ଜଣ ବିଧାୟକ ଅଛନ୍ତି । ଏମାନଙ୍କ ଛଡା ସିପିଏମ୍‌ର ବି ଆଉ ଜଣେ ସଦସ୍ୟ ରହିଛନ୍ତି । ଏହି ୧୫ଜଣ ଯାକ ମିଶିଲେ ଏକାକୀ କାହାକୁ ନିର୍ବାଚିତ କରିପାରିବେ ନାହିଁ । ଏପରିପ୍ରେକ୍ଷୀରେ ବିଜେଡିର ବଳକା ଭୋଟ ସହିତ ଯଦି କଂଗ୍ରେସ ଓ ସିପିଏମ୍ ବିଧାୟକଙ୍କ ଭୋଟ ମିଶିଯାଏ ତେବେ ସେମାନେ ସହଜରେ ଚତୁର୍ଥ ଆସନଟିକୁ ଦଖଲକୁ ନେଇପାରିବେ । ଏଭଳି ସ୍ଥିତିରେ ଚତୁର୍ଥ ଆସନ ପାଇଁ ବିଜେପି, ବିଜେଡି ଓ କଂଗ୍ରେସର କୌଣସି ନେତା ପ୍ରାର୍ଥୀ ହେବେ କିମ୍ବା ଅତୀତରେ ଏ ଭି ସ୍ୱାମୀଙ୍କ ଭଳି ଜଣେ ନିର୍ଦ୍ଦଳୀୟ ସର୍ବୋଦୟକର୍ମୀଙ୍କୁ ଯେପରି ରାଜ୍ୟସଭାକୁ ପଠାଯାଇଥିଲା ସେଭଳି ଅବସ୍ଥା ଉପୁଜିବ ସେ ସମ୍ପର୍କରେ କଳ୍ପନା ଜଳ୍ପନା ଚାଲିଛି । ଅତୀତରେ ବିରୋଧିଦଳ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୪ ଜାନୁଆରୀ ୨୦୨୬ । ଶନିବାର






## କାର ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

**ରେଢାଖୋଲ: ଏକ୍ସପ୍ରେସ ନ୍ୟୁଜ୍**

ସମ୍ବଲପୁର ରେଢାଖୋଲ ୫୫ନଂ ଜାତୀୟ ରାଜପଥର ପୂର୍ତ୍ତ ବିଭାଗର ଡାକ ବଙ୍ଗଳା ନିକଟରେ ଗୁରୁବାର ସଂଧା ୫ଟା ସମୟରେ କାର୍ ଦୁର୍ଘଟଣା, ସମ୍ବଲପୁର ପଟୁ ଆସୁ ଥିବା କାର୍ ଗାଡି ନଂ (ଓଡି୦ ୨ସିଡି୪୮୦୭) ଧକ୍କାରେ ବିପରିତ ପଟୁ ଯାଉଥିବା ସାଇକେଲ ଆରୋହୀ ସହ ଧକ୍କା ହୋଇଛି । ଗୁରୁତର ସାଇକେଲ ଆରୋହୀଙ୍କୁ ରେଢାଖୋଲ ମେଡିକାଲରେ ଭର୍ତ୍ତି କରି ଚ଼ିକିତ୍ସା କରାଯାଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ସାଇକେଲ ଆରୋହୀ ଜଣକ ହେଲେ ରେଢ଼ାଖୋଲ ବୀରଚ଼ନ୍ଦ୍ରପୁର ଗ୍ରାମର ଅନାମ ଭୋଇ । କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ ଉତ୍ତେଜନା ସୃଷ୍ଟି ହେବାରୁ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ଏକ ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା । ଏନେଇ ଘଟଣାର ତଦନ୍ତ ଆରମ୍ଭ କରିଛି ରେଢ଼ାଖୋଲ ପୋଲିସ । ରେଢ଼ାଖୋଲ ମେଡିକାଲରେ ଶବ ରଖାଯାଇଛି ବ୍ୟବଚ୍ଛେଦ ପରେ ମୃତ ଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚ଼ନା ମିଳିଛି ।

## ବାହୁଦା ନଦୀରେ ବୁଡି ଦୁଇ ଛାତ୍ର ମୃତ

**ଚ଼ିକିଟି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ଅନ୍ତର୍ଗତ ନୂଆପଡା ବାହୁଦା ନଦୀ ପୁରୁଣା ବ୍ରିଜ ପାଣିରେ ବୁଡି ଦୁଇ ନାବାଳକ ଛାତ୍ରଙ୍କ ମୃତ୍ୟୁ ହୋଇଛି । ମୃତ ୨ ଛାତ୍ର ହେଲେ ବମକେଇର ବିଶ୍ୱାସ ପ୍ରଧାନ ଓ ଚ଼ାନ୍ଦପୁରର ଶାଶ୍ୱତ ପାତ୍ର । ସେମାନେ ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ ।

ବିଶ୍ୱାସ ପ୍ରଧାନ ଓ ଚ଼ାନ୍ଦପୁରର ଶାଶ୍ୱତ ପାତ୍ର ବିଦ୍ୟାଳୟରୁ ଫେରୁଥିଲେ । ବାହୁଦା ନଦୀ ପୁରୁଣା ବ୍ରିଜ ନିକଟକୁ ଶୌଚ଼ ହେବାକୁ ଯାଇଥିଲେ । ଶୌଚ଼ ହୋଇ ଗାଧୋଉଥିବା ବେଳେ ଗଭୀର ଜଳ ଭିତରକୁ ପଶିଯାଇଥିଲେ । ଏହା ଦେଖି ସେଠାରେ ଥିବା ଆଉ ତିନିଜଣ ପିଲାମାନେ ପାଟିକରିଥିଲେ । ଫଳରେ ଲୋକମାନେ ଜମା ହୋଇ ନଦୀ ଭିତରେ ପଶି ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ଖବର ପାଇ ଦମକଳ ବାହିନୀ ଓ ଲୋକମାନେ ଜଳ ଭିତରେ ପଶି ଖୋଜା ଖୋଜି କରି ଦୁଇଜଣଙ୍କୁ ଉଦ୍ଧାର କରିଥିଲେ । ତୁରନ୍ତ ସେମାନଙ୍କୁ ନୂଆପଡା ମେଡିକାଲକୁ ନିଆଯାଇଥିଲା । ସେଠାରେ ପ୍ରାଥମିକ ଚ଼ିକିତ୍ସା କରି ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ଅଧିକ ଚ଼ିକିତ୍ସା ପାଇଁ ନିଆଯାଇଥିଲା । ସେଠାରେ ଡାକ୍ତର ୨ ଛାତ୍ରଙ୍କ ମୃତ ଘୋଷଣା କରିଥିଲେ ।

## ଭାରତ ମୁକ୍ତି ମୋର୍ଚ୍ଚାର ଦାବି: ପଛୁଆ ବର୍ଗ ଓ ଶ୍ରମିକଙ୍କ ଅଧିକାରକୁ ପ୍ରାଥମିକତା ମିଳୁ

**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟ ସରକାରଙ୍କ ଦଳିତ, ଆଦିବାସୀ, ପଛୁଆ ବର୍ଗ ଓ ଶ୍ରମିକଙ୍କ ଅଧିକାରକୁ ପ୍ରାଥମିକତା ଦେବା, ବାମସେଫ୍ ଓ ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧିବେଶନକୁ ପୁନଃ ସ୍ୱୀକୃତି ପ୍ରଦାନ କରିବା, ପୂର୍ବରୁ ବାତିଲ ହୋଇଥିବା ଅଧିବେଶନ ପାଇଁ ଯଥୋଚ଼ିତ କ୍ଷତିପୂରଣ ଦେବା, ଜଙ୍ଗଲ ଜମି ଅଧିକାର ଆଇନକୁ ସଠିକ୍ ଓ ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବା, ଗଞ୍ଜାମ ଜିଲ୍ଲାର ଆଧାର ଅପରେଟରମାନଙ୍କ ଅଧିକାର ସୁରକ୍ଷା ପ୍ରଦାନ କରିବା ସମେତ ବିଭିନ୍ନ ଦାବି ନେଇ ଗୁରୁବାର ଗଞ୍ଜାମ ଜିଲ୍ଲାର ବିଭିନ୍ନ ଗଣ ସଂଗଠନ ଯଥା ଭାରତ ମୁକ୍ତି ମୋର୍ଚ୍ଚା, ଭିଟା - ମାଟି ସୁରକ୍ଷା ଅଭିଯାନ, ଆଦିବାସୀଲୋକ ସଂଗଠନ ଦକ୍ଷିଣାଞ୍ଚଳ ବିକାଶ ମଞ୍ଚ, ଦଳିତ ସହାୟକ ସହାୟକ ପ୍ରତିଷ୍ଠାନ ଏବଂ ଗଞ୍ଜାମ ଜିଲ୍ଲା ଆଧାର ଅପରେଟର ସଂଘର କର୍ମକର୍ତ୍ତା ଛତ୍ରପୁର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଘେରାଉ କରିଛନ୍ତି । ଏହା ସହିତ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀଅଧୀକ୍ଷିକଙ୍କୁ ଏକ ଉଦ୍ଦେଶ୍ୟ ପୃଥକ ପୃଥକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି ।



ସୂଚ଼ନାଯୋଗ୍ୟ ଯେ, ପୂର୍ବରୁ ରାଜ୍ୟ ସରକାର ବାମସେଫ୍ ଓ ଭାରତ ମୁକ୍ତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧିବେଶନକୁ କଟକ ବାଲିଯାତ୍ରା ପଡିଆରେ ଆୟୋଜନ କରିବା ପାଇଁ ସ୍ୱୀକୃତି ପ୍ରଦାନ କରିଥିଲେ । କିନ୍ତୁ ଏହି ସଭାରେ ଏକ ଲକ୍ଷରୁ ଅଧିକ ଦଳିତ, ଆଦିବାସୀ ଓ ପଛୁଆ ବର୍ଗର ଲୋକ ଯୋଗଦେବାର ସମ୍ଭାବନା ଥିବା ଜଣାପଡିବା ପରେ, ରାଜ୍ୟ ସରକାର ଅଗଣତାନ୍ତ୍ରିକ ଓ ଅସମ୍ବିଧାନିକ ଭାବରେ କାର୍ଯ୍ୟକ୍ରମ ଆୟୋଜନର କିଛି ଦିନ ପୂର୍ବରୁ ଏହାକୁ ବାତିଲ କରିଥିଲେ । ଏହା ଫଳରେ ଦେଢ଼ କୋଟି ଟଙ୍କାରୁ ଅଧିକ ଆର୍ଥିକ କ୍ଷତି ହୋଇଛି । ଏହି କ୍ଷତିପୂରଣ ପ୍ରଦାନ କରିବା ସହ ପୁନଃ ସେହି ସ୍ଥାନରେ ଅଧିବେଶନ ଆୟୋଜନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ପଠାଯାଇଛି ଓ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକରେ ବସବାସ କରୁଥିବା ଦଳିତ ଓ ଆଦିବାସୀମାନଙ୍କୁ ବ୍ୟକ୍ତିଗତ ଓ ସାମୂହିକ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିବା ସହ ତାଙ୍କ ଆର୍ଥିକ-ସାମାଜିକ ସଶକ୍ତିକରଣ ଓ ଆତ୍ମନିର୍ଭରତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ସଠିକ ଭାବରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି କରାଯାଇଛି । ଏହା ସହ ବେଗୁନିଆପଡା ବ୍ଲକର ଆଦିବାସୀ ମଧୁ ଶବରଙ୍କୁ ଗୋଇଲୁଣ୍ଡି, ବ୍ରହ୍ମପୁରର ଶୁଣ ସନ ଆଇ କେୟାର କ୍ଲିନିକ ଦ୍ୱାରା କଥିତ ନିଶୁଳ୍କ ଚ଼କ୍ଷୁ ପରୀକ୍ଷା ନାମରେ ପରିବାରର ଅନୁମତି ବିନା ଉଠାଇ ନିଆଯାଇଥିବା ଘଟଣା ବର୍ତ୍ତମାନ ମାନବ ଚ଼ାଲାଣ ସନ୍ଦେହକୁ ଜନ୍ମ ଦେଇଛି । କିନ୍ତୁ ବେଗୁନିଆପଡା ଥାନାର ଆଇଆଇସିଙ୍କ ଅକ୍ରିୟତା, ଅସଦାଚ଼ରଣ ଓ କ୍ଲିନିକ ସହ ଚ଼ଞ୍ଚକତା ଫଳରେ ଏପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନାହିଁ ଓ ତଦନ୍ତ ଦିଗଭ୍ରଷ୍ଟ ହୋଇଛି ବୋଲି ଅଭିଯୋଗ କରାଯାଇଛି । ଏହାଛଡ଼ା, ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଆଧାର ଅପରେଟରମାନେ ବ୍ଲୁମ ସୋଲୁସନ ପ୍ରାଇଭେଟ ଲିଃ ଦ୍ୱାରା ଦରମା ଅଟକ, ଶ୍ରମ ଶୋଷଣ, ମାନସିକ ଉତ୍ପୀଡନ ଓ ଆର୍ଥିକ ଠକେଇର ସମ୍ମୁଖୀନ ହେଉଥିବା ନେଇ ଅଭିଯୋଗ କରିଛନ୍ତି । କମ୍ପାନୀର ପ୍ରୋଜେକ୍ଟ ମ୍ୟାନେଜର ଓ ରାଜ୍ୟ କୋଅର୍ଡିନେଟରଙ୍କ ବିରୋଧରେ ତୁରନ୍ତ ଏଫଆଇଆର ରୁଜୁ କରି କଡା କାର୍ଯ୍ୟାନୁଷ୍ଠାନ ନେବା ସହ ଶିବା ସତ୍ୟମଙ୍କୁ ପୁନଃ ନିଯୁକ୍ତ କରି ସମ୍ମାନ ଫେରାଇ ଦେବା ପାଇଁ ଦାବି ରଖାଯାଇଛି । ଏହି କାର୍ଯ୍ୟକ୍ରମ ସୁମା ଦାସ, ବିଜୟ ସ୍ୱାଇଁ, ମଧୁସୂଦନ ସେଠୀ, ରଜନୀ ଶବର, ସୌରୀ ଶବର, ଶଙ୍କର ଶବର, ରାଜୁ ଶବର, ଜ୍ଞାନ ରଞ୍ଜନ ସାହୁ, ସନ୍ତୋଷ ସାହୁ, ସାଗର କୁମାର ସାହୁ, ପ୍ରମୋଦ ନାୟକ, ପିଣ୍ଟୁ ଦାସ, ଜଗନ୍ନାଥ ପ୍ରଧାନ ସହ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ସ୍ଥାନୀୟ ନୂତନ ବସଷ୍ଟାଣ୍ଡ ଠାରୁ ବିଶାଳ ଶୋଭାଯାତ୍ରାରେ ବାହାରି ଛତ୍ରପୁର ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଁଚ଼ି ଥିଲେ ।

## ମାଧବ ଓ ନିଆଳିରେ ଧାନ ମଣ୍ଡି

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବ୍ଲକ ମାଧବ ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନ ମଣ୍ଡି ବୁଧବାର ଉଦଘାଟିତ ହୋଇଯାଇଛି । ସମିତି ସମ୍ପାଦକ ସରୋଜ ମଲ୍ଲିକଙ୍କ ସଂଯୋଜନାରେ ନିଆଳି ତହସିଲଦାର ତାରିଣୀ ପ୍ରସାଦ ରାୟ ଓ ସମିତି ସଭାପତି ଶ୍ରୀକାନ୍ତ ଖୁଣ୍ଟିଆ ମାଧବ ଧାନ ମଣ୍ଡିକୁ ଉଦଘାଟନ କରିଥିଲେ । ମାଧବ ସରପଞ୍ଚ ବାବୁରାମ ମଲ୍ଲିକ, ସମିତି ସଭ୍ୟ ସୁନା ମଲ୍ଲିକ, ଜ୍ଞାନ ରଞ୍ଜନ ମହାନ୍ତି, ଡମ୍ବରୁ ଧର ମହାରଣା, ଲିଙ୍ଗରାଜ ବେହେରା, ରୋସନା ବେଗମ, ସୁରେନ୍ଦ୍ର ଦାସ ଓ ପୂର୍ଣ୍ଣଚ଼ନ୍ଦ୍ର କାଠୁଆ ପ୍ରମୁଖ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରଥମ ଦିବସରେ ୨୪ ଜଣ ଚ଼ାଷୀଙ୍କ ନିକଟରୁ ୭୦୧ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି । ଏହି ସମିତିରୁ ମୋଟ ୭୫୮ ଚ଼ାଷୀଙ୍କ ନିକଟରୁ ୨୪ ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି । ସେହିପର ନିଆଳି ପ୍ରାଥମିକ କୃଷି ସେବା ସମବାୟ ସମିତିର ଧାନ ମଣ୍ଡି ଆଜି ଉଦଘାଟିତ ହୋଇଯାଇଛି । ସମିତି ସମ୍ପାଦକ ଇତିଶ୍ରୀ ସାହୁଙ୍କଙ୍କ ତତ୍ତ୍ୱାବଧାନରେ ସଭାପତି ବଳରାମ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଷଡଙ୍ଗୀ, ମଣ୍ଡିକୁ ଉଦଘାଟନ କରିଥିଲେ । ଅଗ୍ରଣୀ ଚ଼ାଷୀ ବୈରାଗୀ ଦାସ, ଆର୍ତ୍ତତ୍ରାଣ ସେନାପତି, ମହାପାତ୍ର ଧରଣୀ ଧର ସାହୁ, ଅପରାଜିତ ସାହୁ, ହେମନ୍ତ କୁମାର ମହାନ୍ତି ଓ ବିଳାଶୁଣି ସେବା ସମବାୟ ସମିତି ସଭାପତି ପ୍ରଭାତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମିତିରୁ ପ୍ରଥମ ଦିନରେ ୨୫ଜଣ ଚ଼ାଷୀଙ୍କ ନିକଟରୁ ୧୦୦୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଥିବା ବେଳେ ମୋଟ ୩୩୫ଜଣ ଚ଼ାଷୀଙ୍କ ନିକଟରୁ ୧୪ହଜାର କୁଇଣ୍ଟାଲ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି ।



## ଖୁଲମ ଖୁଲା ବିକ୍ରି ହେଉଛି ଗୁଟଖା

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**

ନିଆଳି ବଜାରରେ ୫୦ରୁ ଉର୍ଦ୍ଧ୍ୱ ରହିଛି ଛୋଟ ମୋଟ ବିକ୍ରି କରୁଥିବା ଦୋକାନ, ଏଥିସହିତ ୧୦ରୁ ଉର୍ଦ୍ଧ୍ୱ ରହିଛନ୍ତି ହୋଲ ସେଲର । ପ୍ରତେକ ଦିନ ବିକ୍ରି ହେଉଛି ଲକ୍ଷାଧିକ ଟଙ୍କାର ଗୁଟଖା ।ସ୍ୱାସ୍ଥ୍ୟ କେନ୍ଦ୍ର ଓ ଶିକ୍ଷା ଅନୁଷ୍ଠାନ ଠାରୁ ଏକ ସହ ମିଟର ଦୂର ପର୍ଯ୍ୟନ୍ତ ତମାଖୁ ମୁକ୍ତ ଅଞ୍ଚଳ ରହିବାକୁ ୧୦ ବର୍ଷ ହେବ ସରକାର ଆଣିଛନ୍ତି ନିୟମ । ତମାଖୁ ସେବନ ର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ମେଁ ୩୧ ତାରିଖ ରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ । ସ୍କୁଲ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ବ୍ୟବସାଇମାନେ ଖୁଲମ ଖୁଲା ଗୁଠଖା ବିକ୍ରି କରୁଛନ୍ତି । ନିଆଳି ଥାନାର ପୂର୍ବତନ ଆଇଆଇସି ବିଜୟ କୁମାର ମଳିକ ୨୪, ସେପ୍ଟେମ୍ବର ୨୦୨୫ରେ ମାତ୍ର ଗୋଟିଏ ଥର ଗୁଟଖା ବିକ୍ରି ଉପରେ ଅଭିଯାନ କରିଥିଲେ । ଏହି ଗୋଟିଏ ଦିନ ଅଭିଯାନ ସରିବା ପରେ ସତେ ଯେମିତି ବନ୍ଧ ହୋଇଯାଇଛି ଗୁଟଖା ଉପରେ ରୋକ ଲଗାଇବା । ନିଆଳି ପୋଲିସ ଗୁଠଖା ବେପାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଭୁଲି ଯାଇଛି । ନିଆଳି ହାଇସ୍କୁଲ ପାଖରେ ପ୍ରବଳ ମାତ୍ରାରେ ଗୁଟଖା ବିକ୍ରି ହେଉଥିବା ବେଳେ ଛାତ୍ରମାନେ ବିଦ୍ୟାଳୟକୁ ଆସିବା ସହ ପକେଟରେ ଲୁଚେଇ ବିଦ୍ୟାଳୟକୁ ଯାଉଛନ୍ତି । ନିଆଳି ହାଇସ୍କୁଲର ପ୍ରଧାନଶିକ୍ଷକ କୁମର ବର ସାମଲ ଜଣେ ଅଷ୍ଟମ ଶ୍ରେଣୀର ଛାତ୍ର ଗୁଟଖା ଖାଉଥିବା ଶିଶିଟିଭି ଫୁଟେଜରେ ଦେଖି ଛାତ୍ରଙ୍କୁ ଡାକି ତାଗିଦ କରିବା ସହ ଅଭିଭାବକଙ୍କୁ ଡକାଇଛନ୍ତି । ଏବେ ସାଧାରଣରେ ପ୍ରଶ୍ନ ନିଆଳି ପୋଲିସ ଗୁଟଖା ବେପାରୀଙ୍କ ଉପରେ କେବେ ନବ କାର୍ଯ୍ୟାନୁଷ୍ଠାନ ।

## ପାଗଳ କୁକୁର କାମୁଡାରେ ୧୨ ଗୁରୁତର

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଞ୍ଚଳରେ ଏକ ପାଗଳା କୁକୁର ଆକ୍ରମଣରେ ଅଞ୍ଚଳରେ ଆତଙ୍କ ଖେଳାଇଛି । ସକାଳୁ ଏହି କୁକୁରଟି ଉତ୍ପାତ ଆରମ୍ଭ କରିଥିଲା । ଏହି ପାଗଳା କୁକୁର ପ୍ରଥମେ ସକାଳୁ ସକାଳୁ ବେଗନା ଗ୍ରାମରେ ୫ଜଣଙ୍କୁ ଆକ୍ରମଣ କରି ଗୁରୁତର କରିଥିଲା । ଏହାପରେ କୁକୁରଟି ଯେଉଁ ରାସ୍ତା ଦେଇ ଗଲା ରାସ୍ତାରେ ଯାହାକୁ ପାଇଲା କାମୁଡିଥିଲା । ଏହି ଆକ୍ରମଣରେ ସନ୍ଧ୍ୟା ସୁଦ୍ଧା ମୋଟ ୧୨ ଜଣକୁ ଆକ୍ରମଣ କରି ଖଣ୍ଡିଆ ଖାବରା କରି ଦେଇଛି । ସମସ୍ତ ଗୁରୁତର ଓ ଆହତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଗୁରୁତର ଓ ଆହତ ବ୍ୟକ୍ତିମାନେ ହେଲେ ସିଲୁ ନାଏକ, କ୍ରିସ୍ ନାଏକ, ଦିବ୍ୟସତ୍ୱି ସେଠୀ, ଦୈତାରୀ ମହାନ୍ତ, ବନିତା ସେଠୀ, ସାଇ ଶ୍ରଦ୍ଧା ସେଠୀ, ବର୍ଷାରାଣୀ ମହାନ୍ତ, ନିରୋୟାନ ଗିରୀ, ଅଜିତ ମୁଣ୍ଡା, ଶକୁନ୍ତଳା ମହାନ୍ତ, ପପୁନ ନାଏକ, ହିମାଂଶୁ ଶେଖର ବିଶ୍ୱାସ, ବୋଲି ଜଣାପଡିଛି । ସମସ୍ତଙ୍କୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇ ଚ଼ିକିତ୍ସା କରାଯାଉଛି ।

## ଜଳ ଯୋଗାଣ ବନ୍ଦ ସମସ୍ୟାରେ ୪୦ ପରିବାର

**କେନ୍ଦୁଝର: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ ସପ୍ତାହେ ହେବ ପାନୀୟଜଳ ଯୋଗାଣ ବନ୍ଦ ରହିଛି । ପାଣି ପାଇଁ ଲୋକେ ହସ୍ତସନ୍ତ ହେଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏଠାରେ ୪୦ ପରିବାର ୧୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ବସବାସ କରୁଛନ୍ତି । ତେବେ ବରଦାପାଳ ନିକଟରୁ ସରକାରଙ୍କ ହରଘର ନଳ ହରଘର ଜଳ ଯୋଜନାରେ ଘରେ ଘରେ ପାଇପ୍ ଯୋଗେ କିଛିମାସ ତଳେ ଜଳ ଯୋଗାଣ ହୋଇଥିଲା । ମାତ୍ର କେନ୍ଦୁପୋଶି ଗ୍ରାମକୁ ପାନୀୟଜଳ ଯୋଗାଣ ବନ୍ଦ ରହିଥିବା ଅଭିଯୋଗ ହୋଇଛି । ତୁରନ୍ତ ଜିଲ୍ଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି । ଗାଁର କୁମୁଦିନୀ ପାତ୍ର ଆଗକୁ ଗ୍ରୀଷ୍ମଋତୁ ଆସୁଛି । ସାହିରେ ଥିବା ତିନିଟି ନଳକୂଅ ଥିଲେ ହେଁ ପାଣି ସମସ୍ୟା ଦେଖାଦେଉଛି । ସରକାର ପାନୀୟ ଜଳ ଯୋଗାଣ ସୁବିଧା କରିଛନ୍ତି । ମାତ୍ର କର୍ମଚ଼ାରୀମାନଙ୍କ ଅବହେଳାରୁ ଲୋକେ ପାନୀୟ ଜଳ ସୁବିଧାରୁ ବଞ୍ଚିତ ହେବା ଦୁଃଖର ବିଷୟ । ପ୍ରଶାସନ ଦୃଷ୍ଟି ଦେଲେ ଲୋକମାନେ ସୁବିଧା ପାଇପାରିବେ । ବୁଦ୍ଧିଜିବୀ ରାୟା ଦାସ କହିଛନ୍ତି ପାନୀୟ ଜଳ ବିଭାଗ ବହୁଦିନ ହେଲାଣି କାମ ଆରମ୍ଭ କରିଛି । ହେଲେ ବିଭିନ୍ନ ସ୍ଥାନରେ ଜଳ ଯୋଗାଣ ରେ ସମସ୍ୟା ରହିଛି । ଏଥିପାଇଁ ଦାୟିତ୍ୱରେ ଥିବା କର୍ମଚ଼ାରୀ ଦାୟୀ । ଜିଲ୍ଲାପାଳ ଏଦିଗରେ ପଦକ୍ଷେପ ନିଅନ୍ତୁ । ଯୋଶବନ୍ତ ପାତ୍ର କୁହନ୍ତି ପାଣି ପାଇଁ ଗ୍ରାମର ଲୋକେ କଳି ଝଗଡା ଲାଗୁଛନ୍ତି । ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଯୋଜନା କରିଛନ୍ତି । ଅବହେଳା ପାଇଁ କାମ ନସରିବା ଦୂରର କଥା ସୁବିଧାରୁ ଲୋକେ ବଞ୍ଚିତ ହେଉଛନ୍ତି । ତୁରନ୍ତ ପ୍ରଶାସନ ପାନୀୟଜଳ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା




**ବ୍ରହ୍ମପୁର: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚ଼ିବ ବ୍ୟୋମକେଶ ନାୟକଙ୍କ ପୌରାହିତ୍ୟରେ ବ୍ରହ୍ମପୁର ସହର ସ୍ଥିତ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟରେ ବୁଧବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । 'ପୋସ ଆକ୍ଟ, ସାମ୍ବିଧାନିକ ଅଧିକାର ଏବଂ ନାଗରିକଙ୍କ କର୍ତ୍ତବ୍ୟ' ବିଷୟ ନେଇ ଏହି ଆଇନଗତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା ଏନସି ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ରଖିଥିବା ବେଳେ ଆଇନ ସେବା ପ୍ରାଧିକରଣ ସଚ଼ିବ ବ୍ୟୋମକେଶ ନାୟକ ଦିବସର ମହତ୍ତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭୂମିକା ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ପରିପ୍ରେକ୍ଷୀରେ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ନରେଶ ମହାନ୍ତି, ପରିବାର ଅଦାଲତ ବିଚ଼ାରପତି ଜାନକୀ ବିଶ୍ୱାଳ, ପୋକସୋ କୋର୍ଟ ବିଚ଼ାରପତି ପ୍ରଣତି ପଟ୍ଟନାୟକ, ପିଓ ଓପିଆଇଡି ସଂଗୀତା ପାଣି, ଜେଏମଏଫସି ଟ୍ରାନ୍ସପୋର୍ଟ ସବ୍ୟସାଚ଼ୀ ପଣ୍ଡା, ସିଭିଲ କୋର୍ଟ ବିଚ଼ାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ଜେଏମଏଫସି ଏଲଆର ଏବଂ ଏଲଟିଭି ଅନନ୍ୟା ଦାସ, ଜେଏମଏଫସି ବ୍ରହ୍ମପୁର ସସ୍ମିତା ସାମଲ ଉପସ୍ଥିତ ରହିବା ସହ ମହାବିଦ୍ୟାଳୟର ପ୍ରତ୍ୟେକ ଅଧ୍ୟାପକ/ଅଧ୍ୟାପିକା ଏବଂ ସମସ୍ତ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ ।

## ବାଣିଜ୍ୟ

## ଇଣ୍ଡିଗୋର ସେୟାର ୪% ହ୍ରାସ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଦେଶର ସର୍ବବୃହତ ବିମାନ କମ୍ପାନୀ ଡିସେମ୍ବର ତ୍ରୟମାସିକ ନିଟ୍ ଲାଭରେ ୭୮ ପ୍ରତିଶତ ହ୍ରାସ ୫୪୯.୧ କୋଟି ଟଙ୍କା ରିପୋର୍ଟ କରିବା ପରେ ଶୁକ୍ରବାର ସେୟାର ସେୟାରରେ ଇଣ୍ଡିଗୋର ମୂଳ କମ୍ପାନୀ ଇଣ୍ଟରଗ୍ଲୋବ ଆଭିଏସନ୍‌ର ସେୟାର ପ୍ରାୟ ୪% ହ୍ରାସ ପାଇଛି । ବିଏସଇରେ ପ୍ରତ୍ୟେକ ଅଂଶ ୩.୮୭ ପ୍ରତିଶତ ହ୍ରାସ ପାଇ ୪,୭୨୩.୬୦ ଟଙ୍କା ହୋଇଛି । ଏନଏସଇରେ, ଇଣ୍ଟରଗ୍ଲୋବ ଆଭିଏସନ୍‌ର ସେୟାର ୩.୭୯ ପ୍ରତିଶତ ହ୍ରାସ ପାଇ ୪,୭୨୨.୫୦ ଟଙ୍କା ହୋଇଛି । ୩୦-ସେୟାର ବିଏସଇ ସେନସେକ୍ସ ୪୬.୨୪ ପଏଣ୍ଟ କିମ୍ବା ୦.୦୬ ପ୍ରତିଶତ ହ୍ରାସ ପାଇ ୮୨,୨୬୧.୧୩ରେ ପହଞ୍ଚିଛି, ଯେତେବେଳେ ଏନଏସଇ ନିଫ୍ଟି ୮.୨୦ କିମ୍ବା ୦.୦୩ ପ୍ରତିଶତ ହ୍ରାସ ପାଇ ୨୫,୨୮୧.୭୦ରେ ପହଞ୍ଚିଛି ।

ଭାରତର ସର୍ବବୃହତ ବିମାନ କମ୍ପାନୀ ଇଣ୍ଡିଗୋ ଗୁରୁବାର ଡିସେମ୍ବର ତ୍ରୈମାସିକରେ ନିଟ୍ ଲାଭରେ ୭୮ ପ୍ରତିଶତ ହ୍ରାସ ପାଇ ୫୪୯.୧ କୋଟି ଟଙ୍କା ହୋଇଥିବା ରିପୋର୍ଟ କରିଛି, କାରଣ ଉଡ଼ାଣ ବାଧା ଏବଂ ନୂତନ ଶ୍ରମ ସଂହିତା କାର୍ଯ୍ୟକାରୀ ହେବା ଦ୍ୱାରା ଏହାର ଆୟ ଉପରେ ପ୍ରଭାବ ପଡ଼ିଛି ।

କମ୍ପାନୀର ଏକ ବିବୃତ୍ତି ଅନୁଯାୟୀ, ଅକ୍ଟୋବର-ଡିସେମ୍ବର ତ୍ରୈମାସିକରେ ବିମାନ କମ୍ପାନୀ ୫୪୯.୧ କୋଟି ଟଙ୍କା ନିଟ୍ ଲାଭ ରିପୋର୍ଟ କରିଛି, ଯାହା ପୂର୍ବ ବର୍ଷ ଏହି ଅବଧିରେ ୨,୪୪୮.୮ କୋଟି ଟଙ୍କା ରୋଜଗାର କରିଥିଲା ।

କମ୍ପାନୀ କହିଛି ଯେ ତୃତୀୟ ତ୍ରୈମାସିକରେ ଏହା ୧,୫୪୬.୫ କୋଟି ଟଙ୍କା କ୍ଷତି ସହିଛି । ଏଥିରେ ଡିସେମ୍ବର ଆରମ୍ଭରେ ଦେଖାଯାଇଥିବା ବ୍ୟାପକ ଉଡ଼ାଣ ବାଧା ଯୋଗୁଁ ୫୭୭.୨ କୋଟି ଟଙ୍କା ଏବଂ ନୂତନ ଶ୍ରମ ଆଇନ କାର୍ଯ୍ୟକାରୀ ହେବା ଯୋଗୁଁ ଆଉ ୯୬୯.୩ କୋଟି ଟଙ୍କା ଅନ୍ତର୍ଭୁକ୍ତ । ଉଡ଼ାଣ ବାଧା ପାଇଁ ଇଣ୍ଡିଗୋକୁ ୨୨.୨ କୋଟି ଟଙ୍କା ଜରିମାନା ଦିଆଯାଇଥିଲା, ଯାହାକୁ ଏହା ଅସାଧାରଣ ଜିନିଷ ଭାବରେ ଗଣନା କରିଛି ।

ଚ଼ଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ, ଇଣ୍ଡିଗୋର ମୂଳ କମ୍ପାନୀ ଇଣ୍ଟରଗ୍ଲୋବ ଆଭିଏସନ୍ ମୋଟ ୨୪,୫୪୦.୬ କୋଟି ଟଙ୍କା ଆୟ ରେକର୍ଡ କରିଛି, ଯାହା ଗତ ବର୍ଷ ଏହି ସମୟର ୨୨,୯୯୨.୮ କୋଟି ଟଙ୍କା ତୁଳନାରେ ଅଧିକ । ଇଣ୍ଡିଗୋର ସିଇଓ ପିଟର ଏଲବର୍ସ କହିଛନ୍ତି ଯେ ଡିସେମ୍ବର ତ୍ରୈମାସିକରେ କମ୍ପାନୀ ପ୍ରମୁଖ କାର୍ଯ୍ୟକ୍ଷମ ବାଧାଗୁଡ଼ିକର ସମ୍ମୁଖୀନ ହୋଇଥିଲା, ଯାହାର ଫଳସ୍ୱରୂପ ଡିସେମ୍ବର ୩ ରୁ ୫ ପର୍ଯ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିମାନ ବାତିଲ ଏବଂ ବିଳମ୍ବ ହୋଇଥିଲା ।

'ଏହି କାର୍ଯ୍ୟକ୍ଷମ ବାଧା ସତ୍ତ୍ୱେ, ଇଣ୍ଡିଗୋ ଡିସେମ୍ବର ତ୍ରୈମାସିକରେ ପ୍ରାୟ ୨୪୫ ବିଲିୟନ ଟଙ୍କା ପ୍ରଦାନ କରିଛି, ଯାହା ପ୍ରାୟ ୭ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି ଯାହା ପ୍ରାୟ ୫ ବିଲିୟନ ଟଙ୍କା ଲାଭ ଏବଂ ଅସାଧାରଣ ଜିନିଷ ଏବଂ ୩୧ ବିଲିୟନ ଟଙ୍କାର ବିଦେଶୀ ମୁଦ୍ରାକୁ ବାଦ ଦେଇ ଏକ ମୂଳ ଲାଭକୁ ପ୍ରତିଫଳିତ କରୁଛି,' ଏଲବର୍ସ କହିଛନ୍ତି ।

ଡିସେମ୍ବର ଆରମ୍ଭରେ, ଇଣ୍ଡିଗୋ ବ୍ୟାପକ ପରିଚ଼ାଳନାଗତ ବାଧାର ସମ୍ମୁଖୀନ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ, ବେସାମରିକ ବିମାନ ଚ଼ଳାଚ଼ଳ ନିର୍ଦ୍ଦେଶାଳୟ (ଡିଜିସିଏ) ଫେବୃଆରୀ ୧୦ ପର୍ଯ୍ୟନ୍ତ ବିମାନ କମ୍ପାନୀର ଶୀତକାଳୀନ କାର୍ଯ୍ୟସୂଚ଼ୀକୁ ୧୦ ପ୍ରତିଶତ ହ୍ରାସ କରିଥିଲା । ଡିସେମ୍ବର ୩ରୁ ୫ ମଧ୍ୟରେ, ୨,୫୦୭ଟି ବିମାନ ବାତିଲ କରାଯାଇଥିଲା ଏବଂ ୧,୮୫୨ଟି ବିମାନ ବିଳମ୍ବ ହୋଇଥିଲା, ଯାହା ଦେଶର ବିମାନବନ୍ଦରରେ ୩ ଲକ୍ଷରୁ ଅଧିକ ଯାତ୍ରୀଙ୍କୁ ପ୍ରଭାବିତ କରିଥିଲା, ନିୟାମକ ଜାନୁଆରୀ ୨୦ରେ ଏକ ବିବୃତ୍ତିରେ କହିଛି ।

## ଭିନ୍ନକ୍ଷମ ଭତ୍ତାକୁ ଚ଼ାହିଁ ଆଖି ବୁଜିଲେ କୁଷ୍ଠ ପୀଡ଼ିତ



**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ଜଳେଶ୍ୱର ବ୍ଲକ ଗୋବରଘାଟା ପଞ୍ଚାୟତରେ ଦୀର୍ଘ ୨୬ବର୍ଷ ଧରି ବସବାସ କରୁଥିବା କୁଷ୍ଠ ରୋଗାକ୍ରାନ୍ତ ଖଗେନ ରଣା(୬୫) ଚ଼ିକିତ୍ସା ଓ ପଥ୍ୟ ଅଭାବରୁ ମୃତ୍ୟୁ ଘଟିଛି । ବଣି ପୋଖରୀ ନିକଟ ଏକ ପରିତ୍ୟକ୍ତ ଇଟା ଭାଟିରେ ଆଶ୍ରୟ ନେଇ ୭ଜଣିଆ ପରିବାର ମଜୁରୀ ଲାଗି ପେଟ ପୋଷୁଥିଲେ । କିନ୍ତୁ ପିଲାମାନେ ଅଞ୍ଚଳରେ ଜନ୍ମ ହୋଇଥିବା ବେଳେ ୨ଜଣଙ୍କୁ ଛାଡି ଭୋଟ ପରିଚ଼ୟ ପତ୍ର କିମ୍ବା ଆଧାର କାର୍ଡ ସେମାନଙ୍କର ନାହିଁ । ଫଳରେ ସମସ୍ତ ସରକାରି ଯୋଜନାରୁ ଦୀର୍ଘଦିନ ଧରି ଅସହାୟ ପରିବାର ବଞ୍ଚିତ ରହିଥିଲେ । ଗଣମାଧ୍ୟମରେ ଖବର ପ୍ରସାରଣ ପରେ ବ୍ଲକ ଓ ଜିଲ୍ଲା ପ୍ରଶାସନ କୁଷ୍ଠରୋଗାକ୍ରାନ୍ତ ଦମ୍ପତିଙ୍କୁ ଭଙ୍ଗା କୁଡ଼ିଆରୁ ଉଦ୍ଧାର କରି ଚ଼ିକିତ୍ସା ପାଇଁ ହାତିଗଡ ହସ୍ପିଟାଲକୁ ପଠାଇବା ସହିତ ତୁରନ୍ତ ରାସନ୍ ଚ଼ାଉଳ ପ୍ରଦାନ ବ୍ୟବସ୍ଥା କରିଥିଲେ । ସେମାନଙ୍କ ଥଇଥାନ ଲାଗି ବ୍ଲକ ଓ ପଞ୍ଚାୟତ ସ୍ତରରେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୪ବର୍ଷ ଧରି କେହି କର୍ଣ୍ଣପାତ କରୁନଥିଲେ । ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ବାରମ୍ବାର ଗୁହାରି କରିଥିଲେ ମଧ୍ୟ ଆଧାର କାର୍ଡ ନଥିବାରୁ ଭତ୍ତା ହେଉନଥିବା ଗତ ସାମାଜିକ ସୁରକ୍ଷା ଅଧିକାରିଣୀ ସଫେଇ ଦେଇଥିଲେ । କିନ୍ତୁ ଦୁଃଖ ପରିତାପର ବିଷୟ ଭୋଟର ଲିଷ୍ଟରେ ନାଁ ନଥିବାରୁ ଜନପ୍ରତିନିଧିମାନେ ସାହାଯ୍ୟ କରିବାରେ ବିଶେଷ ଆଗ୍ରହ ଦେଖାଉ ନଥିବା ପରିବାର ଅଭିଯୋଗ କରିଛନ୍ତି । ଖରା ବର୍ଷା ଶୀତରେ ଦୀର୍ଘଦିନ ଧରି ରୋଗଶଯ୍ୟାରେ ପଡି ଚ଼ିକିତ୍ସା ଓ ଔଷଧ ନପାଇ ଶୁକ୍ରବାର ୧୦ଟାରେ ଖଗେନର ଦୁଃଖଦ ମୃତ୍ୟୁ ଘଟିଛି । କୁଷ୍ଠ ରୋଗଗ୍ରସ୍ତ ସ୍ତ୍ରୀ ଶାନ୍ତି ରଣା (୫୫)ଅକର୍ମଣ୍ୟ ହୋଇ ସଢୁଥିବା ବେଳେ ଅଳ୍ପ ବୟସର ପୁଅମାନେ ମୂଲ ଲାଗି ଆହାର ଯୋଗାଉଛନ୍ତି । ସାମ୍ବାଦିକଙ୍କ ଠାରୁ ସୂଚ଼ନା ପାଇଁ ଜଳେଶ୍ୱର ଲୋକପ୍ରିୟ ବିଡ଼ିଓ ପୀଡ଼ିତ ପରିବାର ଠାରେ ପହଞ୍ଚି ବ୍ୟକ୍ତିଗତ ସହାୟତା ପ୍ରଦାନ ସହ ସରକାରୀ ସମସ୍ତ ଯୋଜନାରେ ସାମିଲ୍ କରାଯିବା ସମ୍ପର୍କରେ ପ୍ରତିଶ୍ରୁତି ଦେଇଥିବା ବେଳେ ଚ଼ନ୍ଦନ କର ଉପସ୍ଥିତ ଥିଲେ । ସତ୍କାର ଲାଗି କୌଣସି ସମ୍ବଳ ନଥିବା ବେଳେ ଭୋଲା ଭଣ୍ଡାରୀ ଅନ୍ନଦାତା ପରିବାର ପ୍ରମୁଖ ସଭ୍ୟ ହରିଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ବଳାରାମ ବାଗ ପ୍ରମୁଖ ଓ ଭାଟା ମାଲିକଙ୍କ ସହଯୋଗରେ ସୁବର୍ଣ୍ଣରେଖା ନଦୀକୂଳରେ ସତ୍କାର କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଗୋପୀ, କ୍ରିଷ୍ଣା, ମଙ୍ଗଳା ଥିବାବେଳେ ବଡ଼ ପୁଅ ଉତ୍ତମ ମୁଖାଗ୍ନି ଦେଇଥିଲେ । ଅନ୍ତେଷ୍ଟି କ୍ରିୟା ଲାଗି ପ୍ରଶାସନ ଓ ସାମାଜିକ ସଂଗଠନକୁ ସହାୟତା ପାଇଁ ସାଧାରଣରେ ନିବେଦନ କରାଯାଇଛି ।

## ସିନେମାଫିନେମା ଟିଭିଫିଭି

## ସଲମାନ ଖାନଙ୍କୁ ହାଇକୋର୍ଟ ନୋଟିସ



ଦବଙ୍ଗ ସଲମାନ ଖାନଙ୍କୁ ନୋଟିସ୍ ଜାରି କରିଛି ଦିଲ୍ଲୀ ହାଇକୋର୍ଟ । ଚ଼ୀନର ଏକ ଏଆଇ ଆଧାରିତ ଭଏସ-ଜେନେରେସନ୍ କମ୍ପାନି ଦ୍ୱାରା ଆବେଦନ ଦାଖଲ ପରେ ତାଙ୍କୁ ଏହି ନୋଟିସ୍ ପଠାଯାଇଛି । ଏଥିରେ ସଲମାନଙ୍କ ବ୍ୟକ୍ତିତ୍ୱ ଓ ପ୍ରଚ଼ାର ଅଧିକାରକୁ ସୁରକ୍ଷା ପ୍ରଦାନ କରୁଥିବା କୋର୍ଟର ଅନ୍ତରୀଣ ଆଦେଶକୁ କମ୍ପାନି ଚ଼ାଲେଞ୍ଜ୍ ଦେଇଛି ।

ଦିଲ୍ଲୀ ହାଇକୋର୍ଟ ଡିସେମ୍ବର ୧୧, ୨୦୨୫ରେ ସଲମାନଙ୍କ ବ୍ୟକ୍ତିତ୍ୱ ଅଧିକାରର ସୁରକ୍ଷା ଲାଗି ଅନ୍ତରୀଣ ଆଦେଶ ପାରିତ କରିଥିଲେ । ଏଥିରେ ସଲମାନଙ୍କ ଅନୁମତି ବିନା ତାଙ୍କ ନାଁ, ଫଟୋ, ସ୍ୱର, ମୁହଁ ଓ ତାଙ୍କ ସାର୍ବଜନୀନ ପରିଚ଼ୟ ସହ ଜଡିତ ଅନ୍ୟ ବସ୍ତୁର ଉପଯୋଗ ଉପରେ କୋର୍ଟ ରୋକ ଲଗାଇଥିଲେ । ଉଭୟ ଡିଜିଟାଲ ଓ କମର୍ସିଆଲ ପ୍ଲାଟଫର୍ମ କ୍ଷେତ୍ରରେ ଏହା ଲାଗୁ କରାଯାଇଥିଲା । ସଲମାନ ଏ ନେଇ କୋର୍ଟରେ ଅଭିଯୋଗ କରିଥିଲେ, ତାଙ୍କ ଅନୁମତି ବିନା ଏଆଇ ଦ୍ୱାରା ପ୍ରସ୍ତୁତ ସ୍ୱର, ଡିପ୍‌ଫେକ୍ ଭିଡିଓ, ନକଲି ବିଜ୍ଞାପନ ଏବଂ ବିକ୍ରି ହେଉଥିବା ସାମଗ୍ରୀ ଜରିଆରେ ତାଙ୍କ ପରିଚ଼ୟର ଅପବ୍ୟବହାର ହେଉଛି । ଏହା ପରେ ହାଇକୋର୍ଟ ତାଙ୍କର ବ୍ୟକ୍ତିତ୍ୱ ଅଧିକାର ସୁରକ୍ଷା ଆଦେଶ ଦେଇଥିଲେ ।

ତାଙ୍କ ବିରୋଧରେ ଆବେଦନ କରିଥିବା ଚ଼ୀନର କମ୍ପାନି କହିଛି, ଏହି ଅନ୍ତରୀଣ ଆଦେଶ ତା'ର ବ୍ୟବସାୟିକ ଗତିବିଧିକୁ ପ୍ରଭାବିତ କରିବ । କାରଣ କମ୍ପାନିର କାମ ଏଆଇ ଜରିଆରେ ଭଏସ୍ ମଡେଲ ପ୍ରସ୍ତୁତ କରିବା । ଏହି ଆବେଦନ ପରେ କୋର୍ଟ ସଲମାନଙ୍କୁ ନୋଟିସ୍ ଜାରି କରି ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କହିଛନ୍ତି । ଆସନ୍ତା ୨୭ ଫେବୃଆରୀରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ସଲମାନଙ୍କ ପୂର୍ବରୁ ଅମିତାଭ ବଚ୍ଚନ, ଅନିଲ କପୁର, ଜ୍ୟାକି ଶ୍ରଫ୍, ଐଶ୍ୱର୍ଯ୍ୟା ରାୟ, ଅଭିଷେକ ବଚ୍ଚନ, କରନ ଜୋହରଙ୍କ ଭଳି ସେଲିବ୍ରିଟି ବ୍ୟକ୍ତିତ୍ୱ ଅଧିକାର ସୁରକ୍ଷା ହାସଲ କରିଛନ୍ତି । ଏହା ଅନ୍ତର୍ଗତ କୌଣସି ବ୍ୟକ୍ତି ଏମାନଙ୍କ ଫଟୋ, ସ୍ୱର କିମ୍ବା ପରିଚ଼ୟ ସହ ସଂଶ୍ଳିଷ୍ଟ କୌଣସି ବସ୍ତୁ ସେମାନଙ୍କ ଅନୁମତି ବିନା ଉପଯୋଗ କରିପାରିବେ ନାହିଁ ।

■ ଆଜିର ଛୋଟ ଛୋଟ ପିଲାଏ ସ୍ମାର୍ଟଫୋନ୍‌କୁ ଯେତେ ସହଜରେ ବ୍ୟବହାର କରିପାରୁଛନ୍ତି ଅନେକ ବାପା ମା’ଙ୍କ କ୍ଷେତ୍ରରେ ଏହା ସେତେଟା ସହଜ ହେଉନି । ଏ କ୍ଷେତ୍ରରେ ବାପା ମା’ଙ୍କ ମୋବାଇଲ୍ ଗୁରୁ ପିଲାଏ ପାଲଟି ଯାଉଛନ୍ତି । ଯେତେବେଳେ ବାପା ମା’ ପିଲାଙ୍କୁ ଶିଖାଇବା କଥା ସେତେବେଳେ ବାପା ମା’ ପିଲାଙ୍କଠାରୁ ଶିଖୁଛନ୍ତି । ଝୁଣ୍ଟିଲେ ପଚାରି ବୁଝୁଛନ୍ତି ପିଲାଙ୍କ ପାଖରୁ । ତେଣୁ ବାପା ମା’ ଭାବୁଛନ୍ତି ସେମାନେ ଠିକ୍ ଭାବରେ ସ୍ମାର୍ଟଫୋନ୍‌ର ବ୍ୟବହାର କରୁଥିବେ ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨୪ ଜାନୁଆରୀ ୨୦୨୬ | ଶନିବାର

# ଓଡ଼ିଶା ଏକ୍ସପ୍ରେସ୍

## ପିଲାଙ୍କୁ ନଷ୍ଟ କରୁଛି ସୋସିଆଲ୍ ମିଡିଆ

**ଛୋ**ଟଛୋଟ ପିଲାଙ୍କୁ ଅପରାଧ ପ୍ରବଣ କରାଉଛି ସୋସିଆଲ୍ ମିଡିଆ । ହତ୍ୟା, ଦୁଷ୍କର୍ମ ଏବଂ ଆତ୍ମହତ୍ୟା ଭଳି ଘଟଣା ବଢୁଛି ଏଇ କାରଣରୁ । ସୋସିଆଲ୍ ମିଡିଆ ଲଟେରୀରେ ହାରି ପିଲାଏ ଆତ୍ମହତ୍ୟାର ବାଟକୁ ବାଛି ନେଉଥିବା ଭଳି ଖବର ମଧ୍ୟ ପ୍ରକାଶ ପାଉଛି ।

ସୋସିଆଲ୍ ମିଡିଆରେ ଭଲ-ମନ୍ଦ ଉଭୟ ତଥ୍ୟ ଉପଲବ୍ଧ । କେଉଁଟା ଦେଖିବା କଥା ଏବଂ କେଉଁଟା ଦେଖିବା କଥା ନୁହେଁ- ଏ ନିଷ୍ପତ୍ତି ଛୋଟ ପିଲାମାନେ ନେଇପାରନ୍ତି ନାହିଁ । ଏମାନଙ୍କ ଅନୁସନ୍ଧିତ୍ସୁ ମନ ବଡ଼ଙ୍କ ପାଇଁ ଉପଲବ୍ଧ ବିଷୟ, ଏଭଳି କି ଯୌନ ସମ୍ପର୍କିତ ବିଷୟବସ୍ତୁ ପ୍ରତି ମଧ୍ୟ ଆଗ୍ରହୀ ହୋଇଥାଏ । ଧୀରେଧୀରେ ଏହା ସେମାନଙ୍କ ଅଭ୍ୟାସରେ ପଡ଼ିଯାଏ ।

କରୋନା ମହାମାରୀ ପରଠୁ ଛୋଟ ଛୋଟ ସ୍କୁଲ୍ ପିଲାଙ୍କ ହାତକୁ ମଧ୍ୟ ଚାଲିଆସିଲା ସ୍ମାର୍ଟଫୋନ୍ । ପିଲାଙ୍କ ଅନ୍‌ଲାଇନ୍ ପାଠପଢ଼ା ପାଇଁ ବାପା ମା’ ସେମାନଙ୍କ ହାତରେ ଧରାଇଦେଲେ ସ୍ମାର୍ଟଫୋନ୍ । ପାଠପଢ଼ା ବାଦ୍ ସେମାନେ ସେଥିରେ କ’ଣ ଦେଖୁଛନ୍ତି ବାପା ମା’ ଏ ଖବର ପ୍ରାୟ ରଖନ୍ତି ନାହିଁ । ବାପା ମା’ ଉଭୟେ ଯଦି କର୍ମଜୀବୀ ହୋଇଥାନ୍ତି, ତା’ହେଲେ ଘରେ ପିଲାଏ କ’ଣ କରୁଛନ୍ତି, କାମବାଲୀ ଆସିଲା କି ନାହିଁ- ଏ ଖବର ବୁଝିବା ପାଇଁ ମଧ୍ୟ ବାପା ମା’ ପିଲାଙ୍କୁ ସ୍ମାର୍ଟଫୋନ୍ ଦେବାକୁ ଉଚିତ୍ ମଣୁଛନ୍ତି ଏବେ । ଘରର ଟିକିନିକି ଖବର ରଖୁଛନ୍ତି ସ୍ମାର୍ଟଫୋନ୍‌ରେ । ସେମାନେ ଭାବୁଛନ୍ତି ସ୍ମାର୍ଟଫୋନ୍ ମାଧ୍ୟମରେ ପିଲାଙ୍କ ଉପରେ ନଜର ରଖିହେବ । ଏହା ଯେ ପିଲାଙ୍କ ପାଇଁ ଭବିଷ୍ୟତରେ ବିପଦ ସୃଷ୍ଟି କରିବ ଏକଥା ଆଜିର ବାପା ମା’ ଚିନ୍ତା କରୁନାହାନ୍ତି ।


ଆଉ ଏକ ଦୁର୍ଭାଗ୍ୟର କଥା ହେଉଛି- ଆଜିର ଛୋଟ ଛୋଟ ପିଲାଏ ସ୍ମାର୍ଟଫୋନ୍‌କୁ ଯେତେ ସହଜରେ ବ୍ୟବହାର କରିପାରୁଛନ୍ତି ଅନେକ ବାପା ମା’ଙ୍କ କ୍ଷେତ୍ରରେ ଏହା ସେତେଟା ସହଜ ହେଉନି । ଏ କ୍ଷେତ୍ରରେ ବାପା ମା’ଙ୍କ ମୋବାଇଲ୍ ଗୁରୁ ପିଲାଏ ପାଲଟି ଯାଉଛନ୍ତି । ଯେତେବେଳେ ବାପା ମା’ ପିଲାଙ୍କୁ ଶିଖାଇବା କଥା ସେତେବେଳେ ବାପା ମା’ ପିଲାଙ୍କଠାରୁ ଶିଖୁଛନ୍ତି । ଝୁଣ୍ଟିଲେ ପଚାରି ବୁଝୁଛନ୍ତି ପିଲାଙ୍କ ପାଖରୁ । ତେଣୁ ବାପା ମା’ ଭାବୁଛନ୍ତି ସେମାନେ ଠିକ୍ ଭାବରେ ସ୍ମାର୍ଟଫୋନ୍‌ର ବ୍ୟବହାର କରୁଥିବେ ।

ସ୍ମାର୍ଟଫୋନ୍‌ରେ ଏଭଳି ଭିଡିଓ ଉପଲବ୍ଧ ହେଉଛି ଯାହାଫଳରେ ପିଲାଙ୍କ ପାଖରୁ ବହିପଢ଼ାର ଆଗ୍ରହ କମିଯାଉଛି । ଖୁବ୍ ଅଳ୍ପ ବୟସରୁ ସେମାନେ ଅଧିକ ପରପକ୍ୱ ହୋଇଯାଉଛନ୍ତି । ଏଇ କାରଣରୁ ଆଗକୁ ଆଲ୍‌ଜାଇମର ଏବଂ ଡିମେନସିଆ ଭଳି ଭୁଲା ରୋଗ ଅଧିକ ଦେଖାଦେଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି । ଛୋଟ ଛୋଟ ପିଲାଙ୍କ ପାଖରେ ଦୃଷ୍ଟିଶକ୍ତି ସମସ୍ୟା ବଢ଼ିବାରେ ଲାଗିଛି ।

ଉଭୟ ମାନସିକ ଏବଂ ଶାରୀରିକ ସ୍ତରରେ ସୋସିଆଲ୍ ମିଡ଼ିଆର ଏକ ନକରାତ୍ମକ ପ୍ରଭାବ ପଡୁଛି ବୋଲି ସମଗ୍ର ବିଶ୍ୱ ଉପଲବ୍ଧି କଲାଣି ।

ଏକ ଆଶା ଉଦ୍ରେକକାରୀ ଖବର ହେଉଛି- ୧୬ ବର୍ଷରୁ କମ୍ ବୟସର ପିଲାଙ୍କ ସୋସିଆଲ୍ ମିଡିଆ ବ୍ୟବହାର ଉପରେ ଅଷ୍ଟ୍ରେଲିଆ ଭଳି ପ୍ରତିବନ୍ଧକ ଲଗାଇବ ଆନ୍ଧ୍ରପ୍ରଦେଶ । ଏ ନେଇ ଅଷ୍ଟ୍ରେଲିଆର ନିଷେଧାଦେଶ ଉପରେ ଅଧ୍ୟୟନ କରାଯାଉଛି ବୋଲି ମଙ୍ଗଳବାର ଆନ୍ଧ୍ର ପ୍ରଯୁକ୍ତି ବିଦ୍ୟା ଓ ମାନବ ସମ୍ବଳ ମନ୍ତ୍ରୀ କହିଛନ୍ତି । ସୋସିଆଲ୍ ମିଡିଆରେ ପ୍ରବେଶ କରୁଥିବା ନାବାଳକଙ୍କ ପାଇଁ ଭାରତ ପିତା ମାତାଙ୍କ ନିୟନ୍ତ୍ରଣ ଲାଗୁ କରିଛି, କିନ୍ତୁ ବ୍ୟାପକ ପ୍ରତିବନ୍ଧକ ଉପରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ କୌଣସି ମତ ପ୍ରକାଶ କରିନାହାନ୍ତି । ସୋସିଆଲ୍ ମିଡ଼ିଆ ପ୍ଲାଟଫର୍ମ ଓ କ୍ଷତିକାରକ ଅନ୍‌ଲାଇନ୍ ବିଷୟବସ୍ତୁ ଉପରେ କଠୋର ନିୟନ୍ତ୍ରଣ ପାଇଁ କୋର୍ଟରେ ପିଟିସନ ଦାଖଲ କରାଯାଇଥିବା ବେଳେ ରାଜ୍ୟ ସରକାର ମଧ୍ୟ ଏଭଳି ବିଚାର କରୁଛନ୍ତି । ସୋସିଆଲ୍ ମିଡ଼ିଆ ୧୬ ବର୍ଷରୁ କମ୍ ବର୍ଷ ପିଲାଙ୍କ ପାଇଁ ସମ୍ପୂର୍ଣ୍ଣ ଭାବେ ନିଷିଦ୍ଧ କରିବାର ଆବଶ୍ୟକତା ଆମ ଦେଶରେ ମଧ୍ୟ ରହିଛି ।

# ରଜପଥରୁ ରାଜପଥ



## ଅଆ-ପଣକିଆ

ବିଜୟ ଦାସ

**ଗ୍ରା**ମ୍ୟ ସଭ୍ୟତାରୁ ସହରି ସଭ୍ୟତା ମଧ୍ୟରେ ବିସ୍ତୃତ ପରିବର୍ତ୍ତନର ସ୍ୱରକୁ ଲିପିବଦ୍ଧ କରେ ରଜପଥରୁ ରାଜପଥ । ପଥ ଏକ ମାର୍ଗ, ସଂଯୋଗ କରିବାର ରେଖା । ଏହା ବେଳେବେଳେ ଅଭିନ୍ନ ଓ ବେଳେବେଳେ ଅଭିନ୍ନ । ଗମନାଗମନର ସୁବିଧାକୁ ସ୍ଥୂଳ ଭାବରେ ଏହା ଦର୍ଶାଉଥିଲେ ମଧ୍ୟ ଭାବ, ସଂସ୍କୃତି, ସଭ୍ୟତା ଇତ୍ୟାଦିର ଏକ ସେତୁ ସଦୃଶ ପ୍ରତୀକାତ୍ମକ ପଥ ମଧ୍ୟ । କଞ୍ଚାମାଟିର ମୌଳିକ ସଭ୍ୟତାରୁ ପକ୍କା ସଡ଼କର ଆଧୁନିକ ସଭ୍ୟତାକୁ ରୂପାନ୍ତିକରଣ ହେଉଛି ଆଜିର ବିଷୟ । ରଢ଼ିବାଦୀ ମୌଳିକ ସଂସ୍କୃତିରୁ ପୁଣି ମୁକ୍ତ ବିଚାରର ପ୍ରବାହ ନିଶ୍ଚେ ଏକ ଲମ୍ବା କାହାଣୀ ।

ଏହାର ଭଲ-ମନ୍ଦ, ଭୁଲ୍ ଓ ସଂଶୋଧନର ଗାଥା ନିଶ୍ଚେ ସାମ୍ପ୍ରତିକ ସମୟର ଡାକରା । ହଜିଯାଇଛି ନଈ ତୁଠ ଓ ପୋଖରୀ ଘାଟର ପରମ୍ପରା । କାଠି ବିଞ୍ଚଣାରୁ ଏୟାର କଣ୍ଡିସନ ପର୍ଯ୍ୟନ୍ତ ସଭ୍ୟତାର ଏକ ଲମ୍ବା ରାସ୍ତା ଉପରେ ପର୍ଯ୍ୟାଲୋଚନା କରିବାର ପ୍ରୟାସ । ଏମିତିରେ ଅନେକ କୁସଂସ୍କାର ଆସିଛି । ହେଲେ ମାଟିରୁ ପାଦ ଛାଡ଼ଇ ଯାଉଛି କି ଜଡ଼ିତ ହୋଇ ରହିଛି ତାହା ହିଁ ବିଚାର୍ଯ୍ୟ । ଅତଏବ ଏସବୁର ଏକ ତୁଳନାତ୍ମକ ଆଲୋଚନା ଆଜିର ରଜପଥରୁ ରାଜପଥ ।

### ରାଜପଥ

‘ରାଜପଦକୁ ରାଜପଥ’ ବେଳେବେଳେ ତିଆରି କରିବାକୁ ପଡ଼ିଥାଏ, ଆଉ କେତେବେଳେ ବହୁ ଆଗରୁ ପ୍ରସ୍ତୁତ ହୋଇ ସାରିଥାଏ । ଉତ୍ତରାଧିକାରୀ ଭାବେ ପୈତୃକ ସୂତ୍ରରେ ମିଳିଥିବା ରାଜଗାଦି ରାଜତନ୍ତ୍ରର ଏକ ପ୍ରକ୍ରିୟା ଥିଲା । ମାତ୍ର ବର୍ତ୍ତମାନର ଗଣତନ୍ତ୍ରରେ ରାଜପଥରେ ପଥଚାରୀ ହୋଇ ରାଜପଦରେ ପହଞ୍ଚିବା ପାଇଁ ଜନମତର ଆବଶ୍ୟକତା ଥାଏ । କିନ୍ତୁ କେତେକ କ୍ଷେତ୍ରରେ ଏହି ସିଂହାସନର ଦାବିଦାର ବଂଶାନୁକ୍ରମିକ ଭାବେ ହେଉଛି । ଏହାର ସପକ୍ଷରେ ବା ବିପକ୍ଷରେ ଅନେକ ଯୁକ୍ତି ରହୁଛି । ଯେ କୌଣସି ବ୍ୟକ୍ତି ନିଜକୁ ଏହି ପଦବୀ ପାଇଁ ମଧ୍ୟ ପ୍ରସ୍ତୁତ ହୋଇପାରେ । ଆଜିର ରାଜପଦକୁ ଆମ୍ଭେ ସେବାକାରୀର ଆସନ ବୋଲି ଯେତେ ଡିଣ୍ଡିମ ପିଟିଲେ ବି ଏହା କିନ୍ତୁ କ୍ଷମତାର କେନ୍ଦ୍ର ବୋଲି ସଭିଏଁ ଜାଣନ୍ତି । କ୍ଷମତା ଦିଆଯାଏ ସେବା ପାଇଁ । ମୁରବୀ ପଣିଆ ଜାହିର କରିବାକୁ । ଏଣୁ ଯେକୌଣସି ବ୍ୟକ୍ତିର ଏହି ଦାୟିତ୍ୱ ପାଇଁ ମାନସିକତା, ନିଜକୁ ଗଢ଼ିତୋଳିବା ତଥା ନିର୍ମଳ ସ୍ୱଭାବ ଓ ଚରିତ୍ରର ହେବାର ଆବଶ୍ୟକତା ଅପରିହାର୍ଯ୍ୟ ।

ବାସ୍ତବିକତାରେ ରାଜପଥ ଏକ ସୁଗମ୍ୟ, ପ୍ରଶସ୍ତ, ଗମନାଗମନର ପଥ, ଯାହାକି ସମସ୍ତଙ୍କ ପାଇଁ ଉନ୍ମୁକ୍ତ । ଦ୍ରୁତଗତିରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପାଇଁ ଏବଂ ସମୟର ସଂରକ୍ଷଣ ନିମିତ୍ତ ଓ ବିକାଶଧାରାକୁ ତ୍ୱରାନ୍ୱିତ କରିବାର ମାର୍ଗ । ଏହା ଯେତେବେଳେ ସାଧାରଣ ଜନତାଙ୍କ ପାଇଁ ମଧ୍ୟ ଉପଲବ୍ଧ, ଶାସକମାନଙ୍କ ପାଇଁ ରାଜପଥର ଅର୍ଥ ହିଁ ବଦଳି ଯାଇଛି । ତାହା ହେଉଛି ଆକାଶ ପଥ । ଆକାଶପଥ ହିଁ ରାଜା ସଦୃଶ ଶାସକମାନଙ୍କର ରାଜପଥ । ରାଜପଥକୁ ରାଜ୍ୟର ପଥ ନ ଭାବି ରାଜ୍ୟମାନଙ୍କର ପଥ ଭାବିବା ଉଚିତ୍ । ଭିନ୍ନ ଭିନ୍ନ ପ୍ରଦେଶକୁ ସଂଯୋଗ କରୁଥିବା ଏମନ୍ତ ରାଜପଥର ମୂଲ୍ୟବୋଧ ଅନେକ । କେବଳ ବାଣିଜ୍ୟର ଆମଦାନୀ ରପ୍ତାନି ନୁହେଁ, ଭିନ୍ନ ଭିନ୍ନ ପ୍ରାନ୍ତରେ ଥିବା ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଭାଷାମାନଙ୍କୁ ଯୋଡୁଥିବାର ଅନନ୍ୟ ମାର୍ଗ ଇଏ । ରାଜ୍ୟ ଭିତରେ ଥିବା ସଂଯୋଗକାରିଣୀ ପଥ ସବୁ ରାଜପଥ ହୋଇନପାରେ । ଏସବୁଙ୍କୁ ଯୁବ ରାଜପଥ କହିବି ପାରିବା । ଆମର ରାଜ୍ୟ ଶାସନ ବ୍ୟବସ୍ଥା ଭିତରେ ଯେପରି କ୍ଷୁଦ୍ର କ୍ଷୁଦ୍ର ଜନପଦମାନଙ୍କରେ ମଧ୍ୟ ଆଞ୍ଚଳିକ ନେତୃତ୍ୱ ରହିଛି ସେସବୁର ସମ୍ମିଳୀତ ନେତୃତ୍ୱ ହିଁ ଶୀର୍ଷ ନେତୃତ୍ୱର ଅଧିନସ୍ଥ ଏବଂ ତାଙ୍କୁ ବଳିଷ୍ଠ କରାଏ । ଯଦି ଶାସନର କ୍ଷୁଦ୍ର ମାର୍ଗମାନ ସୁଗମ ନହେବ ତେବେ ରାଜପଥ ମଧ୍ୟ ଅପହୁଞ୍ଚ ହେବ । କୌଣସି ଦେଶର ବିକାଶ କେବଳ ରାଜପଥମାନଙ୍କର ଉନ୍ନତିରେ ହୁଏନାହିଁ । ବରଂ ଏହା ଆଞ୍ଚଳିକ ଜନସାଧାରଣଙ୍କ ପହୁଞ୍ଚରେ ରହିବା ଆବଶ୍ୟକ । ରାଜାମାନଙ୍କର ପଥ କି ରାଜାଙ୍କ ପାଖରେ ପହଞ୍ଚିବାକୁ ପଥ ଯେ ରାଜପଥ ତାହାହିଁ ବିଚାର୍ଯ୍ୟ ।

କୁହାଯାଏ ମହାଜନ ଅର୍ଥ ଧନିକ ବ୍ୟକ୍ତି ନୁହେଁ ମହତଜନ ହିଁ ମହାଜନ । ସେହିମାନେ ଯେଉଁ ରାସ୍ତାରେ ଯାଆନ୍ତି ତାହା ଆପେ ଆପେ ରାଜପଥ ହୋଇଯାଏ । ଏହାର ଆତ୍ମିକ ଅର୍ଥ ହେଲା, ଭକ୍ତିରେ, ଉପଦେଶରେ ଯେଉଁ ମହାନ ଜୀବନ ଦର୍ଶନ ସେମାନେ ଦେଖାଇଥାଆନ୍ତି ସେହି ମାର୍ଗ ଅନୁସରଣ କଲେ ବ୍ୟକ୍ତି ମହାନ ହୁଏ । ରାଜପଥ ପରି ରାଜା ବା ଶାସକମାନଙ୍କର ହୃଦୟ ସେତିକି ପ୍ରଶସ୍ତ । ନିର୍ମଳ ଏବଂ ସାଧାରଣ ଜନତାଙ୍କ ଜୀବନଚର୍ଯ୍ୟାକୁ ସୁରୁଖୁରୁରେ ଚଲାଇବା ପାଇଁ ଖୋଲାଥିବା ଦରକାର ।

ଅତିଗତି ଦୁର୍ଗତିର କାରଣ । ଆମେ ରାଜପଥର ସାନିଧ ପାଇଲେ ବୋଲି ଗତି ଦ୍ରୁତ କରିଦେବା ଭୁଲ୍ ହେବ । କାରଣ ଦୁର୍ଘଟଣାର କାରଣ ବି ହୋଇପାରେ ଏହି ଦ୍ରୁତଗତି । ବିକାଶର ଅର୍ଥ ଦ୍ରୁତଗତି ନୁହେଁ ବରଂ ବିକାଶର କାରଣ । ମାଧ୍ୟମ ଓ ସନ୍ତୁଳିତ ଜୀବନର ଗତି ରାଜପଥ ପାଇଁ ଭଲ ତଥା ଜୀବନ ପାଇଁ ବି । ରାଜପଥକୁ ଏହି ଗତିଶୀଳ ତଥା ଭାରିଯାନ ଖଣ୍ଡିଆଖାବରା କଲା ପରି ଆମ୍ଭେ କଲାପରି ଆମ୍ଭେ କ’ଣ ବେପରୁଆ ଯାନ ଚାଳନାରେ ରାଜପଥକୁ ଅକର୍ମଣ୍ୟ କରିଦେଉନାହୁଁ କି । ରାଜପଥ ନିର୍ମାଣ ଏକ ଚିରନ୍ତନ ପ୍ରୟାସ । ଆମ୍ଭେ ନିଜ ମନ ଓ ମାନସିକତାରେ କ’ଣ ପ୍ରତିକ୍ଷଣ ରାଜପଥ ନିର୍ମାଣରେ ବ୍ୟସ୍ତ କି?

ଶୈଶବରୁ ପ୍ରାପ୍ତ ଅନାବିଳ ଓ ପ୍ରଶସ୍ତ ମନ ପାଇ ଥାଉଁ । ଏହାର ସୁପରିଚାଳନାରେ ବିସ୍ତାରିତ ନ କରି ନାନା ଅବିଗୁଣରେ ନାନା କୁବୁଦ୍ଧିରେ ସଂକୁଚିତ କରି ଦେଇଥାଉ । ଅନ୍ୟାୟ, ଅଧର୍ମ ଅସୂୟା ଇତ୍ୟାଦିରେ ଭର୍ତ୍ତି ଖାଲଘମାକୁ ସୁଜ୍ଞାନରେ ପରିପୂର୍ଣ୍ଣ ନକରିବା ହିଁ ରାଜପଥ ପରି ଜୀବନ ପଥକୁ କଙ୍କରିତ କରିଦେବା ରାଜପଥମାନଙ୍କୁ ଯୋଡୁଥିବା ପୋଲମାନଙ୍କ ପରି ସୁଚିନ୍ତନ ଓ ସୁକର୍ମକୁ ଚାଲ ଯୋଡ଼ିବାକୁ ଚେଷ୍ଟା କରିବା । ଦେଖିବେ ସବୁପଥ ଲାଗିବ ରାଜପଥ ଏବଂ ସବୁ ମଣତଷ ଭାବିଲେ ରାଜା ପରି ସୁଖୀ ମଣିଷ ।

### ରଜପଥ

ରଜସୂଳ ବା ଧୂଳି ଧୂସରିତ ପଥକୁ ରଜପଥ କହିପାରିବା । ଏହି ଧୂଳି ସଡ଼କ ଗମନାଗମନରେ ବାଧା ସୃଷ୍ଟି କରେ । ବର୍ଷାରେ କର୍ଦ୍ଦମାକ୍ତ ପୁଣି ଖରାରେ ଧୂଳି ଧୂସରିତ । ମାଟି ସଡ଼କରେ ଶଗଡ଼ଗୁଳା ପଡ଼ିଗଲେ ଯେମିତି ଅନ୍ୟ ପାଇଁ ଅସୁବିଧା, ସେହିପରି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଅନେକ କଷ୍ଟ । ରଜପଥ ନିଶ୍ଚେ ରାଜପଥ ପରି ମସୃଣ ନୁହେଁ କି ଓସାରିଆ ବି ନୁହେଁ। ମଣିଷ ଜୀବନ ଯଦି ରଜପଥ ପରି ହୋଇଥାଏ, ତେବେ ତା’ର ବିକାଶ କାହିଁ ନା ବିସ୍ତୃତ କାହିଁ ।

ଗ୍ରାମ୍ୟ ଜୀବନରେ କଚ୍ଚା ସଡ଼କର ଏକ ବହୁମୂଲ୍ୟ ଉପାଦେୟତା ଥିଲା ପୂରାକାଳରେ । କେବଳ କଂକ୍ରିଟ୍ ସଡ଼କ ହେଲେ ଯେ ସବୁ କିଛି ହୋଇଯିବ ତାହା ନୁହେଁ । ଧୂଳିର ସଡ଼କକୁ ମଧ୍ୟ ଠିକ୍ ରକ୍ଷଣାବେକ୍ଷଣ କଲେ ଏକ ଘାସର ସଡ଼କ ହୋଇପାରିବ, ଯାହାର ବ୍ୟବହାରରେ ମଧ୍ୟ ଜୀବନ ଗତିଶୀଳ ହୋଇପାରିବ । ରାଜପଥ ପରି ନ ହେଉ ପଛେ ଜୀବନ ବୋହିବାକୁ ଏହାର ଶକ୍ତି ମନ୍ଦ ନୁହେଁ । କ୍ଷେତ ଭିତରେ ଯେଉଁ ଛୋଟ ଛୋଟ ସଡ଼କ ପଡ଼ିଛି ତାହାହିଁ ତ କ୍ଷେତର ରକ୍ଷଣାବେକ୍ଷଣ କରେ । ଜଳ ନିୟନ୍ତ୍ରଣ ଠାରୁ ଆକାର ସଠିକ୍ ରଖିବାକୁ ପ୍ରଶସ୍ତ ସଡ଼କର ଆବଶ୍ୟକତା ହିଁ ନଥାଏ ସେଠାରେ ।

ମାଟି ମନସ୍କ ହେବା ଏକ ଅପୂର୍ବ କଥା । ମାଟିର ପରମ୍ପରା ସଂସ୍କୃତି ଏହି ରଜ ପଥରେ ହିଁ ଥାଏ । ପାରମ୍ପରିକ ପର୍ବପର୍ବାଣୀ ସବୁ, ସେ ବାଟଓଷା ହେଉ କି ଦାଣ୍ଡ ପହଁରା ହେଉ ଏହି ମାଟିର ସଡ଼କର ଆବଶ୍ୟକତା ଥାଏ । ହୁଏତ ଆମ୍ଭେ ପୁରୁଣାକାଳିଆ କଥା କହିପାରୁ । କିନ୍ତୁ ରଜ ପଥ ନହେଲେ ଏସବୁ ପର୍ବର ମଧୁରତା ଆଉ ରହେନାହିଁ । ରଜପଥ ହେଉଛି ଜନତାର ପଥ । ଜନଜୀବନର ପଥ ଆଉ ମାଟି ସହ ଜଡ଼ିତ ହୋଇ ରହିପାରିବାର ପଥ ।

ରଜପଥ ପୁଣି ପରାଗର ପଥ । ପରାଗରେଣୁର ପଥ ଏହା ସୃଷ୍ଟିର ପଥ । ନୂତନ ସମ୍ଭାବନାର ପଥ। ଏମିତିରେ ଧୂଳିସଡ଼କ କି କଦ୍ଦମାକ୍ତ ସଡ଼କ ପରି ଯେ ଗତିପ୍ରଗତିର ବାଧା ବୋଲି ଧରିପାରିବା ନାହିଁ । ରାଜପଥ ଏକ ସଂଯୋଗର ପୁଣ୍ୟପଥ ପୁଣି ସମ୍ଭାବନାର, ସୃଷ୍ଟିର ସର୍ଜନାର । ରଜର ଅର୍ଥ ପୁଣି ପାଉଁଶ । ଏଠାରେ ପାଉଁଶର ପଥ ବୋଲି ରଜପଥକୁ ବଖାଣିଲେ, ତାହା ଧ୍ୱଂସର ଅବଶେଷକୁ ବୁଝାଇବ । ରଜପଥର ଯାତ୍ରୀ ବୋଇଲେ ମଶାଣି ପଥର ଯାତ୍ରୀ । ପାଉଁଶ ହେବାକୁ ଥିବା ମଣିଷର ଯୁଇ ପାଖକୁ ପଡ଼ିଥିବା ରାସ୍ତା । ମଶାରିର ପଥ ହୁଏତ ରଜପଥ ହୋଇପାରେ, ମାତ୍ର ରାଜପଥର ଯାତ୍ରୀ ଏହି ରଜପଥକୁ ଯିବା ପୂର୍ବରୁ ଏପରି କର୍ମ କରିଥିବା ଉଚିତ୍ ଯେ ତା’ ଦେହର ପାଉଁଶ ମଧ୍ୟ ବିଭୂତି ପାଲଟି ଯାଇଥିବ ।

ରାଜପଥ ହେଉ କି ରଜପଥ, ପ୍ରତ୍ୟେକ କ୍ଷେତ୍ରରେ ଦୁଇଟି ଦିଗ ରହିଛି । ସକରାତ୍ମକ ଓ ନକରାତ୍ମକ । ଅସଲରେ ସଠିକ୍ ଚାଲିଶିଖିଥିବା ଦରକାର । କେଉଁ ପଥରେ କେତେ ଗତିରେ, କେତେ ସର୍ତ୍କତାରେ ଏବଂ କେତେ ପବିତ୍ରତାରେ ଗତି କରୁଛି ମଣିଷ, ତାହା ହିଁ ବିଶେଷତ୍ୱ ରଖେ ।

ଏଥକୁ ଚାଲି ନଜାଣି ବାଟର ଦୋଷ ପରି, ଝୁଣ୍ଟିଲେ ବାଟର ଦୋଷ ଖାଲି, ନିଜର ନୁହେଁ । ଦ୍ରୁତଗତିରେ ଧାବମାନ ଯାନ ଯଦି ଦୁର୍ଘଟଣା ହେଲା ତ ରାଜପଥର ଦୋଷ କ’ଣ? ନପୁଂସକ ପୁରୁଷ କିଆଁ ପ୍ରକୃତିର ରଜପଥକୁ ସୃଷ୍ଟିହୀନ ହେବାର ଦୋଷ ଦେବ?

*ଅନନ୍ତବିହାର, ଫେଜ୍-୨,*
*ପୋଖରୀପୁଟ, ଭୁବନେଶ୍ୱର*
*ମୋ. ୯୩୪୮୮୯୩୭୫୨*

# ଶିଳ୍ପାୟନ ଦ୍ରୁତ ଅଭିବୃଦ୍ଧି ପଥେ ଓଡ଼ିଶା

■ ଇନ୍ଦୁ ଭୂଷଣ ଭୂୟାଁ ■

**ଓ**ଡ଼ିଶାରେ ନୂଆ ଡବଲ ଇଞ୍ଜିନ ସରକାର ରାଜ୍ୟ ପାଇଁ ନାନା ବିକାଶର ଢ଼େର ସମ୍ଭାବନା ସୃଷ୍ଟି କରିଛି । ଓଡ଼ିଶା ଶିଳ୍ପ କ୍ଷେତ୍ରରେ ଆହୁରି ଆଗେଇବାକୁ ଏକ ରକମର ମଞ୍ଚ ପ୍ରସ୍ତୁତ ହୋଇସାରିଛି । ବାହାରର ନାମିଦାମୀ ଓ ବିଶ୍ୱ ପ୍ରସିଦ୍ଧ ଶିଳ୍ପ ଟାଇକୁଣ୍ଡମାନେ ରାଜ୍ୟରେ ବଡ଼ ବଡ଼ ଉଦ୍ୟୋଗ ତିଆରି ପାଇଁ ଆଗ୍ରହୀ । ରାଜ୍ୟର ଆଗାମୀ ପୂର୍ଣ୍ଣାଙ୍ଗ ବଜେଟରେ ଦଳ ନିର୍ବାଚନୀ ଇସ୍ତାହାରର ଘୋଷଣାନାମାକୁ ବାସ୍ତବ ରୂପାୟନ କରିବାର ସମ୍ଭାବନା ରହିବା ସ୍ୱାଭାବିକ । ଚାଷବାସ କ୍ଷେତ୍ର ଠାରୁ ମହିଳା ସଶକ୍ତିକରଣ, ସଡ଼କ ଭିତ୍ତିଭୂମି ଠାରୁ ଉପକୂଳ ଅର୍ଥନୀତି, ଗମନା ଗମନ କ୍ଷେତ୍ରର ଦୃଢ଼ ଉନ୍ନତ ପ୍ରସସ୍ଥି କରଣ ସହ ଓଡ଼ିଶାରେ ବିଶେଷକରି ଖୁଚୁରା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ଏହିପରି ଅନେକ ବଡ଼ ଆହ୍ୱାନକୁ ସାମ୍ନା କରିବାକୁ ପାଇଁ ଯାଉଛନ୍ତି ଓଡ଼ିଶା ସରକାର ।

ସମୃଦ୍ଧ ଓଡ଼ିଶା, ଦ୍ରୁତ ଅଭିବୃଦ୍ଧିସମ୍ପନ୍ନ ପ୍ରଗତିର ଓଡ଼ିଶାରେ ବିଶେଷକରି ରାଜ୍ୟରେ ଖଣିଜ ସମ୍ପଦର ଭରପୁର ଉପଯୋଗକରି ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ ଯେଉଁ ସ୍ୱତନ୍ତ୍ରତା ରହିଛି ତାହା ହିଁ ଓଡ଼ିଶା ପ୍ରତି ଶିଳ୍ପପତିଙ୍କ ଆକର୍ଷଣର କାରଣ । ଏମିତିରେ ଇସ୍ପାତ କାରଖାନା କ୍ଷେତ୍ରରେ ରାଜ୍ୟରେ ସୁପ୍ରସିଦ୍ଧ ଖ୍ୟାତନାମା ଟାଟା ଷ୍ଟିଲ ଠାରୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ, ସେଲ ଠାରୁ ଜିନ୍ଦଲ ଷ୍ଟିଲ ଆଣ୍ଡ ପାଓ୍ୱାର ନିଜର ଭିତ୍ତିଭୂମି ଦୃଢ଼ କରିପାରିଛନ୍ତି । ଏମାନଙ୍କ ବ୍ୟତୀତ ଢ଼େର ଛୋଟବଡ଼ ଓ ବିଶେଷକରି ମଧ୍ୟମ ଧରଣର ଇସ୍ପାତ କାରଖାନା ମଧ୍ୟ ଓଡ଼ିଶାରେ ରହିଛି। ଏହାପରେ ନଜରକୁ ଲକ୍ଷ୍ମୀ ଏନ ମିଲଙ୍କ କମ୍ପାନୀ ଆର୍ସେଲର ମିଲ, ନିପନ ଷ୍ଟିଲ ଓ ସର୍ଜନ ଜିନ୍ଦଲଙ୍କ କମ୍ପାନୀ ଜେ.ଏସ.ଡବ୍ଲ୍ୟୁ ଷ୍ଟିଲ ରାଜ୍ୟରେ ଦୁଇଟି ବଡ଼ ବଡ଼ ଇସ୍ପାତ କାରଖାନା ସ୍ଥାପନ ପାଇଁ ମନସ୍ଥ କରିସାରିଛନ୍ତି । ସେହିପରି ଦେଶର ଦ୍ୱିତୀୟ ବଡ଼ ଧନୀ ଗୌତମ ଆଦାନି ମଧ୍ୟ ରାଜ୍ୟରେ ଏକ ଆଲୁମିନିୟମ କାରଖାନା ସ୍ଥାପନ କରିବାକୁ ଘୋଷଣା କରିଛନ୍ତି। ଏଏମଏନଏସ ୩୮ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଏକ ସମନ୍ୱିତ ଇସ୍ପାତ କାରଖାନା ସ୍ଥାପନ କରିବାକୁ ଯାଉଛି । ସେହିପରି ଜେଏସଡବ୍ଲ୍ୟୁ ଷ୍ଟିଲ ମଧ୍ୟ ରାଜ୍ୟରେ ୬୫୦୦୦ କୋଟି ଟଙ୍କା ନିବେଶରେ ଏକ ଇସ୍ପାତ କାରଖାନା ସ୍ଥାପନ କରିବ । ଦକ୍ଷିଣ କୋରିଆର ଇସ୍ପାତ କମ୍ପାନୀ ପୋସ୍କୋ ଲାଗି ଅଧିଗ୍ରହଣ କରାଯାଇଥିବା ଜମିରେ ଏହି କାରଖାନା ସ୍ଥାପନ ହେବ। ଯେହେତୁ ଇତି ମଧ୍ୟରେ ରାଜ୍ୟରେ କୌଣସି ବଡ଼ ଇସ୍ପାତ କାରଖାନା ନିର୍ମାଣ ହୋଇନାହିଁ, ତେଣୁ ଏହି ଦୁଇ ପ୍ରକଳ୍ପ ରାଜ୍ୟର ନିବେଶ ଅନୁକୂଳ ପରିବେଶ ପାଇଁ ଏକ ପରୀକ୍ଷା ସଦୃଶ ହେବ ।


ଓଡ଼ିଶା ହେଉଛି ଏଭଳି ଏକ ରାଜ୍ୟ ଯାହା ବିଭିନ୍ନ ଜିନିଷ ଲାଗି ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ । ସେଥିପାଇଁ ଏହାର ଖୁଚୁରା ମୁଦ୍ରାସ୍ଫୀତି ହାର ସାତ ପ୍ରତିଶତରୁ ଅଧିକ ରହିଛି। ଅର୍ଥନୀତିଜ୍ଞମାନଙ୍କ ମତରେ ଅନେକ ସାମଗ୍ରୀରେ ଓଡ଼ିଶା ଆତ୍ମନିର୍ଭରଶୀଳ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଲୋକମାନଙ୍କୁ ଅନେକ ଜିନିଷ କିଣି ଖାଇବାକୁ ପଡୁଛି । ଯେହେତୁ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡୁଛି, ସେଥିପାଇଁ ଜାତୀୟ ହାର ତୁଳନାରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ଅଢ଼େଇ ପ୍ରତିଶତ ଅଧିକ ରହୁଛି । ସେହି ସ୍ଥିତିରେ ଉନ୍ନତି ଆଣିବା ନୂଆ ସରକାରଙ୍କ ପାଇଁ ଏକ ବଡ଼ ଆହ୍ୱାନ ହେବ। ରାଜ୍ୟରେ କେବଳ ସହରାଞ୍ଚଳ ନୁହେଁ, ଗ୍ରାମାଞ୍ଚଳରେ ମଧ୍ୟ ଲୋକମାନଙ୍କୁ ବହୁ ଜିନିଷ କିଣିବାକୁ ପଡୁଛି । ତେଣୁ ଗ୍ରାମୀଣ ଅର୍ଥନୀତିରେ ଉନ୍ନତି ଆଣିବା ଉପରେ ଜୋର ଦେବାକୁ ହେବ। ଚାଷୀକୂଳ ପାଖରେ ଯେଭଳି ଅଧିକ ଟଙ୍କା ପହଞ୍ଚିବ ଏବଂ ସେମାନଙ୍କ ଆୟ ବଢ଼ିବ, ସେ ଦିଗରେ ନୂଆ ସରକାରଙ୍କୁ କାମ କରିବାକୁ ପଡ଼ିବ ।

ଓଡ଼ିଶାବାସୀ ଚଳିତଥର ବିଜେପିକୁ ଅଭୂତପୂର୍ବ ସମର୍ଥନ ଅଜାଡ଼ିଛନ୍ତି । ଉଭୟ କେନ୍ଦ୍ର ଓ ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର ଥିବାରୁ ଓଡ଼ିଶାବାସୀଙ୍କ ଦାବୀ ଓ ଆଶା ଅଧିକା ରହିବା ସ୍ୱାଭାବିକ। ସବୁଠାରୁ ବଡ଼ କଥା ହେଉଛି ଓଡ଼ିଶା ବିଜେପିର ଅନ୍ୟତମ ଲୋକପ୍ରିୟ ଚେହେରା ତଥା ସହରାଞ୍ଚଳ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଯାୟୀ ରାଜ୍ୟର ସହରାଞ୍ଚଳ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ପ୍ରକଳ୍ପ ଗୁଡ଼ିକ ତ୍ୱରାନ୍ୱିତ ହୋଇଛି ଏବଂ ଲୋକଙ୍କ ପାଖରେ ପ୍ରଶାସନ ପହଞ୍ଚିବା ସହ ଲୋକ ଡବଲ ଇଞ୍ଜିନ ସରକାରର ସୁଫଳ ପାଉଛନ୍ତି। ରାଜ୍ୟ ସହରାଞ୍ଚଳ ମନ୍ତ୍ରୀଙ୍କ ଅନେକ ଗ୍ରସ୍ତ ବିଶେଷକରି ଯେଉଁ ପ୍ରକଳ୍ପଗୁଡ଼ିକୁ ସେ ତ୍ୱାବଧାନ କରୁଛନ୍ତି ଏହାର ଶେଷ ନିଷ୍କର୍ସରେ ନ ପହଞ୍ଚିବା ପର୍ଯ୍ୟନ୍ତ ସେ ବିରାମ ନେଉ ନାହାଁନ୍ତି। ଓଡ଼ିଶାରେ ନିର୍ବାଚନ ପ୍ରଚାର ସମୟରେ ପ୍ରଧାନମନ୍ତ୍ରୀ ମୋଦିଜୀ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ ଯେ ଓଡ଼ିଶାରେ ରହିଥିବା ବିପୁଳ ପ୍ରାକୃତିକ ସମ୍ପଦ ପାଇଁ ଉପକୂଳ ଅର୍ଥନୀତିକୁ ସମୃଦ୍ଧ ପାଇଁ ସେ ନିଶ୍ଚିନ୍ତ କାର୍ଯ୍ୟକରିବେ। ରାଜ୍ୟରେ ଥିବା ସୁବିସ୍ତୃତ ବେଳାଭୂମିରୁ ଲାଭ ଓଡ଼ିଶା ପାଇବ ଏବଂ ଓଡ଼ିଶାରେ ସାଗରମାଳା ପ୍ରକଳ୍ପ ଆହୁରି ବେଗବାନ ହେବା ପୂର୍ବରୁ ମତ୍ସ୍ୟ ଚାଷୀଙ୍କୁ କିଶାନ କ୍ରେଡିଟ କାର୍ଡ଼ ଓ ବୋଟର ଆଧୁନୀକରଣ ପାଇଁ କିଶାନ କ୍ରେଡ଼ିଟ କାର୍ଡ଼ର ବ୍ୟବସ୍ଥା କେନ୍ଦ୍ର ମତ୍ସ୍ୟଚାଷ ମନ୍ତ୍ରଣାଳୟ ଜରିଆରେ ବନ କରାଯାଉଛି । ଏଥିରେ ରାଜ୍ୟର ମତ୍ସ୍ୟଚାଷୀ ଉପକୃତ ହେବାସହ କୋଷ୍ଟାଲ ସର୍କିଟ ସ୍କିମ ଅଧୀନରେ ରାଜ୍ୟ ଲାଭବାନ ହେବ। ସେ ସମୟରେ ମୋଦିଜୀ ଓଡ଼ିଶାର ଲୋକମାନେ ପ୍ରାକୃତିକ ସମ୍ପଦରେ ଭରପୁର ଥାଇ ମଧ୍ୟ ଏବେ ବି ଗରିବ ହୋଇ ରହିଥିବାରୁ ବିଜେପି ସରକାର ଏମାନଙ୍କ ସ୍ଥିତି ବଦଳାଇବା ପାଇଁ କାର୍ଯ୍ୟ କରିବାର ପ୍ରତିଶ୍ରୁତି ପାଳନର ସମୟ ପହଞ୍ଚିଛି । ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ନିର୍ବାଚନ ସାମ୍ନା କରୁଥିବା ବର୍ଷର ପୁରୁଣା ସରକାର ଅନ୍ତରଣୀୟ ବଜେଟ ରଖିଥାନ୍ତି ।

ନୂଆ ଅଭିବୃଦ୍ଧି ଓ ବିକଶିତ ଓଡ଼ିଶା ଗଠନରେ ରାଜ୍ୟବାସୀ ବିଜେପିର ଡବଲ ଇଞ୍ଜିନ ସରକାରଙ୍କ ଠାରୁ ଢ଼େର ଆଶା, ଇଚ୍ଛା ଓ ସଂକଳ୍ପ ରଖିବା ସ୍ୱାଭାବିକ। ଓଡ଼ିଶାରେ ସିଙ୍ଗଲ ୱିଂଡୋ କ୍ଲିୟରାନ୍ସ ସିଷ୍ଟମ, ଇ-ଗଭର୍ଣ୍ଣାନ୍ସ, ଶିଳ୍ପ କ୍ଲଷ୍ଟରର ଉନ୍ନତି, ଭିତ୍ତିଭୂମିର ବିକାଶ, ଜିଲ୍ଲାସ୍ତରୀୟ ନିବେଶ ପରି ବିଭିନ୍ନ ତ୍ୱରାନ୍ୱିତ ଯୋଜନା ମୋହନ ସରକାରଙ୍କ କର୍ମ ପ୍ରବଣତା ଓ ଉରଦାୟୀ ଶାସନ ବ୍ୟବସ୍ଥା ସମ୍ପର୍କରେ ସୀଚିତ କରୁଛି । ବ୍ୟାପକ କର୍ମସଂସ୍ଥାନ ସୃଷ୍ଟି ହେଉ, ଓଡ଼ିଆ ପୁଅଟି ନିଜ ଗୋଡ଼ରେ ଛିଡ଼ା ହେବାର ସାମର୍ଥ୍ୟ ନିଜ ଜନ୍ମମାଟିରେ ରଖି ପ୍ରଗତିର ନୂଆ ଓଡ଼ିଶାରେ ନିଜ ପରିଚୟ ସୃଷ୍ଟି କରିବାରେ ସମର୍ଥ ହୁଅନ୍ତୁ ଏହି କାମନାଟି କୋଟି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଁ ରଖୁଛି ।

**ପୁରୁଣା ସୋନାରି,**
**ଜାମସେଦପୁର,**
**ମୋ. ୭୪୮୮୯୯୮୫୩୨**

# ଶିକ୍ଷକତ୍ୱର ମୂଲବୋଧ



## ଦୁନିଆର ହାଲ୍

ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି

**ଶି**କ୍ଷକତ୍ୱର ମୂଲ୍ୟବୋଧ କ’ଣ ହେବ ନହେବ, ଏକଥା ବିଚାର ପରିସରକୁ ଆଣି କୌଣସି ନିଷ୍ପତ୍ତିରେ ପହଞ୍ଚିବା କଷ୍ଟକର ଏବଂ ଦ୍ୱନ୍ଦ୍ୱମୂଳକ । ଶିକ୍ଷକ କ’ଣ କରିବା ଉଚିତ ହେବ, ତା’ ଉପରେ ଆଖିବୁଜି ସଂଦର୍ପ ଲେଖାଯାଇ ପାରେ । ଆଜିକାଲି ସବୁକଥାରେ ଗୋଟିଏ ମାନଦଣ୍ଡ (ଏସଓପି) ସମସ୍ତଙ୍କ ଗୋଚର ପାଇଁ ପ୍ରକାଶ କରାଯାଇପାରେ । ଏସବୁ ତର୍କରେ ପହଞ୍ଚିଲେ କିଛି ଲାଭ ହେବନାହିଁ । ବରଂ ଶିକ୍ଷକର ଆଚରଣ ଓ ଉଚ୍ଚାରଣ କ’ଣ ହେବ ନହେବ ସେ ବିଷୟରେ ସିଧାସିଧା ସମସ୍ତଙ୍କୁ ଗ୍ରହଣୀୟ ହେଲାପରି ଗୋଟିଏ ମତାମତ ସାମନାକୁ ଆସିବା ଉଚିତ ।

ପ୍ରଥମେ ତ ଶିକ୍ଷକର ଭାଷଣ ହେଉଛି ତା’ର ଅଧ୍ୟୟନ ଓ ଅଧ୍ୟାପନା । ସେ ଯଦି ନିଜେ ଜଣେ ଭଲ ଶିକ୍ଷକ ଏକଥା ସ୍ପଷ୍ଟ ଭାବରେ କହି ନପାରିବ, ତେବେ ତାକୁ ଶିକ୍ଷକ ପଦବାଚ୍ୟ ମିଳିବ ନାହିଁ । ଶିକ୍ଷକ କ’ଣ ପଢାଇବେ ଓ ନ ପଢାଇବେ ଏନେଇ ଅନେକ ଚିନ୍ତନ ସମ୍ମୁଖକୁ ଆସୁଛି । ସମୟକ୍ରମେ ଓ ବିଭିନ୍ନ ନାମରେ ଶିକ୍ଷା ଦାନର ପଦ୍ଧତି ବଦଳି ଯାଉଛି । ଏବେ ତ ଆମ ଦେଶରେ ନୂତନ ଶିକ୍ଷାନୀତି ଅନୁସୃତ ହେଉଛି । କିନ୍ତୁ ଏପର୍ଯ୍ୟନ୍ତ ଆମ ଶିକ୍ଷକମାନଙ୍କ ପ୍ରକୃତ କ’ଣ କିପରି ପଢାଇବେ ତାହା ସ୍ଥିରକୃତ ହୋଇନାହିଁ । ଏବେ କୁହାଯାଇଥିଲା ଯେ ଶିକ୍ଷକମାନେ ଶ୍ରେଣୀ ଗୃହକୁ ଯିବେ, ସେଠି କ’ଣ ପଢାଯିବ ସେ କଥା ଛାତ୍ରଛାତ୍ରୀଙ୍କୁ କହିବେ । ଗୋଟିଏ ଅଧ୍ୟାୟ ପଢିଲାବେଳେ କେଉଁ କେଉଁ କଥା ସେମାନେ ପଢିବେ, କେଉଁ କେଉଁ ନିର୍ଦ୍ଧାରିତ ପୁସ୍ତକ ପଢିବେ ସେ କଥା ଜାଣିବେ । ତା’ପର କ୍ଲାସରେ ସେମାନଙ୍କର ଯଦି କିଛି ସନ୍ଦେହ ଥିବ ସେ ଶିକ୍ଷକଙ୍କୁ ଏ ବିଷୟରେ ପଚାରିବେ । ଶିକ୍ଷକ ସବୁକୁ ବୁଝାଇ କହିବେ । ସେ ପାଠ ସେଇଠି ସରିବ । ଶିକ୍ଷକ ଯେଉଁ ପୁସ୍ତକମାନ ପଢିବାକୁ କହିଥିବେ, ସେ ବିଷୟରେ ଛାତ୍ରଛାତ୍ରୀମାନେ ଇଣ୍ଟରନେଟ ତଥ୍ୟ ଉପରେ ନିର୍ଭର କରିବେ । ଏପରି ଅଧ୍ୟାପନା ପ୍ରଣାଳୀକୁ ସମସ୍ତେ ଗ୍ରହଣ କରିଛନ୍ତି ।

ପୂର୍ବରୁ ପ୍ରଚଳିତ ବ୍ୟବସ୍ଥା ଏପରି ନଥିଲା। ଶିକ୍ଷକ ଶ୍ରେଣୀ ଗୃହକୁ ଯିବେ, ପାଠ ପଢାଇବେ, ପାଠ ପଢାଇ ସାରିଲା ପରେ ଯଦି କିଛି ସନ୍ଦେହ ଅଛି ସେ ବିଷୟରେ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରି ସେମାନଙ୍କଠାରୁ ଉତ୍ତର ଆଣିବେ । ପରବର୍ତ୍ତୀ ଶ୍ରେଣୀରେ ଶିକ୍ଷକ ଛାତ୍ର ଛାତ୍ରୀମାନଙ୍କୁ ପ୍ରଶ୍ନ ପଚାରି ଛାତ୍ର ଛାତ୍ରୀମାନେ ପଢିଥିବା ବିଷୟକୁ କେତେଦୂର ଗ୍ରହଣ କରିଛନ୍ତି ସେ କଥାର ଉତ୍ତର ରଖିବେ ।

ଅଧ୍ୟାପନା ପାଇଁ ବିଭିନ୍ନ ନୀତି ଅନୁସୃତ ହୋଇଥାଏ । କେଉଁ ଉପଯୁକ୍ତ ପଦ୍ଧତି ସେ କଥା ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ଜଣାପଡିବ । ଦୁଃଖର କଥା ଏଥିପାଇଁ ଆମ୍ଭେମାନେ କ’ଣ ଠିକ୍ କ’ଣ ଠିକ୍ ନୁହଁ ଏଇକଥା ସ୍ଥିର କରିବା ପାଇଁ ଅଧିକା ସମୟ ନେଇଯାଉଛନ୍ତି । ଆମ ଆଲୋଚନା ସରୁନାହିଁ ।

ଅଧ୍ୟାପନାର ପଦ୍ଧତି ଯେପରି ହେଉ ନହେଉ ଜଣେ ଶିକ୍ଷକ ନିଜେ ଜଣେ ଅତୀତରେ ମେଧାବୀ ଛାତ୍ର କି ଛାତ୍ରୀ ହୋଇଥିବେ । ସେ ଆହରଣ କରିଥିବା ଜ୍ଞାନରେ କେଉଁ ପରିସ୍ଥିତିରେ କମ ହୋଇନଥିବ । ଶିକ୍ଷକ ଜଣେ ସ୍ପଷ୍ଟବାଦୀ ହୋଇଥିବ, ସତକୁ ସତ ବୋଲି ବିଚାର କରୁଥିବ । ତା’ର ମାନସିକତାରେ କାହାକୁ ଠକି ଦେବାର ପ୍ରୟାସ ନଥିବ । ସେ ଯଦି ଭଲ ପଢି, ଭଲ ଛାତ୍ରଟିଏ ହୋଇଥିବ, ଶିକ୍ଷକ ଭାବରେ ସେ ବିଶେଷ ନିଯୁକ୍ତି ପାଇବ । ଶିକ୍ଷକ ଭାବରେ ନିଯୁକ୍ତି ହେବାପାଇଁ ଯେଉଁ ମାନଦଣ୍ଡ ନିର୍ଦ୍ଧାରିତ ହୋଇଥିବ, ସେଥିରେ ଶିକ୍ଷକ ପ୍ରାର୍ଥୀମାନେ ୧୦୦ ରୁ ୧୦୦ ରଖିଥିବେ । ସେପରି ପ୍ରାର୍ଥୀ ଅଥଭା ପ୍ରାର୍ଥିନୀ ଶିକ୍ଷକଟିଏ ହେବ ।

ଏ ନେଇ ମୁଁ ମୋର ଅନୁଭବ କହିବି । ଯିଏ ମୋର ଏଇ ପ୍ରବନ୍ଧ ପଢିବ ପାଠପଢା ନେଇ ଶିକ୍ଷକ ତା’ର ମୂଲ୍ୟବୋଧ କ’ଣ ସେ ନିଜେ କହିବ ଓ ଅନ୍ୟମାନଙ୍କୁ କହିବ । ମୋର ତଥା ମୋର ସହପାଠୀମାନଙ୍କର ଖୁବ ଉଚ୍ଚମାନର ଯୋଗ୍ୟତା ରଖି ଶିକ୍ଷକ ଭାବରେ ନିଯୁକ୍ତି ପାଇ ପଢାଇଥିଲେ । ଆମେ କ୍ଲାସରୁମମାନଙ୍କରେ ଚମତ୍କୃତ ହେଉଥିଲୁ । ଆମ୍ଭମାନଙ୍କର ପଢିବାର ଅଭିଜ୍ଞତା ରେଭେନ୍ସା କଲେଜରେ ଥିଲା । ଆମ ରାଜ୍ୟରେ ସେତେବେଳେ ରେଭେନ୍ସା କଲେଜ ଉଚ୍ଚଶିକ୍ଷା ପାଇଁ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଥିଲା । ସେଠି ବା ଅନ୍ୟଯେଉଁଠି ଶିକ୍ଷକମାନେ ନିଯୁକ୍ତି ପାଉଥିଲେ କେମିତି ପଢେଇବେ ନ ପଢେଇବେ ସେ ନିଜର ଦୃଷ୍ଟାନ୍ତ ଦେଉଥିଲେ । ଅନର୍ଗଳ ବକ୍ତୃତା ଦେଉଥିଲେ । କିଏ ନାଟକୀୟ ଢଙ୍ଗରେ ପଢାଉଥିଲେ, କିଏ କିଏ ଆସ୍ତେ ଆସ୍ତେ କହୁଥିଲେ, ଆଉ କିଏ କିଏ ଚିତ୍କାର କରି ପଢାଉଥିଲେ । ଏପରି କ୍ଲାସ ନେବାପରେ ସେପରି ଶିକ୍ଷକମାନେ ବେମାରରେ ପଡି ଯାଉଥିଲେ ।

ସମସ୍ତେ ମେଧାବୀ ଛାତ୍ର ଥିଲେ । ବିଶ୍ୱବିଦ୍ୟାଳୟ ସ୍ତରରେ ସ୍ୱର୍ଣ୍ଣପଦକର ବିଜେତା ହୋଇଥିଲେ । କେଉଁ କେଉଁ ଶିକ୍ଷକମାନେ ଆମକୁ ସାହାଯ୍ୟ କରିବା ପାଇଁ ସେମାନଙ୍କର ନୋଟ କିଛି ସମୟ ପାଇଁ ଦେଉଥିଲେ । ସେ ନୋଟ ଦେଖି, ଆମେ କ୍ଲାସରୁମରେ ଲେଖିଥିବା ନୋଟକୁ ସେମାନଙ୍କ ସହିତ ତୁଳନା କରି ଆମ ନୋଟକୁ ନ୍ୟୂନକରି ଦେଖୁଥିଲୁ । ଏମିତି ପରିସ୍ଥିତି ଆସିଲା ଯେ କେତେକ ଅଧ୍ୟାୟ ପାଇଁ ଆମ ନୋଟକୁ ବଦଳେଇଲୁ, ଯେପରି ଆମେ ଶିକ୍ଷକମାନଙ୍କ ପାଇଁ ଉଦ୍ଦିଷ୍ଟ ଓ ଭବିଷ୍ୟତ ପାଇଁ ଉପକାରୀ ହେବ । ସବୁ ସାରମାନଙ୍କର ସ୍ୱର୍ଣ୍ଣପଦକର ହିସାବ ନେଉ । ଆରେ ବାବାରେ କହି ଯେଉଁ ନୋଟଗୁଡ଼ିକ ନ୍ୟୂନ କହି ତାକୁ ଚିରି ଦେଉଥିଲୁ ଅବଶ୍ୟ ଗୋଟିଏ ସମୟରେ ଆମର ଶିକ୍ଷକଙ୍କ ନୋଟ ଯାହା ଲେଖିଥିଲୁ ଅତି ଉଚ୍ଚମାନର ଥିଲା । ବହି ନପଢି ସେଇ ନୋଟ ପଢି ପ୍ରଥମ ଶ୍ରେଣୀର ପାଖାପାଖି ନମ୍ବର ରଖି ପାସ କରୁଥିଲୁ । ସେତେବେଳେ ଜଣେ ଅଧେ ପ୍ରଥମ ଶ୍ରେଣୀ ପାଉଥିଲେ ଯଥେଷ୍ଟ ହେଉଥିଲା ।

ଗୋଟିଏ ଦୃଷ୍ଟିରୁ ଶିକ୍ଷକ ହେବାପାଇଁ କ’ଣ ମୂଲ୍ୟବୋଧ ରଖିବା ଉଚିତ ତାହା ସ୍ପଷ୍ଟ ହୋଇଛି । ଆମ ଶିକ୍ଷକମାନେ ଆମର ଗର୍ବ ଓ ଗୌରବ । ଆମେ ଆମ ଛାତ୍ର ଛାତ୍ରୀମାନଙ୍କର ପ୍ରିୟ । ଅଧ୍ୟାପନା କରିବା ୪୦ ବର୍ଷ ତଳର କଥା । ତଥାପି କେତେକ ଛାତ୍ରଛାତ୍ରୀ କହିଥାଆନ୍ତି ଯେ ସାର ଆପଣ ଏତେ ଭଲ ପଢାଇଥିଲେ ଯେ ଆମ୍ଭେମାନେ ଆପଣଙ୍କ କ୍ଲାସରୁ କେବେ ଅନୁପସ୍ଥିତ ରହୁ ନଥିଲୁ । ମନରେ ଦ୍ୱନ୍ଦ୍ୱ ଆସେ ସତରେ କ’ଣ ମୋ କ୍ଲାସ ଭଲଥିଲା ।

ଶିକ୍ଷକ ଗୋଟିଏ ବୃତ୍ତି ନୁହେଁ, ଶିକ୍ଷକଟିଏ ହୋଇ ରହିବା ପାଇଁ ସାଧନା ଦରକାର । ଶିକ୍ଷକଟି ଛାତ୍ରଛାତ୍ରୀଙ୍କର ସମାଜର, ଛାତ୍ର ଛାତ୍ରୀମାନଙ୍କର ବାପା ଓ ମା’ମାନଙ୍କର ଭଗବାନ ସଦୃଶ । ଖାଲି ପାଠପଢି, ଡିଗ୍ରୀ ହାସଲ କରି, ପ୍ରଥମ ଶ୍ରେଣୀ ପ୍ରାପ୍ତ ହୋଇଗଲେ ଯଥେଷ୍ଟ ହେବନାହିଁ । ଶିକ୍ଷକ ସତରେ ଭଗବାନ ସଦୃଶ ହେବା ଉଚିତ । ଶିକ୍ଷକଙ୍କର ନୈତିକ ଚରିତ୍ର ତଥା ଜୀବନରେ କୌଣସି କଳାଦାଗ ନଥିବ । ଶିକ୍ଷକଟି ଝଟକୁ ଥିବ । କୌଣସି ପରିସ୍ଥିତିରେ ଶିକ୍ଷକ ଜୀବନରେ କିଛିବି ବିଚ୍ୟୁତି ଦେଖା ଦେଇ ନଥିବ । ନିଜକୁ କଷ୍ଟ ହେଉପଛେ ସବୁ କଷ୍ଟକୁ ସହକରି ଛାତ୍ରଛାତ୍ରୀମାନଙ୍କ ସହିତ ସବୁ ସମୟରେ ଏଇ କଥାକୁ ଶିକ୍ଷକ ଶିକ୍ଷକ, ଛାତ୍ରଛାତ୍ରୀ ଏଇ କଥାଟିକୁ ଅନୁସରଣ କରିବାକୁ ପଡିବ ।

ଥରେ ଜଣେ ଶିକ୍ଷକଙ୍କୁ ଭେଟିଥିଲି । ସେ ଓ ମୁଁ ଗୋଟିଏ କଲେଜରେ କାମ କରୁଥିଲୁ । ଶନିବାର ଗାଁକୁ ଯିବୁ । ମୋର ବନ୍ଧୁ ତାଙ୍କ ଶ୍ରେଣୀରୁ ଜଣେ ଦି’ଜଣ ଛାତ୍ରଙ୍କୁ ବସରେ ସିଟ ରଖିବା ପାଇଁ ପଠେଇ ଦେଇଥାଆନ୍ତି । କ୍ଲାସ ପରେ ବସ ପାଖକୁ ଗଲାବେଳକୁ ଛାତ୍ରମାନେ ଆମ ପାଇଁ ସିଟ ଜଗିଥାଆନ୍ତି । ଆମେ ସୁବିଧାରେ ବସି ଆମ ଗାଁକୁ ଯାଉ । ଛାତ୍ରମାନଙ୍କୁ ନପଢାଇ, ଆମର ସୁବିଧା ପାଇଁ ଛାତ୍ରମାନଙ୍କୁ ଏପରି ନିୟୋଜିତ କରିବା ଉଚିତ ଥିଲା କି? ସେ ବନ୍ଧୁ ଏବେ ଦିବଂଗତ ହୋଇଗଲେଣି । କିନ୍ତୁ ବହୁ ସମୟରେ ଏ ବିଷୟରେ ଆଲୋଚନା କରି ନିଜେ ନିଜର ଭୁଲ ବୁଝିଲା ପରେ, ଆଉ ଏ ବିଷୟଟି ଆଲୋଚନା ପରିସରକୁ ଆଣିନଥାଉ ।

ସେମିତି ଗୋଟିଏ ପରିସ୍ଥିତି ଥିଲା । ଛାତ୍ରମାନଙ୍କୁ ଆମ ସୁବିଧା ପାଇଁ ଆମ ଲୁଗାପଟା ସଫା କରିବା, ଆମ ଜୋତା ସଫା କରିବା ଇତ୍ୟାଦି କରାଯାଉଥିଲା । ଏସବୁ ଭୁଲ କଥା ଜାଣି ମଧ୍ୟ ଛାତ୍ରଛାତ୍ରୀଙ୍କୁ ଏପରି ନିୟୋଜିତ କରୁଥିଲୁ । ଆମ ଛାତ୍ରଛାତ୍ରୀଙ୍କୁ ପଢେଇ ସେମାନଙ୍କୁ ସାହାଯ୍ୟ କରୁଛୁ ବୋଲି ଏପରି ସବୁ ଆମର ବ୍ୟକ୍ତିଗତ କାର୍ଯ୍ୟରେ ଲଗାଇବୁ? ଏପରି କଥା ଯଥାର୍ଥ ନୁହେଁ । ଆମର ଶିକ୍ଷକମାନେ ଆମପାଇଁ ଅତିପ୍ରିୟ ହୋଇଥିଲେ । ଆମେ କେତେଦୂର ପ୍ରିୟ ହୋଇଛୁ ଆମ ଛାତ୍ରଛାତ୍ରୀମାନେ କହିବେ। କିନ୍ତୁ ଶିକ୍ଷକତ୍ୱର ମୂଲ୍ୟବୋଧ ନିର୍ମଳ ହୋଇରହୁ । ଏହା କଳୁସିତ ନ ହେଉ ।

ଜେଲରୋଡ଼, ଖୋର୍ଦ୍ଧା,
ମୋ ୯୪୩୭୭୩୦୨୪୧୭

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨୪ ଜାନୁଆରୀ ୨୦୨୬ । ଶନିବାର

## ୪ରେ ଯାଜପୁର ଆସିବେ ରାଷ୍ଟ୍ରପତି

**ଯାଜପୁର,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫେବୃଆରୀ ମାସରେ ପାଞ୍ଚ ଦିନିଆ ଓଡ଼ିଶା ଗସ୍ତରେ ଆସିବା ନେଇ ସୂଚନା ମିଳିଛି। ସେଥିମଧ୍ୟରୁ ଫେବୃଆରୀ ୪ ତାରିଖରେ ଯାଜପୁରକୁ ଗସ୍ତ କରିବେ। ଏଥିପାଇଁ ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ ମଧ୍ୟରେ ତତ୍ପରତା ଦେଖିବାକୁ ମିଳିଛି। ମହାମହିମ ରାଷ୍ଟ୍ରପତି ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିବା ସହିତ ନାଭିଗୟାରେ ପିଣ୍ଡ ପକାଇବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣାପଡ଼ିଛି। ତେବେ ପ୍ରଥମଥର ପାଇଁ ଓଡ଼ିଶା ଇତିହାସରେ ଯାଜପୁରରେ ରାଷ୍ଟ୍ରପତିଙ୍କ ପାଦ ପଡ଼ିବା ଯାଜପୁରବାସୀଙ୍କ ପାଇଁ ଏକ ଗୌରବ ବିଷୟ। ମହାମହିମ ରାଷ୍ଟ୍ରପତିଙ୍କ ଆସିବା ଖବର ଜଣାପଡ଼ିବା ପରେ ଯାଜପୁର ଜିଲାରେ ଏକ ଖୁସିର ଲହରି ଖେଳିଯାଇଛି। ସମସ୍ତେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ପାଇଁ ଏବେ ଠାରୁ ପ୍ରସ୍ତୁତି ଆରମ୍ଭ କରିଦେଇଥିବା ମତ ପ୍ରକାଶ ପାଉଛି।

## ବାଜିରାଉତଙ୍କ ନାଁରେ ଟ୍ରେନ୍ ଚାଲିବ : ରୁଦ୍ର

**ଢେଙ୍କାନାଳ,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନ ପଞ୍ଚାୟତ ସମିତିର ନବମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସିପ୍ରା ବରାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଂସଦ ରୁଦ୍ର ନାରାୟଣ ପାଣି ମୁଖ୍ୟଅତିଥି ଯୋଗଦେଇ କହିଥିଲେ ବାଜିରାଉତଙ୍କ ମାଟିରେ ହେଉଥିବା ବୈଠକରେ ଯୋଗଦେଇ ବହୁତ ଖୁସି। ଆଗାମୀ ଦିନରେ ବୁଢାପଙ୍କ ଠାରୁ ସୁକିନ୍ଦା ରୋଡ ପର୍ଯ୍ୟନ୍ତ ବର୍ତ୍ତମାନ ମାଲ ବାହି ଟ୍ରେନ ଚାଲିଛି। ସଂସଦରେ ଏ କଥା ଉପସ୍ଥାପନା କରିଛି। ଆଜି ବି ବ୍ଲକ ବୈଠକରେ କହୁଛି କିଛି ଦିନ ମଧ୍ୟରେ ସମ୍ବଲପୁରରୁ ହାୱାଡା ପର୍ଯ୍ୟନ୍ତ ଟ୍ରେନ ସହିଦ ବାଜିରାଉତଙ୍କ ନାମରେ ଚାଲିବ ଟ୍ରେନ। କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିର୍ବାଚିତ ପ୍ରତିନିଧିମାନଙ୍କ ସହମତିରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ସମ୍ପୂର୍ଣ୍ଣ କରିବାକୁ ପରାମର୍ଶ ଦେଇଥିଲେ। ପୂର୍ବ ବିବରଣୀ ପାଠ କରାଯାଇ ଏହାକୁ ସର୍ବସମ୍ମତ କ୍ରମେ ଦୃଢ଼ୀକରଣ କରାଯାଇଥିଲା। ସହିଦ ବୀର ବାଜିରାଉତଙ୍କ ଜନ୍ମମାଟି ନିଳକଣ୍ଠପୁରକୁ ଐତିହ୍ୟ ଗ୍ରାମ ଘୋଷଣା କରାଯାଇଥିବା ବେଳେ ସହିଦଙ୍କ ଜନ୍ମ ଶତବାର୍ଷିକୀ ପାଳନ ପୂର୍ବରୁ ଗ୍ରାମର ବିକାଶ ପାଇଁ ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। ମାଘ ମାସ ଅଧାରୁ ତାପମାତ୍ରା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଆଗାମୀ ଗ୍ରୀଷ୍ମ ଋତୁରେ ଯେଭଳି କୌଣସି ସ୍ଥାନରେ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ନହୁଏ ସେଥିପ୍ରତି ଗୁରୁତ୍ୱ ଦେବାକୁ ସରପଞ୍ଚ, ସମିତି ସଭ୍ୟମାନେ ଦାବି କରିଥିଲେ। ଅଚଳ ନଳକୂପ ଗୁଡ଼ିକୁ ସଚଳ କରାଯିବ ଓ ଦୁର୍ଗମ ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ପାନୀୟଜଳ ଯୋଗାଇ ଦିଆଯିବ ବୋଲି ଅଧ୍ୟକ୍ଷା ସିପ୍ରା ବରାଳ କହିଥିଲେ। ସରପଞ୍ଚ, ସମିତିସଭ୍ୟମାନେ ରାସନ କାର୍ଡ, ଧାନମଣ୍ଡି ସମ୍ପର୍କରେ ଆଲୋଚନା କରିଥିଲେ। ଉପାଧ୍ୟକ୍ଷା ସରୋଜିନୀ ଦ୍ୱିବେଦୀ, ଜିଲ୍ଲା ପରିଷଦ ସଭ୍ୟ ଶିଳାରାଣୀ ସାହୁ, ରମେଶ ଚନ୍ଦ୍ର ସାହୁ, ସୁବାସ ମାଝୀ ଯୋଗଦେଇଥିଲେ। ବିଡ଼ିଓ ଆୟୁଶୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ବିଡ଼ିଓ ଅଶୋକ କୁମାର ମିଶ୍ର, ନିର୍ବାହୀ ଯନ୍ତ୍ରୀ ରିତ କୁମାର ବେହେରାଙ୍କ ସମେତ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସରସ୍ୱତୀ ପୂଜା

**ମାହାଙ୍ଗା,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ଏହି ଅବସରରେ ଏମଏସଡି କୋଚିଂ ସେଣ୍ଟରରେ ସରସ୍ୱତୀ ପୂଜା ପାଳିତ ହୋଇଯାଇଛି। ସେହିପରି ନୁର୍ତ୍ତାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ, ଶୁଖୁଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୋକନ ଉଚ୍ଚ ଓ ଉପ୍ରା ବିଦ୍ୟାଳୟ, ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଓଷଙ୍ଗ, କମାଓଜା ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ କାହ୍ନୁପୁର, ସରକାରୀ ପ୍ରାଥମିକ ବିଦ୍ୟାଳୟ ନୁର୍ତ୍ତାଙ୍ଗ ହରିଜନ ସାହି, କୁଆଁପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କସ୍ତୁରବା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖର୍ତ୍ତାଙ୍ଗ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆନନ୍ଦପୁର, ଚ଼ଷାଖଣ୍ଡ ସରକାରୀ ପ୍ରାଥମିକ ବିଦ୍ୟାଳୟ, ସରକାରୀ ପ୍ରାଥମିକ ବିଦ୍ୟାଳୟ ନାରୀଜଙ୍ଗ, ସରକାରୀ ପ୍ରାଥମିକ ବିଦ୍ୟାଳୟ ଡଗରସାହି, ସରକାରୀ ପ୍ରାଥମିକ ବିଦ୍ୟାଳୟ ଗଙ୍ଗପୁରା, କୁଆଁପାଳ ସେମିଓଟିକ୍ସ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ସମେତ ମାହାଙ୍ଗା ବ୍ଲକର ୩୭ଟି ପଞ୍ଚାୟତରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସରସ୍ୱତୀ ପୂଜା ପାଳିତ ହେଉଥିବା ବେଳେ ନେତାଜୀ ସୁବାଷ ବୋଷ ଓ ବିପ୍ଳବୀ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଉତ୍ସବ ମଧ୍ୟ ପାଳନ କରାଯାଇଥିଲା।

## ଜଳ ବିଭାଜିକା ଯାତ୍ରା

**ଦଶପଲ୍ଲା,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରଧାନ ମନ୍ତ୍ରୀ କୃଷକ କଲ୍ୟାଣ ଯୋଜନା ଅନ୍ତର୍ଗତ ଜଳ ବିଭାଜିକା କାର୍ଯ୍ୟକ୍ରମ ଅନୁଯାୟୀ ନୂତନ ପ୍ରକଳ୍ପର ଭୂମି ପୂଜନ, ଶେଷ ହୋଇଥିବା ପ୍ରକଳ୍ପ ଗୁଡିକର ଲୋକାର୍ପଣ ଏବଂ କୃଷକମାନଙ୍କୁ ମାର୍ଗ ଦର୍ଶନ କରା ଯିବା ପାଇଁ ଦଶପଲ୍ଲା ବ୍ଲକ ବାଣିଗୋଛା ପଞ୍ଚାୟତର ତାକୁଡା ଗ୍ରାମରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଯାତ୍ରାରେ ମୁଖ୍ୟ ବୈଜ୍ଞାନିକ ଡା. ଧ୍ରୁବ ଚ଼ରଣ ସାହୁ, ନୟାଗଡ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ କାଳି ଚ଼ରଣ ବେହେରା, ଓଡଗାଁର ମଧୁସ୍ମିତା ବେହେରା, ଦଶପଲ୍ଲାର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟ ରଞ୍ଜନ ଶତପଥୀ, ଗବେଷକ ସୌମ୍ୟ ରଞ୍ଜନ ନାୟକ, କୃଷି ଯନ୍ତ୍ରୀ ବୀରଭଦ୍ର ରାଉତ, ପରିଦର୍ଶକ ହରପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୨ଚ଼ାଷୀ, ୨୦ଜଣ ସଭାପତି ଏବଂ ୧୦ଟି ଜଳ ବିଭାଜିକାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ନୂତନ ପ୍ରକଳ୍ପର ଭୂମି ପୂଜନ, ଶ୍ରମଦାନରେ ବୃକ୍ଷ ରୋପଣ ଆଦି କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମଟିକୁ ସରିତା ମିଶ୍ର, ଦୀପକ ଜେନା ସଂଯୋଜନା କରିଥିଲେ।

## ଡ୍ରିମ୍ ଇଣ୍ଡିଆ ସ୍କୁଲର ବାର୍ଷିକୋତ୍ସବ

**ଭଦ୍ରକ,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶିଶୁମାନେ ମାଟି ପିଣ୍ଡୁଳା ସଦୃଶ। ଛୋଟବେଲୁ ସେମାନଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବା ପ୍ରତ୍ୟେକ ଅଭିଭାବକମାନଙ୍କର କର୍ତ୍ତବ୍ୟ। ସେହିଭଳି ସେମାନଙ୍କ ଭବିଷ୍ୟତ ଗଠନରେ ବିଦ୍ୟାଳୟର ଗୁରୁଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। କେବଳ ଜଣେ ଉଚ୍ଚଶିକ୍ଷିତ ହୋଇ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ ଅପେକ୍ଷା ଭଲ ମଣିଷ ହେବା ହିଁ ଆଜି ପ୍ରତ୍ୟେକ ଛାତ୍ରଛାତ୍ରୀର ଲକ୍ଷ୍ୟ ହେବା ଉଚିତ୍ ବୋଲି ଭଦ୍ରକର ଡାହାଣୀଗଡିଆସ୍ଥିତ ଡ୍ରିମ୍ ଇଣ୍ଡିଆ ସ୍କୁଲର ଅଷ୍ଟମ ବାର୍ଷିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଆହ୍ୱାନ ଦେଇଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରତାପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ଉପାଧ୍ୟକ୍ଷ ଜୟନ୍ତ କୁମାର ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ଶିକ୍ଷୟିତ୍ରୀ ସ୍ୱାତିକା ଜେନା ଉତ୍ସବର ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ଇଂରାଜୀ ଅଧ୍ୟାପକ ତଥା କବି କିଶୋର ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ ଓ ଗୁରୁଜୀ-ଗୁରୁମାଙ୍କୁ ଉପଦେଶ ଛଳରେ ପିତାମାତା ଓ ଗୁରୁଙ୍କୁ ଭକ୍ତି ଓ ଗୀତା ଭାଗବତ ପୁରାଣ ଏବଂ ପୃଥିବୀର ମହାମନୀଷିମାନଙ୍କ ଜୀବନାଦର୍ଶ ସଂପର୍କରେ ଉପଦେଶ ଦେଇଥିଲେ। ଏହି ଉତ୍ସବରେ ଅଧ୍ୟକ୍ଷ ଶ୍ରୀ ସାହୁ ଖୁବ୍ କମ୍‌ଦିନରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ କିଭଳି ରାଜ୍ୟସ୍ତରରେ ପ୍ରତିଷ୍ଠା ଲାଭ କରିଛି, ତାହା ସୂଚାଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ଅତିଥି ଓ ନିର୍ଦ୍ଦେଶକ ଅକ୍ଷୟ ନାରାୟଣ ଦାସ ପୁରସ୍କୃତ କରିଥିଲେ। ଶେଷରେ ଶିକ୍ଷକ ଲଲାଟେନ୍ଦୁ ଦାସ ଧନ୍ୟବାଦ ଅର୍ପଣ ପରେ ଛାତ୍ରଛାତ୍ରୀମାନଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା।

# ମଣ୍ଡିରେ ଧାନ ବିକ୍ରି ସମସ୍ୟାକୁ ନେଇ ଚାଷୀ ଅସନ୍ତୁଷ୍ଟ



**ଯାଜପୁର,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଜରି ଅଖା ପରିବର୍ତ୍ତେ ଝୋଟ ଅଖାରେ ଧାନ ମଣ୍ଡିକୁ ଆଣିବାକୁ ନେଇ ସମସ୍ୟା ଦେଖା ଦେଇଥିବାରୁ ନବ ଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ଗୁରୁବାର କେତେକ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଧାନ ଅଦ୍ୟାବଧି ମଣ୍ଡିରେ ପହଞ୍ଚି ନଥିବା ବେଳେ ମିଲର ଝୋଟ ଅଖାରେ ଧାନ ଆଣିବାକୁ ତାଗିଦ୍ କରୁଛନ୍ତି। ଯାହାକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀ ଜରି ବସ୍ତାରେ ଧାନ ପୁରାଇ ସାରିଥିବା ବେଳେ ଏବେ ଝୋଟ ଅଖା କେଉଁଠୁ ଆଣିବେ ତାକୁ ନେଇ ସମସ୍ୟା ସୃଷ୍ଟି ହୋଇଛି। ବଜାରରେ ଝୋଟ ଅଖା ମିଳୁନଥିବା ବେଳେ ଯେଉଁ କେତୋଟି ଦୋକାନରେ ଝୋଟ ଅଖା ମିଳୁଛି ତାହାର ଦାମ୍ ୩୦ ଟଙ୍କା ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଚାଷୀଙ୍କ ଧାନକୁ କଟନୀ ଛଟନୀ କରିବାର ନିୟମ ନଥିବା ବେଳେ ମିଲର ଜୋରଜବରଦସ୍ତ କଟନି କରୁଥିବା ଚାଷୀ ଅଭିଯୋଗ କରିଛନ୍ତି। ନବ ଭାରତ ହିନ୍ଦୁ ସଙ୍ଗଠନ ପକ୍ଷରୁ ସ୍ମୃତି ରଞ୍ଜନ ରାଉତରାୟ, ଅଭିନାଶ ପାତ୍ର, ଦୀନକୃଷ୍ଣ ରାଉତରାୟ, ଗୟାଧର ଦ୍ୱିବେଦୀ, ଭାଗବତ ରାଉତ, ରାଜା ଗେଡ଼ୀ, ସଞ୍ଜୟ କୁମାର ସେଠୀ ସମେତ କେତେକ ଚାଷୀ ଶୋଭାଯାତ୍ରାରେ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବିଞ୍ଝାରପୁର ବ୍ଲକ ଅରେଇ ସେବା ସମବାୟ ସମିତି ଅଧିନ ଅରେଇ, ଘଣ୍ଟିଆଳୀ, ଚିକଣା, ଗୁହାଳୀ ସମେତ ବିଭିନ୍ନ ଅଞ୍ଚଳର ଚାଷୀ ଓ କୃଷକ ନେତାମାନେ ସମାନ ଅଭିଯୋଗ ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବିଞ୍ଝାରପୁରରେ ମିଲର ୭% କଟନିଛଟନି ସହ ଝୋଟ ଅଖାରେ ଧାନ ନେବା ପାଇଁ ଜିଦ୍ ଧରି ଥିବାରୁ ଏ ଯାଏ ମଣ୍ଡିରୁ ଧାନ ଉଠି ନଥିବା ବେଳେ ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୃଷକ ନେତା ସରୋଜ କୁମାର ସାମଲଙ୍କ ନେତୃତ୍ୱରେ ସୂର୍ଯ୍ୟକାନ୍ତ ଦାସ, ଉପେନ୍ଦ୍ର ସାମଲ ସମେତ ବହୁ ଚାଷୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ କରିବା ସହିତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ

**କଟକ,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

୫୨ ବଜାର ୫୩ ଗଳି ସହରରେ ବୁଲା କୁକୁରଙ୍କ ଦୌରାତ୍ମ୍ୟଦିନକୁ ଦିନ ବଢି ଚ଼ାଲିଛି। ବିଶେଷ କରି କଟକ ବଡ ମେଡିକାଲ୍ ମଙ୍ଗଳାବାଗ ଅଞ୍ଚଳରେ କୁକୁରମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରୁ ରୋଗୀ ଓ ସହାୟକମାନଙ୍କ ସମେତ ସାଧାରଣ ଲୋକଙ୍କ ମନରେ ଆତଙ୍କ ଖେଳିଯାଇଛି। ଏପରିକି କୁକୁରମାନେ ବିଶେଷତଃ ବାଇକ୍ ଚ଼ାଳକଙ୍କୁ ଗୋଡାଇ ଗୋଡାଇ କାମୁଡୁଛନ୍ତି ଏବଂ ପଥଚ଼ାରୀମାନଙ୍କ ଦୁଃଖ ନକହିବା ଭଲ ଏହି କୁକୁର କାମୁଡା ମାମଲାରେ ସର୍ବୋଚ୍ଚ ନ୍ୟାୟଳୟ କଡା ଟିପ୍ପଣୀ ଦେଇଛନ୍ତି ଯେ ବୁଲା କୁକୁର କାମୁଡାରେ କାହାକୁ ଆଘାତ ଲାଗିଲେ କିମ୍ବା କାହାରି ମୃତ୍ୟୁ ଘଟିଲେ ପୌରପରିଷଦ ସହ କୁକୁରଙ୍କୁ ଖାଇବାକୁ ଦେଉଥିବା ଲୋକଙ୍କୁ ଦାୟୀ କରାଯାଇପାରିବ ବୋଲି, କୋର୍ଟ ତାଙ୍କ ଟିପ୍ପଣୀରେ କହିଛନ୍ତି। ଏପରିକି ଯାହାକୁ କୁକୁର ଭଲଲାଗିବ ସେ ତା ବ୍ୟକ୍ତିଗତ ଘରେ ପାଳିପାରିବ, ଏହିପରି ଅଘଟଣ ନିମନ୍ତେ ସ୍ଥାନୀୟ ପ୍ରଶାସନର ବିଫଳତା ମଧ୍ୟ ସାମ୍ନାକୁ ଆସିଥିବା ବିଚ଼ାରପତି ବିକ୍ରମ ନାଥ, ବିଚ଼ାରପତି ସନ୍ଦୀପ ମେହତା, ବିଚ଼ାରପତି ଏନ୍‌ଭି. ଅଞ୍ଜରିଆଙ୍କ ଖଣ୍ଡପୀଠ କହିଥିଲେ। ଭୁବନେଶ୍ୱର ମହାନଗର ନିଗମ ବୁଲା କୁକୁରମାନଙ୍କ ଗଣନା ଶେଷ କରି ସେମାନଙ୍କର ରକ୍ଷଣାବେକ୍ଷଣ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିବାବେଳେ ବହୁ ପଛରେ ରହିଯାଇଛି କଟକ ମହାନଗର ନିଗମ ଏହା ଅତି ଦୁର୍ଭାଗ୍ୟଜନକ ବୋଲି ସାଧାରଣରେ ପ୍ରଶ୍ନବାଚ଼ୀ ସୃଷ୍ଟି ହେବା ସହିତ ସିଏମ୍‌ସିରେ ବୁଲା କୁକୁରଙ୍କ ସଂଖ୍ୟା କେତେ ତାହାର ପ୍ରକ୍ରିୟା ଆରମ୍ଭ କରାନଯିବା ଅତି ଦୁର୍ଭାଗ୍ୟଜନକ ଅଟେ।

## ଅଗ୍ନି କାଣ୍ଡରେ ୩ ବଖରା ପାଉଁଶ



**ଢେଙ୍କାନାଳ,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ପଙ୍ଗାତିରା ପଞ୍ଚାୟତ ବ୍ରାହ୍ମଣଧରା ଫେଡେଇସିଙ୍ଗି ସାହିରେ ଅଗ୍ନି କାଣ୍ଡ ଘଟି ୩ ବଖରା ଚାଳଘର ପାଉଁଶ ହୋଇଯାଇଛି। ଏହି ଖବର ପାଇ ବନବିଭାଗର କର୍ମଚାରୀ ଦେବାଶିଷ ବେହେରା ଫେଡେଇସିଙ୍ଗି ନିଳମଣି ପଧାନଙ୍କ ଘରକୁ ପହଁଚି ଆର୍ଥିକ ସହାୟତା ସହିତ ରାସନସାମଗ୍ରୀ ଓ ପୋଷାକ ସାହାଯ୍ୟ ସହଯୋଗ କରିଛନ୍ତି। ଅସହାୟ ସମାଜସେବୀ ଦୁଃଖବନ୍ଧୁ ବିଶ୍ୱାଳ ଉପସ୍ଥିତ ଥିଲେ। ଦେବାଶିଷ ବେହେରା (କାହ୍ନା)ଙ୍କର ଏହିଭଳି ସେବା ଦେଖି ସାଧୁବାଦ ଜଣାଇଛନ୍ତି ଗ୍ରାମବାସୀ।

## ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଲାଗି ୪୭.୫୦ ଲକ୍ଷ

**କଳିଙ୍ଗନଗର,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଉଚ୍ଚବଳୀ ପଞ୍ଚାୟତରେ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସ୍ୱହସ୍ତେ ପ୍ରାୟ ୧ କୋଟି ୪୮ ଲକ୍ଷ ଟଙ୍କା ଖର୍ଚ୍ଚର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି। ଏହା ଦ୍ୱାରା ପଞ୍ଚାୟତର ସାର୍ବିକ ବିକାଶ, ଜନସାଧାରଣଙ୍କ ସୁବିଧା ବୃଦ୍ଧି ଓ ଜୀବନମାନ ଉନ୍ନତିକୁ ନୂତନ ଦିଗ ମିଳିଛି। ତଥ୍ୟ ଅନୁଯାୟୀ, ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ/ନବୀକରଣ ପାଇଁ ୪୭.୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଗ୍ରାମର ଆଲୋକ ବ୍ୟବସ୍ଥା ସୁଧାର ପାଇଁ ୩ଟି ହାଇମାଷ୍ଟ ଲାଇଟ୍ ସ୍ଥାପନରେ ୫୦ ହଜାର ଟଙ୍କା ଏବଂ ପାନୀୟ ଜଳ ସୁବିଧା ସୁଦୃଢ଼ କରିବା ପାଇଁ ଘରି ଓ ଫିଟିଂ କାମରେ ୫୦ ହଜାର ଟଙ୍କା ବ୍ୟୟ ହୋଇଛି। ଗ୍ରାମୀଣ ଯାତାୟାତ ସୁବିଧା ବୃଦ୍ଧି ପାଇଁ ରାସ୍ତା ଓ ନାଳା ନିର୍ମାଣରେ ୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ସୁଦୃଢ଼ିକରଣ ପାଇଁ ଜିପିଏଲଏଫ ଭବନ ନିର୍ମାଣରେ ୩୬ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଶିକ୍ଷା ଉନ୍ନତିକୁ ଲକ୍ଷ୍ୟ କରି ନୂତନ ପ୍ରାଥମିକ ବିଦ୍ୟାଳୟ ଘର ନିର୍ମାଣରେ ୨୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି, ଆବାସ ସୁବିଧା ବୃଦ୍ଧି ପାଇଁ କୁଲି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୦ ଲକ୍ଷ ଟଙ୍କା, ଡ୍ରେନେଜ୍ ଓ ସାଧାରଣ ସୁବିଧା କାମରେ ୧୨ ଲକ୍ଷ ଟଙ୍କା ଏବଂ ସାମୁଦାୟିକ ଉନ୍ନତି କାର୍ଯ୍ୟରେ ୧୦ ଲକ୍ଷ ଟଙ୍କା ବ୍ୟୟ ହୋଇଛି। ଉଦଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ସାମନ୍ତ କହିଲେ ଯେ ରାଜ୍ୟ ସରକାର ଗ୍ରାମୀଣ ଅଞ୍ଚଳର ସମାନ ଉନ୍ନତି ଓ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ପ୍ରତିବଦ୍ଧ। ହସ୍ତତନ୍ତ ଓ ବୟନ ଶିଳ୍ପକୁ ସୁଦୃଢ଼ କରି ଗ୍ରାମୀଣ ଯୁବପିଢ଼ିଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ ଉଲ୍ଲେଖ କଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ପଞ୍ଚାୟତ ସଭ୍ୟ, ବ୍ଲକ ଓ ଜିଲ୍ଲା ପ୍ରଶାସନିକ ଅଧିକାରୀ, ସହିତ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଖଡିଆଳ ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ

**ନୂଆପଡା,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଜିଲ୍ଲାକୁ ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଅବହେଳିତ କରାଯାଉଥିବା ବେଳେ ଅନେକ ପର୍ଯ୍ୟଟନ କେନ୍ଦ୍ର ଏବେବି ସ୍ଥାନିତ ହୋଇପାରି ନାହିଁ। ପର୍ଯ୍ୟଟନ ବିକାଶ କହିଲେ ଶୁନ ବୁଝାଇଥାଏ। ଦୀର୍ଘବର୍ଷ ପରେ ମଧ୍ୟ ପର୍ଯ୍ୟଟନର ଉନ୍ନତିକରଣ କରାଯାଇ ପାରିନାହିଁ। ଜିଲ୍ଲାର ପ୍ରମୁଖ ସହର ଖଡିଆଳ ଠାରେ ଅନେକ ପର୍ଯ୍ୟଟନ କେନ୍ଦ୍ର ରହିଅଛି। ଓଡିଶାର ୧୩୭ ବର୍ଷର ପ୍ରଥମ ସାହିତ୍ୟ ସମିତି, ଓଡିଶାର ପ୍ରଥମ ସ୍ଥାୟୀ ରଙ୍ଗମଞ୍ଚ, ଖଡିଆଳ ସହର ମଧ୍ୟରେ କଳା ଓ ସ୍ଥାପତ୍ୟ ୧୫୦ ବର୍ଷ ପୁରୁଣା ଦରବାର ହଲ, ଖଡିଆଳ ପର୍ବକୁ ୧୦ କିଲୋମିଟର ଦୂରତା ଯୋଗୀମଠ ଅବସ୍ଥିତ। ମାନବ ସମାଜର ଭାଷାର ଉଦଭାବନ ପୂର୍ବରୁ ନିଜ ଭାବନାକୁ ଚିତ୍ର ମାଧ୍ୟମରେ ଆଙ୍କିଥିବା ଗୁମ୍ଫା ଶୀଳାଲିପି ଏବେବି ମୂକସାକ୍ଷୀ ରୂପେ ଦଣ୍ଡାୟମାନ ଅଟେ। ଏହି ସବୁ ପର୍ଯ୍ୟଟନ କେନ୍ଦ୍ରକୁ ଓଡିଶା ମାନଚିତ୍ରରେ ସ୍ଥାନିତ କରାଯାଇନଥିବାବେଳେ ଏହାର ରକ୍ଷଣା ବେକ୍ଷଣ ଅଭାବ କାରଣରୁ ଧ୍ୱଂସ ହେବାରେ ବସୁଛି। ଓଡିଶା ସରକାର ସହ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଇ ଏହାର ରକ୍ଷଣା ବେକ୍ଷଣରେ ଗୁରୁତ୍ୱଦେଲେ ଉପାନ୍ତ ନୂଆପଡା ଜିଲ୍ଲାବାସୀ ପର୍ଯ୍ୟଟନରେ ଉନ୍ନତି ହେବାସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯାଇ ପାରିବ।

## ଟାଟା ଷ୍ଟିଲ ତରଫରୁ ସଡ଼କ ସୁରକ୍ଷା ସଚେତନତା

**ଓଡ଼ାପଡ଼ା,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**



ସ୍ୱଚ୍ଛତା, ସୁସ୍ଥତା ଓ ସୁରକ୍ଷାକୁ ନେଇ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ପକ୍ଷରୁ ଏକ ଆୱାରେନେସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟାଟା ଷ୍ଟିଲ୍ ମେରାମଣ୍ଡଳୀର ସେଚ୍ଛାସେବୀମାନେ କଣ୍ଟାବଣିଆ ପୋଲିସର ମିଳିତ ସହଯୋଗରେ ସାପୁଆ ଡ୍ୟାମରେ ଏକ ବୃହତ ସ୍ୱଚ୍ଛତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟ ସରକାରଙ୍କ ଏହି ପ୍ରସିଦ୍ଧ ପର୍ଯ୍ୟଟନ ତଥା ପିକନିକ୍ ସ୍ଥଳୀକୁ କିଭଳି ସଂପୂର୍ଣ୍ଣ ପ୍ଲାଷ୍ଟିକ ମୁକ୍ତ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚ଼ନା ଚ଼କ୍ରର ଆୟୋଜନ କରାଯିବା ସହ ଡ୍ୟାମ ଅଞ୍ଚଳରୁ ଏକ ଟନରୁ ଅଧିକ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇ ସଫା କରାଯାଇଥିଲା। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା ପ୍ରାକୃତିକ ପରିବେଶର ସୁରକ୍ଷା, ଜଳ ପ୍ରଦୂଷଣ ନିୟନ୍ତ୍ରଣ ଏବଂ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁର ପରିବେଶ ଉପରେ କ୍ଷତିକାରକ ପ୍ରଭାବ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା। ସେଚ୍ଛାସେବୀମାନେ ପ୍ଲାଷ୍ଟିକ ଆବର୍ଜନା ଯଥା - ବୋତଲ, ରାପର, ପ୍ଲାଷ୍ଟିକ ବ୍ୟାଗ ଏବଂ ଅନ୍ୟାନ୍ୟ ପରିବେଶ ପ୍ରଦୂଷଣ ସାମଗ୍ରୀର ପୃଥକୀକରଣ ଓ ଅପସାରଣ କାର୍ଯ୍ୟରେ ସକ୍ରିୟ ଭାବରେ ଅଂଶଗ୍ରହଣ କରିବା ସହିତ ସଂଗୃହିତ ବର୍ଜ୍ୟବସ୍ତୁ ପରିବେଶ ନିୟମ ଅନୁଯାୟୀ ଦାୟିତ୍ୱପୂର୍ଣ୍ଣ ଭାବେ ନିଷ୍କାସିତ କରିବା ସହିତ ଜୀବନବ୍ୟାପୀ ଏଭଳୀ କାର୍ଯ୍ୟ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ସଂକଳ୍ପ ଲୋକଙ୍କ ମଧ୍ୟରେ ପରିବେଶ ସଚେତନତା ସୃଷ୍ଟି କରିବାସହ, ବାହାର ପର୍ଯଟକ ଏବଂ ସ୍ଥାନୀୟ ଲୋକମାନଙ୍କୁ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା ତଥା ସର୍ବସାଧାରଣ ସ୍ଥାନ ବିଶେଷକରି ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ ପିକନିକ୍ ସ୍ଥଳୀର ସ୍ୱଚ୍ଛତା ବଜାୟ ରଖିବାକୁ ଉତ୍ସାହିତ କରିହେବ ବୋଲି ଆଲୋଚ଼ନା କରଯାଇଥିଲା।

## ଭଲ ମଣିଷ ହେବା ପାଇଁ ସାଧନା ଜରୁରୀ



**ବୈଶିଙ୍ଗା,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଭଲ ମଣିଷ ହେବା ପାଇଁ ସାଧନା ଜରୁରୀ ବୋଲି କଳମା ପଞ୍ଚାୟତର ଗୋବିନ୍ଦରାୟ ପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମତ ପ୍ରକାଶ ପାଇଥିଲା। ପ୍ରଧାନ ଶିକ୍ଷକ ଭବେଶ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଲବ କର, ମୁଖ୍ୟବକ୍ତା ଶିକ୍ଷକ ଯାମିନୀକାନ୍ତ ମହାନ୍ତ, ସମ୍ମାନିତ ଅତିଥି ଭାବେ ସିଆରସିସି ପ୍ରଦୀପ ମହାନ୍ତି, ପରିଚ଼ାଳନା କମିଟିର ସଭାପତି ସେକ ଆଜିମୁଦ୍ଦିନ, ଅଚ୍ୟୁତ ଦାସ ପ୍ରମୁଖ ଯୋଗଦାନକରି ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଚ଼ାରି ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢୁଥିବାରୁ ଅତିଥି ବୃନ୍ଦ ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷା ପ୍ରତି ସେମାନଙ୍କର ଆଗ୍ରହ ଥିବାରୁ ସେମାନଙ୍କ ଆଗ୍ରହ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ପ୍ରଦାନ କରିଥିଲେ। ଏହି ଅବସରରେ ୪ର୍ଥ ଶ୍ରେଣୀର ଛାତ୍ରୀ ଆୟେଷା ଖାତୁନଙ୍କୁ ପୁରସ୍କୃତ କରାଯାଇଥିଲା। ଏତଦ ବ୍ୟତିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭଶ୍ରୀ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ତପସ୍ୱିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ରଂଜିତା ବିଶ୍ୱାଳ, ମିନାକ୍ଷୀ ଦେ, ଶାନ୍ତିଲତା ଚ଼ଣ୍ଡ ଓ ସୁଜାତା ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭଦ୍ରକ,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଧାନମଣ୍ଡିର ଅବ୍ୟବସ୍ଥା, ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ଜରିମାନା ଆଦାୟ ଆଦି ବିଭିନ୍ନ ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନ, ଭଦ୍ରକ ଶାଖା ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ଦର୍ଶାଯାଇଛି ଯେ ଜିଲ୍ଲାର ବିଭିନ୍ନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡିରହିଛି। ୫ ତାରିଖରୁ ମଣ୍ଡି ଖୋଲାଯାଇଥିଲେ ମଧ୍ୟ ଚ଼ାଷୀ ରାତିରେ ଶୀତ କାକରରେ ବସିରହିଛି, ଧାନ ବିକ୍ରି କରିପାରୁନାହିଁ। ଏପଟେ ଟୋକନର ଅବଧି ଶେଷ ହେବାକୁ ବସିଲାଣି। ଧାନ ବିକ୍ରି ନହେବା ଫଳରେ ଚ଼ାଷୀ ଏବେ ପାରିବାରିକ ଆର୍ଥାତ ଅନାଟନରେ ପଡି କ୍ୱିଂଟାଲ ପିଛା ୧୬୦୦ରୁ ୧୭୦୦ ଟଙ୍କାରେ ଧାନ ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହେଉଛି। ଏଭଳି ପରିସ୍ଥିତିରେ ପ୍ରଶାସନ ଜାଣିଅଜଣା ଭଳି ଭୂମିକା ଗ୍ରହଣ କରିବା ଦ୍ୱାରା ଚ଼ାଷୀଙ୍କ ଦୁର୍ଦ୍ଦଶା ବଢ଼ିଚ଼ାଲିଛି। ସେହିପରି ଓଡିଶା ସରକାର ପ୍ରଦୂଷଣ ନାମରେ ସାଧାରଣ ବ୍ୟକ୍ତିଙ୍କ ଠାରୁ ବିପୁଳ ଅର୍ଥ ଜରିମାନା ଆଦାୟ କରୁଛନ୍ତି। ଅନ୍ୟପଟେ ବଡ ବଡ କଂପାନୀମାନଙ୍କ କଳକାରଖାନାରୁ ନିର୍ଗତ ହେଉଥିବା ପ୍ରଦୂଷଣ ସମସ୍ୟାକୁ ରୋକିବାରେ ବିଫଳ ହୋଇଛନ୍ତି। ଏହିସବୁ ବେଆଇନ୍ ଫାଇନ୍ ଗୁଡିକୁ ରଦ୍ଦ କରିବା ପାଇଁ ନବନିର୍ମାଣ ଛାତ୍ର ସଂଗଠନ ପକ୍ଷରୁ ଦାବି କରାଯାଇଛି। ସେହିପରି ଟାଟା ପାୱାର ଦ୍ୱାରା ସ୍ମାର୍ଟ ମିଟର ନାମରେ ଶୋଷଣ ଓ କୃଷିମନ୍ତ୍ରୀଙ୍କ ଉପସ୍ଥିତିରେ ଗୁଣ୍ଡାଙ୍କ ଦ୍ୱାରା ନବନିର୍ମାଣ ନେତୃତ୍ୱଙ୍କ ଉପରେ ଆକ୍ରମଣ ପ୍ରତିବାଦରେ ଆସନ୍ତା ଜାନୁଆରୀ ୨୮ ତାରିଖ ସକାଳ ୬ରୁ ଦିନ ୨ଟା ପର୍ଯ୍ୟନ୍ତ ରାଜ୍ୟ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଛି। ଏହି ନିର୍ଦ୍ଦେଶ କ୍ରମେ ଚ଼ାଷୀ, ମହିଳା, ଯୁବକ, ଛାତ୍ର ସଂଗଠନ, ବ୍ୟବସାୟୀ, ବୁଦ୍ଧିଜୀବୀମାନେ ଭଦ୍ରକ ବନ୍ଦକୁ ସଫଳ କରିବା ପାଇଁ ନବନିର୍ମାଣ କୃଷକ ସଂଗଠନ, ଭଦ୍ରକ ଶାଖାର ଜିଲା ସଂଯୋଜକ ତ୍ରିଲୋଚ଼ନ ପଣ୍ଡା, ସତ୍ୟନାରାୟଣ ନାୟକ, ସୀତାକାନ୍ତ ସାହୁ, ଜାହିଲ ଖାନ୍ ପ୍ରମୁଖ ନିବେଦନ କରିଛନ୍ତି।

## ଚର୍ମ ତତ୍ତ୍ୱାବଧାନକୁ ନେଇ ସୋଆ ଏସପିଏସ ପକ୍ଷରୁ ସମ୍ମିଳନୀ



**ଭୁବନେଶ୍ୱର,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚର୍ମର ତତ୍ତ୍ୱାବଧାନ ଏବଂ ଅତ୍ୟାଧୁନିକ ପ୍ରକ୍ରିୟାରେ କ୍ଷତ ପରିଚାଳନା କ୍ଷେତ୍ରରେ ସ୍ମାର୍ଟ ବାୟୋମ୍ୟାଟେରିଆଲ୍ସ, ନାନୋ ଟେକ୍ନୋଲୋଜି ଏବଂ ଡ଼ିଜିଟାଲ୍ ସେନସିଂରେ ବିକାଶକୁ ନେଇ ବିଭିନ୍ନ ଦକ୍ଷିଣ ପୂର୍ବ ଏସିଆ ଦେଶ ଗୁଡିକର ବିଶେଷଜ୍ଞମାନେ ଏକତ୍ରିତ ହୋଇ ବୁଧବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ଆୟୋଜିତ ଏକ ଦିବସୀୟ ସମ୍ମିଳନୀରେ ଆଲୋଚନା କରିଛନ୍ତି।

ସୋଆ ପରିଚାଳିତ ସ୍କୁଲ୍ ଅଫ ଫାର୍ମାସ୍ୟୁଟିକାଲ ସାଇନ୍ସେସ୍ (ଏସପିଏସ) ପକ୍ଷରୁ 'ଦ ଇଣ୍ଡୋ-ଏସିଆନ୍ ଇଂଟରନ୍ୟାସନାଲ ସେମିନାର' (ଆଇଏଆଇଏସ-୨୦୨୬) ଆୟୋଜିତ ହୋଇଯାଇଥିବା ବେଳେ ଏହାର ପ୍ରସଙ୍ଗ ରହିଥିଲା 'ଇନିୟରିଂ ଦ ନେକ୍ସଟ୍ ଜେନେରେସନ ଅଫ ଟ୍ରାଂସଡରମାଲ୍ କେୟାର'।

ଅତ୍ୟାଧୁନିକ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ସ୍ମାର୍ଟ ଟ୍ରାଂସଡରମାଲ୍ ସିଷ୍ଟମ୍‌କୁ ଭିତି କରି ଆଲୋଚନା କରାଯାଇଥିଲା। ଏହି ଅବସରରେ ସମ୍ମିଳନୀର ଆବାହକ ପ୍ରଫେସର ଏ. ବୋଷ କହିଥିଲେ ଯେ ବର୍ତ୍ତମାନ ସମୟରେ ଆମେ ଚିରାଚରିତ କ୍ଷତ ସ୍ଥାନର ଚିକିତ୍ସା ଏବଂ ସାଧାରଣ ଔଷଧ ପ୍ରଦାନ ପ୍ରକ୍ରିୟାରୁ ଆଗକୁ ଯାଇ ବୁଦ୍ଧିସମ୍ପନ୍ନ, ପ୍ରତିକ୍ରିୟାଶୀଳ ଏବଂ ବହୁବିଧ ପ୍ରକ୍ରିୟା ବାୟୋମ୍ୟାଟେରିଆଲ ଉପରେ କାର୍ଯ୍ୟ କରୁଛୁ।

ଏହି ଅତ୍ୟାଧୁନିକ ବ୍ୟବସ୍ଥା କ୍ଷତ ଦ୍ରୁତ ଭଲ ହେବାରେ ସାହାଯ୍ୟ କରିବା ସହ ସଂକ୍ରମଣକୁ ପ୍ରତିରୋଧ କରୁଛି ଏବଂ ଶରୀରର କଷ୍ଟକୁ ମଧ୍ୟ ହ୍ରାସ କରାଇବାରେ ସହାୟକ ହେଉଛି ବୋଲି ସେ କହିଥିଲେ।

ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମାଲେସିଆ, ଥାଇଲାଣ୍ଡ, ସିଙ୍ଗାପୁର ଏବଂ ବ୍ରୁନେଇ ଭଳି ବିଭିନ୍ନ ଦକ୍ଷିଣ ପୂର୍ବ ଏସିଆ ଦେଶରୁ ଗବେଷକ ଓ ବିଶେଷଜ୍ଞମାନେ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ।

ଆଇଆଇଟି ଖଡ଼ଗପୁରର ସ୍କୁଲ ଅଫ ମେଡିକାଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ପ୍ରଫେସର ସାନ୍ତନୁ ଧର ଓ ଥାଇଲାଣ୍ଡର ଚିଆଙ୍ଗରାଏ ସ୍ଥିତ ମେ ଫା ଲୁଆଙ୍ଗ ୟୁନିଭର୍ସିଟିର ଆସୋସିଏଟ୍ ପ୍ରଫେସର ଡକ୍ଟର ଓରାଓ୍ୟାନ ସୁଆନଟୋଙ୍ଗ ଦୁଇଟି ବୈଜ୍ଞାନିକ ଅଧିବେସନରେ ବକ୍ତବ୍ୟ ରଖିଥିଲେ। ପ୍ରଫେସର ଧର 'ଏଥିକାଲି ସୋର୍ସେସ୍ ବାୟୋମ୍ୟାଟେରିଆଲସ୍ ଥ୍ରୁ ଇନୋଭେଟିଭ ପ୍ରସେସିଂ ଫର ଉଣ୍ଡ୍ ମ୍ୟାନେଜମେଂଟ' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡକ୍ଟର ସୁଆନଟୋଙ୍ଗ 'ୟୁଟିଲାଇଜେସନ୍ ଅଫ ବାୟୋପଲିମର ବେସଡ୍ ଉଣ୍ଡ୍ ଡ୍ରେସିଂସ୍ ଇନକର୍ପୋରେଟେଡ ଉଇଥ ନ୍ୟାଚୁରାଲ ପ୍ରଡକ୍ଟ ଏକ୍ସଟ୍ରାକ୍ଟସ୍ ଫର ଡାଇଭର୍ସ ଉଣ୍ଡ୍ ମ୍ୟାନେଜମେଂଟ' ଉପରେ ଆଲୋକପାତ କରିଥିଲେ।

ପ୍ରଫେସର ଧର କହିଥିଲେ ଯେ ଡାକ୍ତରୀ ଗବେଷଣା ଏବଂ ଫାର୍ମାସୀ ଓତଃପ୍ରତ ଭାବେ ଜଡ଼ିତ ଯେଉଁଥିରେ ଡାକ୍ତର, ଇନିୟର ଓ ଔଷଧୀୟ ବୈଜ୍ଞାନିକ ମାନେ ସମାଜର ହିତ ପାଇଁ ଏକତ୍ରିତ ହୋଇ କାର୍ଯ୍ୟ କରିଥାଁ। ସେ କହିଥିଲେ ଯେ ବୈଜ୍ଞାନିକ ମାନେ ୧୯୯୧ରେ ହିଁ ଷ୍ଟେମ ସେଲ୍ ସମ୍ପର୍କରେ ଜାଣିବାକୁ ପାଇଥିବା ବେଳେ ୨୦୨୪ ମସିହାରେ ୟୁଏସଏର ଫୁଡ ଆଣ୍ଡ ଡ୍ରଗ ଆଡମିନିଷ୍ଟ୍ରେସନ୍ ପକ୍ଷରୁ ଷ୍ଟେମ ସେଲ୍ସ ଥେରାପୀ ନିମନ୍ତେ ସ୍ୱୀକୃତି ମିଳିଥିଲା। ଏହାକୁ ୨୦୨୫ ମସିହାରେ ଭାରତ ଗ୍ରହଣ କରିଥିଲା।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ଅନୁପ ସାମନ୍ତରାୟ ବକ୍ତବ୍ୟ ରଖିଥିଲେ। ଇଣ୍ଡଷ୍ଟ୍ରିଆଲ୍ ଫାର୍ମାସୀ ବିଭାଗର ମୁଖ୍ୟ ପ୍ରଫେସର ସ୍ନିଗ୍ଧା ପଟ୍ଟନାୟକ, ଫାର୍ମାକୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ପ୍ରତାପ କୁମାର ସାହୁ, ଫାର୍ମାସ୍ୟୁଟିକାଲ କେମେଷ୍ଟ୍ରି ବିଭାଗର ମୁଖ୍ୟ ପ୍ରଫେସର ପି. ସୁଧିର କୁମାର, ଡକ୍ଟର ସୁବ୍ରତା ମଲ୍ଲିକ ଏବଂ ଆସୋସିଏଟ୍ ପ୍ରଫେସର ଡକ୍ଟର ଶକ୍ତିକେତନ ପୃଷ୍ଟି ବିଭିନ୍ନ ବୈଜ୍ଞାନିକ ଅଧିବେଶନକୁ ପରିଚାଳନା କରିଥିଲେ।

ଏସପିଏସର ପ୍ରଫେସର ଲକ୍ଷ୍ମୀଧର ମହାରଣା ସମ୍ମିଳନୀକୁ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ବଣଭୋଜି



**ଭୁବନେଶ୍ୱର,୨୩।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ଅବସରପ୍ରାପ୍ତ ପୋଲିସ ପଦାଧିକାରୀ କଲ୍ୟାଣ ସମିତିର ବାର୍ଷିକ ବଣଭୋଜି ଚନ୍ଦକା ଗୋଡିବାରି ବନଦୁର୍ଗା ଠାକୁରାଣୀଙ୍କ ନିକଟରେ ଅନୁôଠିତ ହୋଇଥିଲା। ସମିତିର ସଭାପତି ସୂର୍ଯ୍ୟମଣୀ ତ୍ରିପାଠୀଙ୍କ ପରିଚାଳନାରେ ସଭାପତି ଭକ୍ତ ବଲ୍ଲଭ ଦାସଙ୍କ ଧର୍ମପତ୍ନୀ ସ୍ୱର୍ଗତ ଚିନ୍ମୟ ଦାସଙ୍କ ଆତ୍ମାର ସଦଗତି ନିମନ୍ତେ ମହାମୃତ୍ୟୁଞ୍ଜୟ ମନ୍ତ୍ର ଗାନ କରାଯାଇ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ମମତା ରାୟ ସ୍ୱର୍ଣ୍ଣଲତା ପ୍ରଧାନ, ମନୋରମା ପଣ୍ଡା, ପୁଷ୍ପା ପଟ୍ଟନାୟକ, ବିଜୟଲକ୍ଷ୍ମୀ ଦାସ, ଦେବୀଦତ୍ତ ବିଶ୍ୱଜୀବନ ମିଶ୍ର, ସୁଖେଲୁ ଦାସ, ଦୋଳଗୋବିନ୍ଦ ପରିଡା, ବାମନ ପଟ୍ଟନାୟକ, ନୀଳମୋହନ ତ୍ରିପାଠୀ, ସୁବାସ ଚନ୍ଦ୍ର ମହାପାତ୍ର ସଙ୍ଗିତ ପରିବେଷଣ କରି ମନୋରଞ୍ଜନ କରିଥିଲେ। ୱାଲେଟ ଫର ୱେଲଥର ନିର୍ଦ୍ଦେଶକ ତ୍ରିନାଥ ଲେଙ୍କା ତାଙ୍କ ମହଧର୍ମିଣୀ ପ୍ରାଚୀ ଲେଙ୍କାଙ୍କ ସହ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସାଧାରଣ ସମ୍ପାଦକ ବିଜୟ କୃଷ୍ଣ ମହାନ୍ତି ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ସ୍ୱାଗତ କରିଥିଲେ। ମନୋରଞ୍ଜନ ଓ ସୁଖେଲୁ ପରିଚାଳନା କରି ସମସ୍ତଙ୍କୁ ଧନଦ୍ଧ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ବାମନ ଚରଣ ପଣ୍ଡା, ଉପସଭାପତି ସୁରେନ୍ଦ୍ର ସାହୁ ଓ ଦେବେନ୍ଦ୍ରନାଥ ଶତପଥୀ, କୋଷାଧ୍ୟକ୍ଷ ରାଧାନଥ ମହାପାତ୍ର, ବିମଳ କୁମାର ମହାନ୍ତି, ଗୁରୁଚରଣ ମହାନ୍ତି, ଲକ୍ଷଣ କୁମାର ବେହେରା, ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ବିଣାପାଣୀ ମିଶ୍ର, ଉର୍ବାସିନୀ ତ୍ରିପାଠୀ, କନକଲତା ବିଶୋଇ, ମାନସବାଳା ସାମଲ, ଜୟଶ୍ରୀ ମହାପାତ୍ର, ରଶ୍ମୀ ଜେନା, ପ୍ରମିତା ପଣ୍ଡା, ଶାନ୍ତିଲତା ବେହେରା, ସତ୍ୟଭାମା ମହାନ୍ତି ଆଦି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ବୋଲି ସଂଗଠନ ସମ୍ପାଦକ ନୀଳମୋହନ ତ୍ରିପାଠୀ ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ ସରସ୍ୱତୀ ପୂଜା

**ବାଙ୍କୀ, ୨୩।୧** – ଆଜି ପବିତ୍ର ସରସ୍ୱତୀ ପୂଜା ଅବସରରେ ବାଙ୍କୀ ଉପଖଣ୍ଡର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ମା'ସରସ୍ୱତୀଙ୍କ ପୂଜାର୍ଚ୍ଚନା କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବାଙ୍କୀ



ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଣୀଶୁକଦେଈ ମହିଳା କଲେଜ, ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠ, କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ, ଆଦର୍ଶ ଯୁବପରିଷଦ ଏବଂ ବିଭିନ୍ନ କ୍ଲବ ଦ୍ୱାରା ପୂଜାର୍ଚ୍ଚନା କରାଯାଇଛି। ବାଙ୍କୀର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ କଳା , ସାହିତ୍ୟ ଓ ସଂସ୍କୃତି ପରିଷଦ ପରିସରରେ ସାଂସ୍କୃତିକ ସଂପାଦକ ବିଜୟ କୁମାର ଦିକ୍ଷୀତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପୂଜାର୍ଚ୍ଚନାରେ ଅନୁଷ୍ଠାନର ଉପସଭାପତି ମନୋଜ କୁମାର ମହାପାତ୍ର, ନୃତ୍ୟ ଶିକ୍ଷକ ମହେଶ ନାୟକ ପ୍ରମୁଖ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

**ନିଆଳି:** ନିଆଳି ବ୍ଲକରେ ବିଭିନ୍ନ ପଂଚାୟତରେ ସରସ୍ୱତୀ ପୂଜା ବେଶ ଧୁମଧାମରେ ପାଳିତ ହୋଇଯାଇଛି। ବିଭିନ୍ନ ସରକାରୀ, ଘରୋଇ ଶିକ୍ଷାନୁଷ୍ଠାନ



ଓ ବ୍ୟବସାୟୀମାନେ ନିଜ ନିଜର ବ୍ୟବସାୟ କରୁଥିବା ସ୍ଥାନରେ ସରସ୍ୱତୀ ପୂଜା କରୁଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ଲକ ଅଧିନସ୍ତ ତାଂପଡା ଗ୍ରାମର ସରସ୍ୱତୀ ପୂଜା କମିଟି ଯୁବକ ସଂଘ ପକ୍ଷରୁ ବିରାଟ ପ୍ରତିମୂର୍ତ୍ତି ଆଣି ଗ୍ରାମରେ ପୂଜାର୍ଚ୍ଚନା କରିବା ସହ ଭୋଜି ଭାତର ଆୟୋଜନ କରିଥିଲେ। ସେହିପରି ନିଆଳି ମହାବିଦ୍ୟାଳୟ ଦେବୀ କନ୍ଦଳ ଦୀପାଞ୍ଚଳ କସରଦା କଲେଜ, ଦିଗନ୍ତ, ନିଆଳି ମହିଳା ମହାବିଦ୍ୟାଳୟ, ଅକ୍ସଫୋର୍ଡ ସ୍କୁଲ, ନିଆଳି ସରସ୍ୱତୀ ଶିଶୁ ମନ୍ଦିର, ବଡ଼ୀଆ ସାହି ଶିଶୁ ମନ୍ଦିର ଓ ସରସ୍ୱତୀ ଅନୁଷ୍ଠାନମାନଙ୍କରେ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିବା ଦେଖିବାକୁ ମିଳିଛି। ସକାଳୁ ସକାଳୁ ଛାତ୍ରଛାତ୍ରୀ ନୂଆ ବସ୍ତ୍ର ପରିଧାନ କରି ଖଡ଼ି, ସିଲଟ, ଧୂପ, ଦୀପ, ଫଳ ପୁଷ୍ପ ଓ କଲମ ଖାତା ଧରି ବିଦ୍ୟାଳୟମାନଙ୍କରେ ମା ବାଗଦେବୀ ବୀଣାପାଣି ସରସ୍ୱତୀ ଦେବୀଙ୍କୁ ଭକ୍ତି ସହକାରେ ପ୍ରଣାମ ଜଣାଇ ନିଜ ମନସ୍କାମନା ଜଣାଇ ଧୁମଧାମରେ ପୂଜା ରୀତିରେ ପାଳନ କରିଛନ୍ତି। ହିନ୍ଦୁ ରୀତି ଅନୁଯାଇ ଆଜି କୁନି ପିଲାଙ୍କ ଖଡ଼ି ଛୁଆଁ କରାଗଲେ ଶିଶୁଙ୍କ ପାଠ ଭଲ ହେବ ବୋଲି ମାନ୍ୟତା ରହିଛି।

**ବୁଗୁଡ଼ା :** ପବିତ୍ର ମାଘ ଶୁକ୍ଳ ପଞ୍ଚମୀ ତିଥିରେ ବୁଗୁଡ଼ା ଅଞ୍ଚଳର ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା ଉତ୍ସବ ଅନୁଷ୍ଠିତ



ହୋଇଯାଇଛି। ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନିୟୁ ଏରା ପବ୍ଲିକ୍ ସ୍କୁଲ, ସାଇ ସରସ୍ୱତୀ ଶିଶୁ ମନ୍ଦିର, ବିରଞ୍ଚି ନାରାୟଣ ପବ୍ଲିକ୍ ସ୍କୁଲ, ଶୋଭନୀୟ ପବ୍ଲିକ୍ ସ୍କୁଲ, ପିପୁଲ୍ସ ହାଇସ୍କୁଲ, ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ବୁଦ୍ଧଗିରି ବିଦ୍ୟାପୀଠ, ପିପୁଲ୍ସ କଲେଜ, ଶ୍ରୀ ବଳଦେବଜୀୟୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ପିପୁଲ୍ସ କଲେଜ ଓ ବାଲିପଦର କଲେଜ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ମା' ବାଗଦେବୀଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି। ଏ ଅବସରରେ କେତେକ ବିଦ୍ୟାଳୟରେ ନୂତନ ଶିଶୁଙ୍କ ବିଦ୍ୟାରମ୍ଭ ମଧ୍ୟ ହୋଇଥିଲା।

**ରାୟଗଡା:** ରାୟଗଡା ସ୍ଥିତ ବିଗ୍ଯାନ ବିଦ୍ୟାଳୟ ପରିସରରେ ଆଜି ମହା ଆଡମ୍ବର ଓ ଭକ୍ତିମୟ ପରିବେଶ ମଧ୍ୟରେ ମା ସରସ୍ୱତୀଙ୍କ ପୂଜା ପାଳନ କରାଯାଇଛି। ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ବିଦ୍ୟାଳୟ ପରିସର ଆଧ୍ୟାତ୍ମିକ ଉତ୍ସାହରେ ମୁହୁର୍ତ୍ତ ହୋଇଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ସରସ୍ୱତୀ ବନ୍ଦନା ଗାୟନ ସହିତ ମାଙ୍କ ପାଖରେ ଫଳ, ପୁଷ୍ପ ଓ ଅନ୍ୟାନ୍ୟ ନୈବେଦ୍ୟ ଅର୍ପଣ କରାଯାଇଥିଲା। ପାରମ୍ପରିକ ମନ୍ତ୍ର ଉଚ୍ଚାରଣ ସହିତ ହୋମ ଯଜ୍ଞ କରାଯାଇ ପୂଜା ସମ୍ପନ୍ନ ହୋଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ଏଲ. ପ୍ରବୀଣ କୁମାର ପୂଜାରେ ସକ୍ରିୟ ଭାବେ ଅଂଶଗ୍ରହଣ କରି କାର୍ଯ୍ୟକ୍ରମକୁ ନେତୃତ୍ୱ ଦେଇଥିଲେ। ପୂଜା ସରିବା ପରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଓ କର୍ମଚାରୀମାନଙ୍କ ପାଇଁ ମିଷ୍ଟାନ୍ନ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ପୂଜା କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ ହେବାରେ ପ୍ରଧାନଶିକ୍ଷକଙ୍କ ସହିତ ଶିକ୍ଷୟତ୍ରୀ ପଲ୍ଲବୀ, ମମିତା ଦାସ, ଉଷା ରାଣୀ, ରୀନା ସ୍ୱାଇଁ, ମନୀଷା ଓ ଶିକ୍ଷକ ଅଜୟ ପ୍ରମୁଖଙ୍କ ମୁଖ୍ୟ ଅବଦାନ ରହିଥିଲା। ଏହି ପୂଜା ଆୟୋଜନ ବିଦ୍ୟାଳୟର ଶିକ୍ଷା ସହିତ ସଂସ୍କୃତିକ ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରିଛି ଓ ଛାତ୍ରଛାତ୍ରୀମାନଙ୍କୁ ଜ୍ଞାନ, ବୁଦ୍ଧି ଓ ନୀତିଗତ ଉନ୍ନତି ପାଇଁ ପ୍ରେରଣା ଦେଇଛି।

## ଖଣ୍ଡପଡା ବିଧାୟକଙ୍କ ଜନଶୁଣାଣି ଶିବିର

**ଖଣ୍ଡପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ଖଣ୍ଡପଡା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ବିଧାୟକଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗଗୁଡିକ ଉପରେ ଶୁଣାଣି କରିଥିଲେ। ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ଟି ପଞ୍ଚାୟତ ଓ ଖଣ୍ଡପଡା ସହରାଞ୍ଚଳରୁ ସର୍ବମୋଟ ୭୨ଟି ଅଭିଯୋପତ୍ର ଗ୍ରହଣ କରାଯାଇଥିଲା ବେଳେ ତନ୍ମଧ୍ୟରୁ ୧୧ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ଜଣାପଡିଛି। ବାକି ଅନ୍ୟ ସମସ୍ୟାଗୁଡିକର ସମାଧାନ ନିମନ୍ତେ ଶିବିରରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀମାନଙ୍କୁ ବିଧାୟକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଖଣ୍ଡପଡା ବ୍ଲକ ପ୍ରଶାସନ ପକ୍ଷରୁ ଜନଶୁଣାଣୀ ଶିବିରର ଆୟୋଜନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ଖଣ୍ଡପଡ଼ା ବ୍ଲକ ସାଂସଦ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ,ଏସଡିପିଓ ମଦନମୋହନ ପ୍ରଧାନ, ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପଞ୍ଚାୟତ ଜନପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଦିବଂଗତ ଗୃହରକ୍ଷୀଙ୍କ ପରିବାରକୁ ସହାୟତା

**ଫୁଲବାଣୀ:ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲ୍ଲା ସାରଙ୍ଗଡ ଥାନାରେ କାର୍ଯ୍ୟରତ ଗୃହରକ୍ଷୀ ମଦନ ମଳିକଙ୍କ ମୃତ୍ୟୁ ହୋଇଯାଇଥିବା ଯୋଗୁଁ ତାଙ୍କ ପରିବାର ଅତି ଅସୁବିଧାରେ ଜୀବନ ଯାପନ କରୁଥିଲେ। ଏଣୁ ଜିଲ୍ଲା ଗୃହରକ୍ଷୀ ସଂଘର ଉଦ୍ୟମ କ୍ରମେ କନ୍ଧମାଳ ଏସପି ତଥା ଗୃହରକ୍ଷୀ କମାଣ୍ଡାଣ୍ଟ ହରିଶ୍ ବଶି ମଦନଙ୍କ ଧର୍ମ ପତ୍ନୀ ସରସ୍ୱତୀ ପ୍ରଧାନଙ୍କୁ ଏକ ଚେକ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲା ହୋମଗାର୍ଡ ସଂଘ କର୍ମକର୍ତ୍ତାଙ୍କ ଉଦ୍ୟମରେ ଗଠନ ହୋଇଥିବା ୱେଲଫେୟାର ଫଣ୍ଡରୁ ସହାୟତା ରାଶି ପ୍ରଦାନ କରିବା ପାଇଁ ସଙ୍ଘ ପ୍ରୟାସ କରିଥିଲା। ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଗୃହରକ୍ଷୀମାନଙ୍କ ଗୋଟିଏ ଦିନର ଦରମା ଟଙ୍କା କନ୍ଧମାଳ ଜିଲ୍ଲା ଗୃହରକ୍ଷୀ ୱେଲଫର ଫଣ୍ଡରେ ଜମାକରି ମୋଟ ତିନି ଲକ୍ଷ



ଟଙ୍କା ସଂଗଠନ ତରଫରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇପାରିଛି। ଗୃହରକ୍ଷୀମାନଙ୍କ ପାଇଁ ଏକ ଦୁଃଖର ବିଷୟ ଯେ, ଜଣେ ଗୃହରକ୍ଷୀ କର୍ମଚାରୀ ଭାବେ ଜୀବନ ସାରା ପୋଲିସ ବିଭାଗରେ କାର୍ଯ୍ୟକରି କରି ଶେଷ ଅବସ୍ଥାରେ ଅବା ଦୁର୍ଘଟଣା ଜନିତ ମୃତ୍ୟୁବରଣ କରନ୍ତି କିମ୍ବା ଅବସର ଗ୍ରହଣ କରନ୍ତି ତାଙ୍କ ପରିବାର ସଦସ୍ୟଙ୍କୁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ଅନୁକମ୍ପା ମୂଳକ ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଗ୍ରହଣ କରାଯାଇ ପାରିନାହିଁ। ଯାହାକି କାର୍ଯ୍ୟରତ ରାଜ୍ୟର ସମସ୍ତ ଗୃହରକ୍ଷୀମାନଙ୍କ ପାଇଁ ଏକ ଦୁଃଖଦ ବିଷୟ।

ଗୃହରକ୍ଷୀଙ୍କ ପାଇଁ ତତ୍କାଳୀନ ଓ ବର୍ତ୍ତମାନ ମୋହନ ସରକାର ମଧ କୌଣସି ଉତ୍ସାହ ଜନକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି ନା କରିବେକି ନାହିଁ ସନ୍ଦେହ।

ତେଣୁ ପାରିପାର୍ଶ୍ୱିକ ପରିସ୍ଥିତି ଉପରେ ବିଚାର କରି ବର୍ତ୍ତମାନ ବିଜେପି ରାଜ୍ୟ ସରକାରଙ୍କୁ ଗୃହରକ୍ଷୀମାନଙ୍କ ଚାକିରୀ ସର୍ତ୍ତାବଳିକୁ ପରିବର୍ତ୍ତନ କରି ସମାନ କାମକୁ ସମାନ ଦରମା, ଅବସର କାଳୀନ ଭତ୍ତା, ଗ୍ରାଚୁଇଟି, ପ୍ରୋଭିଡେଣ୍ଟ ଫଣ୍ଡ ଆଦିର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଆଗାମୀ ଦିନରେ ଏକ ଦାବିପତ୍ର ପ୍ରଦାନ କରିବା ପାଇଁ ରାଜ୍ୟ ସଙ୍ଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଘଟଣା ରାଜ୍ୟ ସଙ୍ଘ ଆବାହକ ବିରାଜ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉପରିସ୍ଥ ଅଧିକାରୀ ଏବଂ କନ୍ଧମାଳ ଜିଲ୍ଲା ସଂଘ ସଭାପତି ପ୍ରଭାତ କୁମାର ସାହାଣୀ ଆବାହକ ତଥା ଉପ ସଭାପତି ବିରାଜ କୁମାର ପ୍ରଧାନ ଜୟନ୍ତ ଚୌଧୁରୀ, ସାଫରିନ ଖାନ ଉପସ୍ଥିତ ଥିଲେ।

### ଆଜାଦ୍ ହୀନ୍ଦ୍ ବାହିନୀ ପକ୍ଷରୁ ଦେଶପ୍ରେମ କବି ସମ୍ମିଳନୀ

## ନେତାଜୀ ଥିଲେ ଖାଣ୍ଟି ଓ ନିର୍ଭେଜାଲ୍ ଦେଶପ୍ରେମୀ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଦୁର୍ଦ୍ଦଶ ସ୍ୱାଧୀନତା ସଂଗ୍ରାମୀ, ଆଜନ୍ମ ବିପ୍ଳବୀ, ଫରୱାର୍ଡ ବ୍ଲକ୍ ଓ ଆଜାଦ୍ ହୀନ୍ଦ୍ ବାହିନୀର ପ୍ରାଣ ପ୍ରତିଷ୍ଠାତା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୩୦ ତମ ଜୟନ୍ତୀ ଉପଲକ୍ଷେ ନେତାଜୀ ଭବନଠାରେ ଆଜାଦ୍ ହୀନ୍ଦ୍ ବାହିନୀ ପକ୍ଷରୁ ଆୟୋଜିତ ଦେଶପ୍ରେମ କବି ସମ୍ମିଳନୀକୁ ଉଦ୍‌ଘାଟନ କରି ବିଶିଷ୍ଟ କବି ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ସଦସ୍ୟ ପବିତ୍ର ମୋହନ କର କହିଲେ, "ନେତାଜୀ ଥିଲେ ଜଣେ ଖାଂଟି ଓ ନିର୍ଭେଜାଲ୍ ଦେଶପ୍ରେମୀ। ପରିବର୍ତ୍ତିତ ପରିସ୍ଥିତିରେ ନେତାଜୀଙ୍କ ଆଦର୍ଶ ଓ ଦର୍ଶନର ଖୁବ୍ ଆବଶ୍ୟକତା ଅନୁଭୂତ ହେଉଛି।"

ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି




ଦେଶପ୍ରେମ କବି ସମ୍ମିଳନୀରେ ଅତିଥିଭାବେ ଯୋଗଦାନ କରି ବିଶିଷ୍ଟ କବୀ ଓ ପ୍ରାବନ୍ଧିକା ଡକ୍ଟର ଇପ୍‌ସିତା ଷଡ଼ଙ୍ଗୀ, କବି ନୃସିଂହ ତରାଇ, କବୀ ଶର୍ମିଷ୍ଠା ନାଥ, କବି ଉମାକାନ୍ତ ରାଉତ, କବି ବିନୋଦ ମହାରଣା, କବି ଆଲୋକ ପ୍ରଧାନ, କବି ଜିତେନ୍ଦ୍ରୀୟ ବେହେରା, କବି ହରେକୃଷ୍ଣ ଦାଶ ଓ କବୀ ଶକୁନ୍ତଳା ଓଝା ଦେଶପ୍ରେମ ଉପରେ ସ୍ୱରଚିତ କବିତା ପାଠ କରିବା ସହ ଦେଶ ସ୍ୱାଧିନତା ନିମନ୍ତେ ନେତାଜୀ ଉତ୍ସର୍ଗୀକୃତ ଜୀବନ ଓ ତାଙ୍କ ବିପ୍ଳବୀ ଜୀବନ ଦର୍ଶନ ଉପରେ ଆଲୋକପାତ କରିଥିଲେ। କବି ଓ ସ୍ତମ୍ଭକାର ଶ୍ରୀମତୀ ଶ୍ରୁତକୀର୍ତ୍ତି ତ୍ରିପାଠୀ ସଂଯୋଜନା କରିଥିବାବେଳେ ଆଜାଦ୍ ହୀନ୍ଦ୍ ବାହିନୀର ଜାତୀୟ ଆବାହକ ଜ୍ୟୋତି ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କବିମାନଙ୍କୁ ସମ୍ବର୍ଦ୍ଧନା କରି ବକ୍ତବ୍ୟରେ କହିଲେ, "ନେତାଜୀଙ୍କ ସ୍ୱପ୍ନ ସମତା, ସାମାଜିକ ନ୍ୟାୟ ଓ ଭାତୃତ୍ୱ ବର୍ତ୍ତମାନ ସଙ୍କଟରେ। ଏଥି ନିମନ୍ତେ କବି ଓ ଲେଖକମାନେ ତାଙ୍କ ଲେଖନୀ ଚାଳନା କରନ୍ତୁ।" ସେହିପରି ପଶ୍ଚିମବଙ୍ଗର ପ୍ରାକ୍ତନ ରାଜ୍ୟସଭା ସଦସ୍ୟ ତଥା ଫରୱାର୍ଡ କ୍ଲବ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଦେବବ୍ରତ ବିଶ୍ୱାସ କବିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ଜୀବନୀ ଲେଖକ ତଥା ସାହିତ୍ୟିକ ସତ୍ୟନାରାୟଣ ମହାପାତ୍ରଙ୍କ ଲିଖିତ "ନେତାଜୀ ସୁଭାଷ" ଉନ୍ମୋଚିତ ହୋଇଥିଲା। ବିଶିଷ୍ଟ କଥାକାର ଓ ଅନୁବାଦକ ରମେଶ ପଟ୍ଟନାୟକ ଅନ୍ୟତମ ଅତିଥିଭାବେ ଯୋଗଦାନ କରିଥିଲେ। ଶେଷରେ ଆଜାଦ୍ ହୀନ୍ଦ୍ ବାହିନୀର ସ୍ୱେଚ୍ଛାସେବୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।

## ପୂର୍ବତଟ ରେଳପଥ ପଣ୍ୟ ପରିବହନ ଆୟରେ ରେକର୍ଡ ଅଭିବୃଦ୍ଧି ହାସଲ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ଏହାର ସବୁଠାରୁ ଦ୍ରୁତତମ ୨୩,୦୦୦ କୋଟି ଟଙ୍କାର ପଣ୍ୟ ପରିବହନ ଆୟ ରେକର୍ଡ କରି ଏକ ଐତିହାସିକ ମାଇଲଖୁଣ୍ଟ ହାସଲ କରିଛି, ଯାହା ପଣ୍ୟ ପରିବହନ କ୍ଷେତ୍ରରେ ଭାରତୀୟ ରେଳବାଇର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜୋନ ମଧ୍ୟରୁ ଗୋଟିଏ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି।

ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ରେ ପୂର୍ବତଟ ରେଳପଥ ୧୯ ଜାନୁଆରୀ ୨୦୨୬ ସୁଦ୍ଧା ରେକର୍ଡ ୨୯୪ ଦିନରେ ଏହି ମାଇଲଖୁଣ୍ଟ ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ୨୦୨୪-୨୫ ତୁଳନାରେ ୨୭ ଦିନ ପୂର୍ବରୁ, ଅର୍ଥାତ ୩୨୧ ଦିନରେ ଏହି ସଫଳତା ହାସଲ କରାଯାଇଥିଲା। ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଜୋନର ନିରନ୍ତର ଅଭିବୃଦ୍ଧି ଏବଂ କାର୍ଯ୍ୟକ୍ଷମ ଦକ୍ଷତାକୁ ପ୍ରତିଫଳିତ କରୁଛି।

ପୂର୍ବତଟ ରେଳପଥର ମୋଟ ମୂଳ ଆୟ ୨୦୨୪-୨୫ ରେ ୨୧,୫୪୩ କୋଟିରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୨୩,୯୫୯ କୋଟିକୁ ବୃଦ୍ଧି ପାଇଛି, ଯାହା ସାମଗ୍ରିକ ଭାବରେ ୧୧.୨୧% ବୃଦ୍ଧି ପାଇଛି। ଯାତ୍ରୀ ଆୟ ୨୦୨୪-୨୫ ରେ ୧,୭୬୪.୩୨ କୋଟିରୁ ୨୦୨୫-୨୬ ରେ ୧,୮୩୫.୯୧ କୋଟିକୁ ବୃଦ୍ଧି ପାଇଛି। ସାମଗ୍ରୀ (ପଣ୍ୟ ପରିବହନ) ଆୟ ୧୯,୪୮୨.୬୩ କୋଟିରୁ ୨୧,୭୪୯.୩୮ କୋଟିକୁ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପାଇଛି, ଯାହା ଜୋନର ଦୃଢ଼ ମାଲ ପରିବହନ ଆଧାରକୁ ରେଖାଙ୍କିତ କରୁଛି। ବିଭିନ୍ନ କ୍ଷେତ୍ରରେ ଆୟ ୧୫୫.୯୫ କୋଟିରୁ ୨୩୯.୧୫ କୋଟିକୁ ଯଥେଷ୍ଟ ବୃଦ୍ଧି ପାଇଛି, ଯାହା ବିବିଧତା ଏବଂ ଉନ୍ନତ ସହାୟକ ରାଜସ୍ୱ ପ୍ରବାହକୁ ସୂଚିତ କରିଥାଏ। ସମସ୍ତ କ୍ଷେତ୍ରରେ ଏହି ସ୍ଥିର ଅଭିବୃଦ୍ଧି ଭାରତୀୟ ରେଳପଥର ସାମଗ୍ରିକ ରାଜସ୍ୱ ଉତ୍ପାଦନରେ ପୂର୍ବ ତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଉଲ୍ଲେଖ କରୁଛି।

ସେହିପରି ପୂର୍ବତଟ ରେଳପଥ ମଧ ପଣ୍ୟ ପରିବହନ କ୍ଷେତ୍ରରେ ଏକ ଉତ୍କୃଷ୍ଟ ପ୍ରଦର୍ଶନ ଜାରି ରଖିଛି ଏବଂ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଭାରତୀୟ ରେଳବାଇରେ ଏକ ନମ୍ବର ଜୋନ୍ ଭାବରେ ଉଭା ହୋଇଛି। ଡିସେମ୍ବର ୨୦୨୫ପର୍ଯ୍ୟନ୍ତ ହାସଲ ହୋଇଥିବା ପଣ୍ୟ ପରିବହନ ୨୦୯.୯୭ ନିୟୁତ ଟନ୍ (ଏମଟି) ଥିଲା। ପୂର୍ବ ବର୍ଷର ୧୮୮.୬୪ ନିୟୁତ ଟନ୍ ପରିବହନ ତୁଳନାରେ, ଜୋନ୍ ୨୧.୩୩ ନିୟୁତ ଟନ୍ ପରିବହନ କରି ରେକର୍ଡ କରିଛି। ପୂର୍ବ ବର୍ଷ ତୁଳନାରେ ଏହି ଆର୍ଥିକ ବର୍ଷରେ ୧୧ .୩୧% ଅଭିବୃଦ୍ଧି ହାସଲ କରିଛି।

ମାଲ ପରିବହନରେ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ଏହାର ଆଭ୍ୟନ୍ତରୀଣ ଅଞ୍ଚଳରେ ଶିଳ୍ପ ଅଭିବୃଦ୍ଧିକୁ ସମର୍ଥନ କରିବାରେ ପୂର୍ବତଟ ରେଳପଥର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସ୍ପଷ୍ଟ କରେ। ନିରନ୍ତର ତଦାରଖ, ଅଭିନବ କାର୍ଯ୍ୟକ୍ଷମ ଅଭ୍ୟାସ ଏବଂ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହି ମାଇଲଖୁଣ୍ଟ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି।

## ଜାତୀୟ ଶିଶୁ କନ୍ୟା ଦିବସ

**ବ୍ରହ୍ମପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସମିତି ପକ୍ଷରୁ ଜାତୀୟ ବାଳିକା ଶିଶୁ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରଜ୍ଞାନ ସମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ (ସିଡିଏମଓ) ଡ: ଭବାନୀ ଶଙ୍କର ମିଶ୍ରଙ୍କ ଅଧ୍ୟକ୍ଷତା କରିଥଲେ। ଏହି ଅବସରରେ ସେ ଆସନ୍ତୁ ଆମେ ସମସ୍ତେ ଏହି ଦିନରେ ଏକ ପ୍ରତିଜ୍ଞା କରିବା ଯେ, ପ୍ରତ୍ୟେକ ଝିଅକୁ ଜନ୍ମ ନେବାର ଅଧିକାର, ଶିକ୍ଷା ପାଇବାର ସୁଯୋଗ ଓ ନିରାପଦ ଜୀବନ ପ୍ରଦାନ କରିବା। କାରଣ ଝିଅ ସଶକ୍ତ ହେଲେ ପରିବାର, ସମାଜ ଓ ଦେଶ ସଶକ୍ତ ହେବ। ସମାଜରେ ବାଳିକା ଶିଶୁର ପ୍ରୟୋଜନତା ଏବଂ ସାମାଜିକ ମାନସିକତା ଉପରେ ଆଲୋଚନା କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ସରକାରୀ ଏ.ଏନ.ଏମ. ତାଲିମ କେନ୍ଦ୍ରର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ଏସ. କାମେଶ୍ୱର ରାଓ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ମଶା ବାହିତ ରୋଗ) ଡା. ଦେବାଶିଷ ପଟ୍ଟନାୟକ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ (ଏନ.ଏଚ.ଏମ) ବୁଲୁନାଥ ସାହୁ, ଜିଲା ସହାୟକ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସଖୀ କେନ୍ଦ୍ରର ନିର୍ଦ୍ଦେଶୀକା ମହେଶ୍ୱତା ପାଢ଼ୀ, ସ୍ୱେଚ୍ଛାସେବୀ ସଂଗଠନ 'ସେବା'ର ମୁଖ୍ୟ ଅଳକା ସାହୁ, ଏ.ସନ.ଏମ. ତାଲିମ କେନ୍ଦ୍ରର ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଲିଗଲ ସହାୟକ ପରିଚାଳକ ଦିଲୀପ ପଣ୍ଡା ପରିଚାଳନା କରିଥିଲେ। ଏହି ଅବସରରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ

**ଭଦ୍ରକ:** ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମଜୟନ୍ତୀ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ଆଜି ସକାଳ ୮.୩୦ ମିନିଟରେ ଭଦ୍ରକ ଜିଲ୍ଲା ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ



ହୋଇଯାଇଛି। ଏହି ଅବସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଶଦିଲୀପ ରାଉତରାଏ ଓ ଏନ୍‌ସିସି କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ପୁଷ୍ପମାଲ୍ୟ ଅର୍ପଣ କରି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ନେତାଜୀଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣାସ୍ୱରୂପ ବୋଲି କହିଥିଲେ।

**ବେତନଟୀ:** ସ୍ଥାନୀୟ ଇନ୍ଦିରା ନଗର ପ୍ରାଥମିକ ବିଦ୍ୟାଳୟଠାରେ ଅପରାହ୍ଣରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ତଥା ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଦିନକୁ ମହା ଆଡମ୍ବରରେ ପାଳନ କରାଯାଇଛି। ଏଥିନିମନ୍ତେ ଆୟୋଜକ ନେତାଜୀ ଇନଭେଷ୍ଟିଗେସନ ବ୍ୟୁରୋ ମୁଖ୍ୟ ବାସୁଦେବ ନାପିତ ପ୍ରାରମ୍ଭିକ ସୂଚନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ବେତନଟୀର ଅଗ୍ରଣୀ ଅନୁଷ୍ଠାନ ସିଭିଲ ସୋସାଇଟି, ମୟୂର ସାହିତ୍ୟ ସଂସଦ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିଶ୍ୱଜନନୀ ମହିଳା ସଂଗଠନ ଆଦିରୁ ଅନେକ କର୍ମକର୍ତ୍ତା ଓ ସଭ୍ୟ, ସଭ୍ୟାଗଣ ଯୋଗଦାନ କରିଥିଲେ। ବିଜୟ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱ ଓ ଦୁର୍ଯ୍ୟୋଧନ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ରବୀନ୍ଦ୍ରନାଥ ମିଶ୍ର, ମୁଖ୍ୟବକ୍ତା ରୂପେ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହ ସମ୍ମାନିତ ଅତିଥିଭାବେ ଯତୀନ୍ଦ୍ରନାଥ ସାହୁ ଏବଂ ଉଦ୍ଘାଟକ ଥିଲେ, ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରମୁଖ ବକ୍ତବ୍ୟରେ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଜୟହିନ୍ଦ ସ୍ଲୋଗାନ, ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି, ଜାତୀୟ କଂଗ୍ରେସ ଗଠନ, ଆଜାଦ ହିନ୍ଦ ଫୌଜ ଗଠନ, ଜାତୀୟ ଫରୱାର୍ଡ ବ୍ଲକ୍ ଗଠନ କରି ଦେଶପାଇଁ କରିଥିବା କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସହଦେବ ଗିରି ଓ ନିର୍ମଳା ସାହୁଙ୍କ ବକ୍ତବ୍ୟ ପରେ ଚାରିଜଣ ବୀର ଜବାନଙ୍କୁ ସେମାନଙ୍କର ତ୍ୟାଗପୂତ ଦେଶପ୍ରେମ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାରେ ହରେନ୍ଦ୍ର ନାଥ ବାରିକ, ରମାନାଥ ବାରିକ, ଭାସ୍କର ଚନ୍ଦ୍ର ଦାସ ଆଦି ବକ୍ତବ୍ୟ ରଖିଥିଲେ ଓ କମଳ ଲୋଚନ କର ସହଯୋଗ କରିଥିଲେ। ଶେଷରେ ତିଳୋତ୍ତମା ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

**ବାଙ୍କୀ:** ଆଜି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବାଙ୍କୀ କଲେଜ ପୁରାତନ ଛାତ୍ର ସଂସଦ ଓ ମହାବିଦ୍ୟାଳୟର ମିଳିତ ଆନୁକୁଲ୍ୟରେ ନେତାଜୀ



ସୁବାସ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ ଓ ଏଥି ସହିତ ପରାକ୍ରମ ଦିବସ ପାଳନ କରାଯାଇଥିଲା। ପୁରାତନ ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ନେତାଜୀଙ୍କର ବାଙ୍କୀ ପ୍ରତି ଥିବା ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ପ୍ରଶାସନିକ ଅଧିକାରୀ ଡକ୍ଟର ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ଅଧ୍ୟାପକ ଯୋଗୀନାଥ ମଲ୍ଲିକ, ଲଲାଟେନ୍ଦୁ ପଣ୍ଡା, ରୋଜାଲିନ୍ ସାହୁ, କଲ୍ୟାଣୀ ବେହେରା, ଲକ୍ଷ୍ମୀପ୍ରିୟା ସାହୁ, ଶୁଭେନ୍ଦୁ ପ୍ରଧାନ, ଅନନ୍ତ ମହାପାତ୍ର, ତ୍ରିଲୋଚନ ବେହେରା, ସୁବାସ ଚନ୍ଦ୍ର ପ୍ରହରାଜ ପ୍ରମୁଖ ଯୋଗଦାନ କରି ନେତାଜୀଙ୍କ ସଂପର୍କରେ ବହୁମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଶେଷରେ ପ୍ରିତିଶ୍ରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ଖୋର୍ଦ୍ଧା:** ଖୋର୍ଦ୍ଧା ମାରୱାଡ଼ି ପଟ୍ଟିସ୍ଥିତ ମଥୁରା ପ୍ରସାଦ ରାମଙ୍କ ଘରେ ନେତାଜୀଙ୍କ ଜନ୍ମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମଥୁରା ପ୍ରସାଦ ରାମଙ୍କ ବାପା ଗୁଲଜାର ରାମ ସେତେବେଳେ ଖୋରଧାର ଏକ ମାତ୍ର ଆୟକରଦାତା ଥିଲେ। କଟକର ପ୍ରସିଦ୍ଧ ଓକିଲ ଜାନକୀନାଥ ବୋଷ ଗୁଲଜାରଙ୍କ ଅଧିକ କେସ ଲଢୁଥିବାରୁ ତାଙ୍କର ପୁତ୍ର ସୁଭାଷ ଚନ୍ଦ୍ର ବୋଷଙ୍କ ସହ ଗୁଲଜାରଙ୍କ ପୁତ୍ର ମଥୁରା ପ୍ରସାଦ ରାମଙ୍କ ସହ ସମ୍ପର୍କ ସ୍ଥାପନ ହେଲା। ୧୯୩୯ ମସିହାରେ ନେତାଜୀ ଖୋରଧା ଆଗମନ କାଳରେ ମଥୁରା ପ୍ରସାଦ ତାଙ୍କୁ ପ୍ରଦାନ ପୁଷ୍ପ ମାଲ୍ୟ ସର୍ବ ସମ୍ମୁଖରେ ୨୦୦ ଟଙ୍କାରେ



ନିଲାମ ନେଇ ନିର୍ଭୟତା ଓ ଦେଶ ପ୍ରେମର ଦୃଷ୍ଟାନ୍ତ ଦେଇଥିଲେ। ଏହି ଅର୍ଥ ସ୍ୱାଧୀନତା ସଂଗ୍ରାମ ପାଣ୍ଠିକୁ ଯାଇଥିଲା (ସ୍ୱପ୍ରଣୀତ ଗ୍ରନ୍ଥୀରେ ଉଲ୍ଲେଖ)। ମଥୁରା ପ୍ରସାଦ ନେତାଜୀଙ୍କ ପ୍ରତି ସମ୍ମାନ ଜଣାଇ ପ୍ରତିବର୍ଷ ଜାନୁଆରୀ ୨୩ ତାରିଖରେ ନିଜ ବାସ ଭବନରେ ତାଙ୍କ ଜୟନ୍ତୀ ପାଳନ କରିଆସୁଥିଲେ। ଏବେ ତାଙ୍କ ସୁପୁତ୍ର ବିଜୟ କୁମାର ଦଶରାପୁରିଆ ପାଳନ କରି ଆସୁଛନ୍ତି। ଏହି ଅବସରରେ ପୂର୍ବତନ ବିଧାୟକ ଖୋର୍ଦ୍ଧା ଯୋତ୍ରିନ୍ଦ୍ର ନାଥ ମିତ୍ର ଯୋଗଦେଇ ନେତାଜୀଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଳ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧିବକ୍ତା ତଥା ନିୟୁ ଇଣ୍ଡିଆନ ଏକ୍ସପ୍ରେସ ପ୍ରତିନିଧି ସନତ କୁମାର ପଟ୍ଟନାୟକ, ସମାଜର ଖୋର୍ଦ୍ଧା ପ୍ରତିନିଧି ରାଜେଶ୍ ଚନ୍ଦ୍ର ମହାନ୍ତି, କେଡିୟୁଜେର ଉପସଭାପତି, ବରିଷ୍ଠ ସାମ୍ବାଦିକ ସୟଦ ଅନସର ଅଲ୍ଲୀ, ବରିଷ୍ଠ ସାମ୍ବାଦିକ ପ୍ରକାଶ କୁମାର ପଟ୍ଟନାୟକ, ଆଇନଜୀବୀ ଅଜିତ କୁମାର ପଟ୍ଟନାୟକ, ପୂର୍ବତନ କାଉନସିଲର ବିଜୟ ସେଠି, ଆଇନଜୀବୀ ଶିଶିର ପରିଡ଼ା ଓ ସରୋଜ ସୁନ୍ଦର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ଦଶରାପୁରିଆ, ଆଦର୍ଶ ଦଶରାପୁରିଆ ସଂଯୋଜନା କରିଥିଲେ।

**ବୈଶିଙ୍ଗା:** ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମ ପଂଚାୟତ ଅଧିନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ମହାନ ଜନନାୟକ ସ୍ୱାଧୀନତା ସଂଗ୍ରାମର ଅଗ୍ରଦୂତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ପୌରାହିତ୍ୟରେ ଆୟୋଜିତ ଏହି ଉତ୍ସବରେ ବିଦ୍ୟାଳୟର ଉପଦେଷ୍ଟା ତଥା




ବର୍ଷୀୟାନ ସମାଜସେବୀ ବଳରାମ ସାହୁ ମୁଖ୍ୟ ଅତିଥି ଭାବେ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ପୂର୍ଣ୍ଣ ଚନ୍ଦ୍ର ମିଶ୍ର ବିଶିଷ୍ଟ ଅତିଥି ଭାବରେ ଯୋଗଦେଇ ଦୁଇ ଜନ ନାୟକଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଉଦଘାଟନ କରିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର, ବରିଷ୍ଠ ଶିକ୍ଷକ ରାଜ କିଶୋର ଦାସ, ନିରଞ୍ଜନ ବାରିକ, ପ୍ରଫୁଲ୍ଲ ମିଶ୍ର, ହରେକୃଷ୍ଣ ମହାନ୍ତ, ଶୁଭବନ୍ତ ନାୟକ ଓ ଶୁଭାଶିଷ ପଣ୍ଡା ଯୋଗ ଦେଇ ସ୍ୱାଧୀନତା ସଂଗ୍ରାମର ବାଜିଗର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ସମାଜ ସେବାରେ ନିଜକୁ ସାମିଲ ହୋଇ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାକୁ ଆହ୍ୱାନ ଦେଇଥିଲେ। ଦଶମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ଗିରି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ର ଶୁଭଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## କିମସରେ ଭାରତର ପ୍ରଥମ ବହୁମୁଖୀ ୟୁଥ୍ ୱେଲ୍‌ନେସ୍ କ୍ଲିନିକ୍


**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଯୁବପିଢ଼ିଙ୍କଠାରେ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍‌ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦଘାଟିତ ହୋଇଯାଇଛି। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ।




କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ କରିଥାଏ। ଏଭଳି ଜଟିଳତାର ସମାଧାନ ଲାଗି କିମସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡା ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ଏହି କ୍ଲିନିକ୍ ପରିଚାଳିତ ହେଉଛି। ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସଂପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ। ପ୍ରଥମ ବର୍ଷରେ ଅତି କମରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି। ଏହା ବ୍ୟତୀତ କ୍ଲିନିକ୍ ସମ୍ପୂର୍ଣ୍ଣ କିଶୋର ସ୍ୱାସ୍ଥ୍ୟସେବା ପାଇଁ ଏକ ମଡେଲ ଢାଞ୍ଚାରେ ବିକଶିତ ହେବାକୁ ଲକ୍ଷ୍ୟ ରଖିଛି। ପ୍ରତି ଶନିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉପରେ ଏହି କ୍ଲିନିକ୍ ଅଧିକ ଗୁରୁତ୍ୱାରୋପ କରିବ। ଏହି କ୍ଲିନିକ୍‌ର ପ୍ରଚାର ପ୍ରସାର ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳ ପରିବେଶରେ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ବ୍ୟବହାର, ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ତଥା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କିମ୍‌ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା ଆର.ସି. ଦାସ ଏହି କ୍ଲିନିକକୁ ଉଦଘାଟନ କରିଥିବା ବେଳେ କିମ୍‌ସ ମେଡିକାଲ୍ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରାଙ୍କ ସମେତ ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ।

## ମୂଷାର ଚାଲାକି




ସେଦିନ ସନ୍ଧ୍ୟାରେ ଭାଲୁ ସିଗାରେଟରେ ନିଆଁ ଲଗାଇବାକୁ ଯାଉଛି ମୂଷା ଆସି କହିଲା- ଭାଲୁ ଭାଇ, ସରକାର କହୁଛନ୍ତି ତମାଖୁ ଖାଇବା ଭଲ ନୁହେଁ।

ସେତେବେଳେ ବାଘ ବିଅର ପିଇବାକୁ ଯାଉଥାଏ। ମୂଷା କହିଲା- ବାଘମାମୁଁ, ନିଶା ଭଲ ନୁହେଁ।

ସେପଟେ ସିଂହ ହ୍ୱିସ୍କି ଢାଳିବାକୁ ଯାଉଛି ମୂଷା ତା'ପାଖରେ ପହଞ୍ଚି କହିଲା- ହ୍ୱିସ୍କି ପିଇଲେ ଲିଭର ଖରାପ ହୋଇଯିବ।

ଏତିକିବେଳକୁ ହାତୀ ଚିଲମ ସଜାଡ଼ିବାକୁ ଯାଉଥାଏ। ମୂଷା କହିଲା, ହାତୀଭାଇ ନିଶା କରିବା ଭଲ ନୁହେଁ।

ମୂଷା ଏକଥା କହୁଛି ବିଲୁଆ ତା'ପାଖରେ ପହଞ୍ଚି ତା'ଗାଲକୁ ଶକ୍ତ ଜାବଡ଼ାଟେ ଦେଲା।

ଅନ୍ୟମାନେ ପଚାରିଲେ- ତୁ କାହିଁକି ତାକୁ ମାରିଲୁ ? ସିଏ ଭଲ କଥା କହୁଛି।

ବିଲୁଆ କହିଲା- ଇଏ ନିଜେ ସବୁଦିନ ସନ୍ଧ୍ୟାରେ ଗଞ୍ଜେଇ ମାରିଦେଇ ସେହି ନିଶାରେ ଅନ୍ୟମାନଙ୍କୁ ଭାଷଣ ଦେଉଛି।

# ଗୁଟ୍‌ଖା କଟକଣାକୁ ନେଇ ଚିନ୍ତାରେ ପ୍ରଶାସନ

**ଭୁବନେଶ୍ୱର,୨୩।୧**
**ତଥ୍ୟ**

ବାର ବର୍ଷ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପୁଣି ଥରେ ଗୁଟ୍‌ଖା ଓ ତମାଖୁ ଉପରେ କଟକଣା ଲଗାଇଥିବାବେଳେ ଏହା କିଭଳି କାର୍ଯ୍ୟକାରୀ ହେବ ସେହି ଚିନ୍ତା ଏବେ ପ୍ରଶାସନକୁ ଘାରିଛି। କାରଣ ସ୍ୱାସ୍ଥ୍ୟ ବିଭାଗ କଟକଣାକୁ ଅର୍ଥ ବିଭାଗ ନମାନି ଏହିସବୁ ସାମଗ୍ରୀ ଉପରୁ ଟିକସ ଆଦାୟ କରିବାରେ ଲାଗିଛି।

ନିକଟରେ ସ୍ୱାସ୍ଥ୍ୟ ବିଭାଗ ଗୁଟ୍‌ଖା ଓ ତମାଖୁ ଉପରେ ଯେଉଁ କଟକଣା ଜାରି କରିଛି ତାହା ଅବିକଳ ୨୦୧୩ ଜାନୁଆରୀ ୩ ତାରିଖରେ ଜାରି ହୋଇଥିବା କଟକଣା ନକଲ। ସେତେବେଳେ ମଧ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଗୁଟ୍‌ଖା ଓ ତମାଖୁ ଯୁକ୍ତ ପାନମସଲାର ଉତ୍ପାଦନ, ମହଜୁଦ ଓ ବିକ୍ରୟ ଉପରେ କଟକଣା ଲଗାଇଥିଲା।

ହେଲେ ସ୍ୱାସ୍ଥ୍ୟ ବିଭାଗର ଏହି କଟକଣାକୁ ଅର୍ଥ ବିଭାଗ ନମାନି ଏସବୁ ନିଷିଦ୍ଧ ସାମଗ୍ରୀ ଉପରୁ ଟିକସ ଆଦାୟ କଲା। ୧୨ ବର୍ଷ ମଧ୍ୟରେ ଅର୍ଥ ବିଭାଗ ଏହିସବୁ ସାମଗ୍ରୀରୁ ପ୍ରାୟ ହଜାରେ କୋଟି ଟଙ୍କାର ଟିକସ ଆଦାୟ କରିଥିବା ଜଣାଯାଇଛି। ଅର୍ଥ ବିଭାଗ ଟିକସ ଆଦାୟ କରୁଥିବାରୁ ବ୍ୟବସାୟୀମାନେ ବେଧଡକ ହୋଇ ଦେଶର ପ୍ରାୟ ୧୭ଟି ରାଜ୍ୟରୁ ଏହିସବୁ ସାମଗ୍ରୀ ଆମଦାନୀ କରିବା ସହିତ ତାହାକୁ ରାଜ୍ୟରେ ବିକ୍ରି କରିବାରେ ଲାଗିଲେ। କେତେକ ତମାଖୁ କମ୍ପାନୀ ମଧ୍ୟ ଓଡିଶାରେ ବିଭିନ୍ନ ବ୍ରାଣ୍ଡ୍‌ରେ ସେମାନଙ୍କର ସାମଗ୍ରୀ ଉତ୍ପାଦନ କଲେ। ସବୁଠାରୁ ବଡ କଥା ହେଲା ଅର୍ଥ ବିଭାଗ ଟିକସ ବାବଦରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବାରୁ ସ୍ୱାସ୍ଥ୍ୟ ଓ ପରିମାଣ କଲ୍ୟାଣ ବିଭାଗ ମଧ୍ୟ ନିଜ ବିଜ୍ଞପ୍ତି କାର୍ଯ୍ୟକାରୀ ଉପରେ ସେତେଟା ଗୁରୁତ୍ୱ ଦେଲା ନାହିଁ। ଫଳରେ ଏହି ବିଜ୍ଞପ୍ତି ୧୨ ବର୍ଷ ଧରି ଏକପ୍ରକାର ରାଜ୍ୟରେ ଅଚଳ ହୋଇ ରହିଲା। ଏବେ ପୁଣିଥରେ ସ୍ୱାସ୍ଥ୍ୟ ବିଭାଗ ଗୁଟଖା, ତମାଖୁ ଓ ତମାଖୁଯୁକ୍ତ ପାନମସଲା ନିଷିଦ୍ଧ ପାଇଁ ବିଜ୍ଞପ୍ତି ଜାରି କରିଛନ୍ତି। ରାଜ୍ୟ ସରକାରଙ୍କର ଏଭଳି ଦୁଇ ଦୁଇଟି ବିଜ୍ଞପ୍ତି ସହିତ ରାଜ୍ୟରେ କେନ୍ଦ୍ର ସରକାରଙ୍କର କୋଟ୍‌ପା ଆଇନ୍ ମଧ୍ୟ ବଳବତ୍ତର ରହିଛି। ଏହି ଆଇନ୍‌କୁ ଇତି ମଧ୍ୟରେ ୨୨ ବର୍ଷ ବିତିଲାଣି। ଏଥିରେ ବ୍ୟବସ୍ଥା ରହିଛି ଯେ ରାଜ୍ୟର ଶିକ୍ଷାନୁଷ୍ଠାନ ନିକଟରେ ଗୁଟ୍‌ଖା, ସିଗାରେଟ, ତମାଖୁ ଆଦି ବିକ୍ରି କରାଯାଇ ପାରିବନାହିଁ। ଏହାକୁ ମହଜୁଦ ଓ ବିକ୍ରି କରୁଥିବା ଲୋକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ହେବ।

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବିଜ୍ଞପ୍ତି ଭଳି କେନ୍ଦ୍ର ସରକାରଙ୍କ କୋଟ୍‌ପା ଆଇନ୍ ମଧ୍ୟ ରାଜ୍ୟରେ ଏକ ପ୍ରକାର ଅକାମୀ ହୋଇ ପଡିଛି। ସହର ଠାରୁ ଗାଁ ଗହଳ ପର୍ଯ୍ୟନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନ ନିକଟରେ ବେଧଡକ ଭାବେ ଗୁଟ୍‌ଖା ଓ ତମାଖୁଯୁକ୍ତ ପାନମସଲା ଏବଂ ସିଗାରେଟ ବିକ୍ରି ହେଉଛି। ଛୋଟ ଛୋଟ ପିଲା ମଧ୍ୟ ଏହାକୁ ଚୋବାଇବାରେ ଲାଗିଛନ୍ତି।

ଏବେ ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଜାରି ପରେ ଗୁଟ୍‌ଖା ବେପାରୀମାନେ ଗଚ୍ଛିତ ଥିବା ସାମଗ୍ରୀକୁ ଲୁଚାଇବା ସହିତ ଗୁଟ୍‌ଖାର ଦର ଦୁଇଗୁଣା କରିବାରେ ଲାଗିଛନ୍ତି। ପ୍ରଥମେ ଏହିସବୁ ସାମଗ୍ରୀ ଉପରୁ ଟିକସ ଆଦାୟ ବନ୍ଦ ସହିତ ରାଜ୍ୟର ପ୍ରତି ପ୍ରବେଶପଥରେ ଏହାର କଡାକଡି ଯାଞ୍ଚ ଏବଂ ବିକ୍ରି କରୁଥିବା ଲୋକଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହାକୁ ନିୟନ୍ତ୍ରଣ କରାଯାଇ ପାରିବ। ନହେଲେ ବାରବର୍ଷ ପରେ ପୁଣିଥରେ ଯେଉଁଭଳି ବିଜ୍ଞପ୍ତି ପ୍ରକାଶ ପାଇଲା ଆଉ କିଛିବର୍ଷ ପରେ ଏହାର ପୁନରାବୃତ୍ତି ହିଁ ହେବ।



# ୨ୟ ଟି-୨୦: ଭାରତ ୭ୱିକେଟରେ ବିଜୟୀ

**ରାୟପୁର,୨୩।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ୫ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାର ଦ୍ୱିତୀୟ ମୁକାବିଲା ଆଜି ରାୟପୁରସ୍ଥିତ ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମରେ ଖେଳ ହୋଇଯାଇଛି। ଏହି ମୁକାବିଲାରେ ଭାରତ ୭ୱିକେଟରେ ବିଜୟୀ ହୋଇଛି। ୨୦୯ ରନର ବିଜୟ ଲକ୍ଷ୍ୟ ନେଇ ଖେଳିଥିବା ଭାରତ ୧୫.୨ ଓଭରରେ ୩ଟି ୱିକେଟ୍ ହରାଇ ଏହା ପୂରା କରିଛି। ଭାରତର ବିଜୟର ନାୟକ ସାଜିଛନ୍ତି ଅଧିନାୟକ ସୂର୍ଯ୍ୟକୁମାର ଯାଦବ, ଈଷନ କିଶନ ଓ ଶିବମ ଦୁବେ। ଏଥି ସହିତ ଭାରତ ଚଳିତ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ରହିଛି।



ଯେତେବେଳେ ଭାରତୀୟ କ୍ରିକେଟ୍ ଦଳ ୨୦୦ରୁ ଅଧିକ ଲକ୍ଷ୍ୟର ସମ୍ମୁଖୀନ ହୋଇଥିଲା, ସେତେବେଳେ ମନେ ହେଉଥିଲା ଯେ ସେମାନେ ମ୍ୟାଚ୍ ଜିତିବା ପାଇଁ ଲଢ଼େଇ କରିବାକୁ ପଡିବ। କିନ୍ତୁ ଟିମ୍ ଇଣ୍ଡିଆ ଏହାକୁ ସଫଳ ରଣନୀତି ପ୍ରସ୍ତୁତ କରି ମ୍ୟାଚ୍ ଜିତିଛି। ସୂର୍ଯ୍ୟ କୁମାର ଯାଦବ (୮୨ ଅପରାଜିତ, ୩୭ ବଲ୍, ୯ ଚୌକା, ୪ ଛକା) ଏବଂ ଶିବମ୍ ଦୁବେ (୩୬ ଅପରାଜିତ, ୧୮ ବଲ୍, ୧ ଚୌକା, ୩ ଛକା) ମାତ୍ର ୧୫.୨ ଓଭରରେ ଭାରତକୁ ବିଜୟୀ କରାଇଥିଲେ। ପୂର୍ବରୁ ଯୁବ ବ୍ୟାଟର ଈଷନ କିଶନ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୩୨ଟି ବଲ୍ ଖେଳି ୧୧ଟି ଚୌକା ଏବଂ ୪ଟି ଛକା ସହାୟତାରେ ୭୬ ରନ୍ କରି ଭାରତର ମନେବଳକୁ ବଢ଼ାଇ ଥିଲେ। ଭାରତ ମାତ୍ର ୬ ରନ୍‌ରେ ପ୍ରାରମ୍ଭିକ ବ୍ୟାଟର ସଂଜୁ ସାମସନ (୬ ରନ୍) ଏବଂ ଅଭିଷେକ ଶର୍ମା (୦)ଙ୍କୁ ହରାଥିଲା। ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଟସ୍ ଜିଣିଥିଲେ ଏବଂ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଫଳରେ ଅତିଥି ଦଳ ବ୍ୟାଟିଂ କରିବାକୁ ପଡିଆରେ ଓହ୍ଲାଇଥିଲା। କ୍ୱିୱି ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୮ ରନ୍ ସଂଗ୍ରହ କରିଥିଲା।

# ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ନେତାଜୀ: ଉପରାଷ୍ଟ୍ରପତି

**କଟକ,୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମ ଜୟନ୍ତୀ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ଓଡ଼ିଆ ବଜାର ସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଚଳଚଞ୍ଚଳ ହୋଇଉଠିଥିଲା। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମ ଜୟନ୍ତୀ ଅବସରରେ ଅନୁଷ୍ଠିତ ପରାକ୍ରମ ଦିବସରେ ଭାରତର ଉପରାଷ୍ଟ୍ରପତି ସିପି ରାଧାକ୍ରିଷ୍ଣନ ସାମିଲ ହୋଇ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ନେତାଜୀ ଜୟନ୍ତୀରେ ଉପରାଷ୍ଟ୍ରପତି ଓଡ଼ିଆରେ ଅଭିଭାଷଣ ଆରମ୍ଭ କରିଥିଲେ। ଉପରାଷ୍ଟ୍ରପତି ତାଙ୍କ ଉଦବୋଧନରେ କହିଲେ, ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ନେତାଜୀ। ନେତାଜୀଙ୍କ ଜନ୍ମ ସ୍ଥାନ ଓଡ଼ିଶାକୁ ଆସିବାର ସୁଯୋଗ ପାଇଥିବାରୁ ମୁଁ ଗର୍ବିତ। ନେତାଜୀଙ୍କ ପରି ବୀରଙ୍କ ପାଇଁ ଭାରତ ସ୍ୱାଧୀନତାର ନିଃଶ୍ୱାସ



ନେଉଛି ବୋଲି ଉପରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ।

ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ରାଜ୍ୟପାଳ ଡ ହରିବାବୁ କମ୍ଭମପଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗ ଦେଇ ନେତାଜୀଙ୍କ ସ୍ମୃତି ଚାରଣ କରିଥିଲେ। ଜନ୍ମ ଜୟନ୍ତୀରେ ନେତାଜୀଙ୍କୁ ଶତାବ୍ଦୀର ମହାନାୟକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହାନଦୀ ରିଭର ଫ୍ରଣ୍ଟ ଯୋଜନା କାର୍ଯ୍ୟକାରୀ ହେବ ବୋଲି ଘୋଷଣା କରିଥିଲେ। ୨୨୦କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ଶିଘ୍ର ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ସେହିପରି କଟକ ଚଣ୍ଡୀ ମନ୍ଦିର କାମ ଶିଘ୍ର ଶେଷ ହେବ। ଏହାଛଡ଼ା କଟକ ଶିଶୁଭବନ ନୂଆ ରୂପ ନେବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ଅବସରରେ ନେତାଜୀଙ୍କ ସ୍ମୃତିରେ ଏକ ପୋଷ୍ଟାଲ ସଂଗ୍ରହାଳୟକୁ ଉପରାଷ୍ଟ୍ରପତି ଉଦଘାଟନ କରିଥିଲେ।

### ଶତାବ୍ଦୀର ମହାନାୟକ ଥିଲେ ନେତାଜୀ: ମୁଖ୍ୟମନ୍ତ୍ରୀ

ସମାରୋହରେ ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ ଓ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡାର ବିଏସ ସିଂହଦେଓଙ୍କୁ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଏବଂ କଟକ ଜିଲ୍ଲାପାଳ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନଙ୍କ ଗସ୍ତକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ଭିସିରେ ଯୋଡ଼ିହେଲେ ପ୍ରଧାନମନ୍ତ୍ରୀ

**କଟକ,୨୩।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡ଼ିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ଦେଶବାସୀଙ୍କୁ ପରାକ୍ରମ ଦିବସର ଶୁଭେଚ୍ଛା ଜଣାଇ ନେତାଜୀଙ୍କ ଜନ୍ମ ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନିଜର ଅଭିଭାଷଣ ରଖିଥିଲେ। ନେତାଜୀଙ୍କ ପରାକ୍ରମ, ସୌର୍ଯ୍ୟ ଆମକୁ ପ୍ରେରଣା ଦିଏ। ସ୍ୱତନ୍ତ୍ର ଭାରତର ମହାନ ସ୍ୱପ୍ନଦ୍ରଷ୍ଟା ଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ବୋଲି ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଉଦବୋଧନରେ କହିଥିଲେ। ଆଣ୍ଡାମାନ ନିକୋବରରେ ପରାକ୍ରମ ଦିବସ ସ୍ୱତନ୍ତ୍ର। ସ୍ୱାଧୀନ ଭାରତର ପ୍ରଥମ ସୂର୍ଯ୍ୟୋଦୟର ସାକ୍ଷୀ ଆଣ୍ଡାମାନ। ସୌର୍ଯ୍ୟ, ପରାକ୍ରମ, ବଳିଦାନରେ ଓତଃପ୍ରୋତ ଆଣ୍ଡାମାନର ଇତିହାସ ଜଡ଼ିତ। ମାତ୍ର ରାଜନୀତି ସ୍ୱାର୍ଥରେ ଏହାର ଇତିହାସକୁ ଅଣଦେଖା କରାଯାଇଥିଲା। ସ୍ୱାଧନତାର ୭୦ବର୍ଷ ପରେ ବି ଗୁଲାମିର ପରିଚୟରେ ଯୋଡ଼ି ହୋଇଥିଲା। ଆମେ ଏହାକୁ ଶେଷ କରି ନୂଆ ପରିଚୟ ଦେଲୁ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମତବ୍ୟକ୍ତ କରିଥିଲେ। ଗୁଲାମୀ ଯୁଗ ଶେଷ ହୋଇ ଏବେ ନିଜ ପରିଚୟରେ ବଂଚୁଛି ଆଣ୍ଡାମାନ। ଆଣ୍ଡାମାନରେ ୨୧ଟି ଦୀପକୁ ୨୧ ଭାରତୀୟ ସେନାଙ୍କ ନାମରେ ନାମିତ କଲୁ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ଉଦବୋଧନରେ କହିଥିଲେ।

## ପ୍ରଥମ ପୃଷ୍ଠାରୁ...

### ବିଜେଡିକୁ ଫେରିବେ...

ନିଲମ୍ବନ କରାଯାଇଥିବା ଦୁଇଦିନ ତଳେ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଓ ଏନେଇ ଚାଲିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇବାକୁ ପ୍ରୟାସ କରିଥିଲେ। କିନ୍ତୁ ତାଙ୍କ ଉଦ୍ୟମ ବିଫଳ ହୋଇଛି। ନିଲମ୍ବନ ପରଠାରୁ ବିଧାୟକ ଶ୍ରୀ ମହାପାତ୍ର ତାଙ୍କ ବିରୋଧରେ ଆସିଥିବା ସମସ୍ତ ଅଭିଯୋଗର ପ୍ରମାଣ ମାଗୁଥିବା ବେଳେ ଆଜି ପାଟକୁରାର ସହସ୍ରାଧିକ ଦଳୀୟ କର୍ମୀ ତାଙ୍କ ସମର୍ଥନରେ ବାହାରି ପ୍ରମାଣ ମାଗିଛନ୍ତି, ତାହା ପୁଣି ଶଙ୍ଖ ଭବନ ଘେରାଉ କରି।

ଆଜି ଶଙ୍ଖ ଭବନ ଘେରାଉ କରିବାକୁ ଆସିଥିବା ବିଜେଡି କର୍ମୀମାନେ କହିଛନ୍ତି ଯେ ସେମାନେ କେବଳ ଅରବିନ୍ଦଙ୍କ ସମର୍ଥକ ନୁହନ୍ତି। ସେମାନେ ସମସ୍ତେ ବିଜେଡିର କର୍ମୀ। ବିଧାୟକଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ସେମାନେ କହିଛନ୍ତି। ସେ ବିଜେଡିରେ ମିଶିବା ପରଠାରୁ ସେମାନେ ତାଙ୍କ ସହିତ ଅଛନ୍ତି। ସେ କୌଣସି ଦଳ ବିରୋଧୀ କାର୍ଯ୍ୟ କରି ନାହାନ୍ତି। ସେ ଦୁର୍ନୀତି କରି ନାହାନ୍ତି କି ଦଳ ସହ କୌଣସି ବିଶ୍ୱାସଘାତକତା କରି ନାହାନ୍ତି। ଏ ସବୁ ମିଥ୍ୟା ଅଭିଯୋଗ। ବିଧାୟକଙ୍କ ସହ ଯାହା ଘଟୁଛି ତାହା ବିଧିବଦ୍ଧ ଚକ୍ରାନ୍ତ।

ସେହିପରି ବିଧାୟକ ଶ୍ରୀ ମହାପାତ୍ର ପାଟକୁରାବାସୀଙ୍କ ସେବା କରିବା ବଦଳରେ ସେମାନଙ୍କୁ ହଇରାଣ କରୁଥିବା ନେଇ ସଭାପତି ନବୀନ ପଟ୍ଟନାୟକ ଦେଇଥିବା ମନ୍ତବ୍ୟକୁ ଦଳୀୟ କର୍ମୀମାନେ ସ୍ପଷ୍ଟ ଭାବେ ଖଣ୍ଡନ କରିଛନ୍ତି। ସେମାନଙ୍କ କହିବା କଥା ଯେ ଯଦି ବିଧାୟକ ହଇରାଣ କରୁଥା'ନ୍ତେ, ତା'ହେଲେ ଆଜି ଦଳର ଏତେ କର୍ମୀ କାହିଁକି ଏଠାରେ ଏକାଠି ହୋଇଥା'ନ୍ତେ ?

ଏମିତିକି ଶଙ୍ଖ ଭବନ ଘେରାଉ କରିବାକୁ ଆସିଥିବା ବିଜେଡିର ଏହି କର୍ମୀଙ୍କ ମଧ୍ୟରୁ କେହି କେହି ନବୀନଙ୍କ ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ ପଚାରିଛନ୍ତି ଯେ ନବୀନ ଏକ କର୍ପୋରେଟ୍ ସଂସ୍ଥାର ମୁଖ୍ୟ କି ? ସେ ଏକ ରାଜନୀତିକ ଦଳର ମୁଖ୍ୟ। ତା'ହେଲେ ବିଧାୟକଙ୍କ ବିରୋଧରେ ଆସିଥିବା ଅଭିଯୋଗ ସଂପର୍କରେ ସେମାନଙ୍କ ମତାମତ କାହିଁକି ନେଲେ ନାହିଁ ? କାହିଁକି କୁଚକ୍ରୀ ଗୋଷ୍ଠୀଙ୍କ କଥା ଶୁଣି ଏକପାଖିଆ ନିଷ୍ପତ୍ତି ଶୁଣାଇଲେ ?

ଅରବିନ୍ଦଙ୍କ ଏହି ସମର୍ଥକ ତଥା ବିଜେଡି କର୍ମୀମାନଙ୍କ ମଧ୍ୟରୁ ଆଉ କିଛି ଜଣ ଖୋଲାଖୋଲି ଭାବେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ଅତନୁ ଜାଣିଗଲେଣି ଯେ ମହାକାଳପଡାରେ ଆଉ ତାଙ୍କ ଭବିଷ୍ୟତ ନାହିଁ। କାରଣ ସେଠାରେ ବିଧାୟକ ହୋଇଥିବା ବିଜେପିର ଦୁର୍ଗା ପ୍ରସନ୍ନ ନାୟକ ନିଜ ସ୍ଥିତିକୁ ବେଶ୍ ଦୃଢ଼ କରିସାରିଛନ୍ତି। ସେଥିପାଇଁ ପାଟକୁରା ଉପରେ ସେ ଆଖି ପକାଇଛନ୍ତି। ଆଗାମୀ ଦିନରେ ପାଟକୁରାରୁ ନିର୍ବାଚନ ଲଢ଼ିବାକୁ ସେ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ବିରୋଧରେ ଚକ୍ରାନ୍ତ କରିଛନ୍ତି।

ଶଙ୍ଖ ଭବନ ଘେରାଉ କରିଥିବା ବିଜେଡିର କର୍ମୀଙ୍କ ଏକ ଟିମ୍ ସେମାନଙ୍କ ଦାବି ସଂପର୍କରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ପ୍ରତାପ ଜେନା ପ୍ରମୁଖଙ୍କ ସହିତ ଆଲୋଚନା କରିଥିଲେ। ଆଲୋଚନା ପରେ ସେମାନେ କହିଥିଲେ ଯେ ପ୍ରତାପ ଜେନା ଓ ଦେବୀ ପ୍ରସାଦ ମିଶ୍ର ଆମକୁ ପ୍ରତିଶ୍ରୁତି ଦେଇଛନ୍ତି। ପୁନର୍ବିଚାର କରିବାକୁ ସେମାନେ ସମୟ ମାଗିଛନ୍ତି। ପୁନର୍ବିଚାର କରାଯିବ ବୋଲି ସେମାନେ କହିଛନ୍ତି। ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା ପରେ ନିଷ୍ପତ୍ତି ଜଣାଇବେ ବୋଲି କହିଛନ୍ତି। କିନ୍ତୁ ଏଥିନେଇ କୌଣସି ସମୟ ସୀମା ଦେଇ ନାହାନ୍ତି।

ସେମାନେ ଆହୁରି କହିଛନ୍ତି ଯେ ସେମାନେ ଏକ ଫୋରମ ଦେଇ ଯିବାକୁ ଚାହୁଁଥିଲୁ। ତେଣୁ ଆଜି ଦଳର ବରିଷ୍ଠ ନେତାମାନଙ୍କୁ ଭେଟି ଦାବି ଜଣାଇଛୁ। ଆମର ଯୋଜନା ଥିଲା ଦଳର ସଭାପତିଙ୍କୁ ଭେଟି ଦାବି ଜଣାଇବାକୁ। କିନ୍ତୁ ତାହା ସମ୍ଭବ ହୋଇପାରିନାହିଁ।

ନବୀନ ନିଷ୍ପତ୍ତି ନବଦଳେଇଲେ ସେମାନେ କ'ଣ କରିବେ ବୋଲି ପଚରାଯିବାରୁ ବିଜେଡିର ଏକ କର୍ମୀମାନେ କହିଛନ୍ତି ଯେ ସେମାନେ ଏବେ ବିଜେଡିରେ ଅଛନ୍ତି। ଦଳର ସଭାପତି ନବୀନ ପଟ୍ଟନାୟକ ଓ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସହିତ ଅଛନ୍ତି। କିନ୍ତୁ ସେମାନଙ୍କ ନିଷ୍ପତ୍ତି ପୂରା ସ୍ପଷ୍ଟ। ଯଦି ନିଲମ୍ବନ ଆଦେଶ ପ୍ରତ୍ୟାହାର ନହୁଏ, ତା'ହେଲେ ସେମାନେ ବିଧାୟକଙ୍କ ସହିତ ରହିବେ ବୋଲି ରୋକ୍‌ଠୋକ୍ କହିଥିଲେ।

### ରାଜ୍ୟସଭା ପାଇଁ...

ପାଇଁ ଭାରତର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି।

ଓଡ଼ିଶା ସମେତ ୧୦ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ କମିଶନ ଚିଠି ଲେଖିଛନ୍ତି। ଆସନ୍ତା ଏପ୍ରିଲରେ ଖାଲି ହେଉଛି ୧୦ ରାଜ୍ୟର ୩୭ ଆସନ। ମହାରାଷ୍ଟ୍ରର ୭, ତାମିଲନାଡୁ ଓ ବିହାରର ୬, ପଶ୍ଚିମବଙ୍ଗର ୫ଟି ଆସନ ଖାଲି ହେବ -ଆସାମର ୩, ତେଲଙ୍ଗାନା, ଛତିଶଗଡ଼ ଓ ହରିୟାଣାର ୨ଟି ଆସନ ଖାଲି ହେବ। ଯଦି ଓଡ଼ିଶା କଥା ଦେଖିବା ତାହେଲେ ଓଡ଼ିଶାର ୪ଟି ଓ ହିମାଚଳ ପ୍ରଦେଶର ଗୋଟିଏ ଆସନ ଖାଲି ହେବାର ଅଛି। ଆସନ୍ତା ଏପ୍ରିଲ ୨ ତାରିଖରେ ମୁନ୍ନା ଖାଁ, ନିରଞ୍ଜନ ବିଶି, ମମତା ମହନ୍ତ ଓ ସୁଜିତ୍ କୁମାରଙ୍କ କାର୍ଯ୍ୟକାଳ ସରିବ।

### ରଥଯାତ୍ରା ପ୍ରସ୍ତୁତି...

କାଠ ବଳି ପଡିଥିଲା। ଏଣୁ ଚଳିତବର୍ଷ ରଥଯାତ୍ରା ପାଇଁ ୮୧୮ ଖଣ୍ଡ ରଥ କାଠ ମଗାଯାଇଥିଲା। ଏ ଭିତରେ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଧଉରା ଓ ଅସନ କାଠ ନୟାଗଡ ଦଶପଲ୍ଲା ରେଞ୍ଜରୁ ଆସି ସାରିଛି। ପର୍ଯ୍ୟାୟକ୍ରମେ ବାକି କାଠ ପହଞ୍ଚିବା ପରେ ପବିତ୍ର ରାମନବମୀରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ନୀତି ଅନୁଷ୍ଠିତ ହେବ।

### ରାଜ୍ୟସଭା ନିର୍ବାଚନ...

ବିଧାୟକଙ୍କ କ୍ରସଭୋଟିଂ ବଳରେ କଂଗ୍ରେସ ସରକାର ସମୟରେ ଓଡିଶାରୁ କଂଗ୍ରେସପ୍ରାର୍ଥୀ ବି ଜିଣିଥିଲେ। ସେହିଭଳି ଆଉଥରେ ରାଜ୍ୟସଭା ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ସବୁ ଦଳରୁ କ୍ରସଭୋଟିଂ କରାଇ ନିର୍ବାଚିତ ହୋଇଥିଲେ। ଅତୀତର ଇତିହାସ ଏଥର ପୁଣି କଡ ଲେଉଟାଇବ କି ନାହିଁ ସେ ସଂକ୍ରାନ୍ତରେ କୌଣସି ଦଳ ନିର୍ଦ୍ଦିଷ୍ଟ ଭାବେ କିଛି ସୂଚନା ଦେଉନଥିବାବେଳେ ଦୁଇ ଜଣ ପ୍ରାର୍ଥୀଙ୍କ ପରେ ବିଜେପିର ଏକ ଅଂକ ସଂଖ୍ୟା ବିଶିଷ୍ଟ ଯେତିକି ବଳକା ଭୋଟ ରହିଛି ତାହା ଚତୁର୍ଥ ଆସନ ଅକ୍ତିଆର କରିବାରେ କେତେଦୂର ସଫଳ ହେବ ତାହା ଅଳ୍ପ କିଛିଦିନ ଭିତରେ ସ୍ପଷ୍ଟ ହୋଇଯିବ।

### ଝିଅ ଜନ୍ମ ହେବାରୁ...

ଶୁଶାନ୍ତଙ୍କର ପ୍ରଥମ ପତ୍ନୀର ଦୁଇଟି ଝିଅ ଥିବା ବେଳେ ଦ୍ୱିତୀୟ ପତ୍ନୀର ଗୋଟିଏ ଝିଅ ହେଇଥିଲା। ସସ୍ମିତାଙ୍କର ପୁଅ ବଦଳରେ ଏକ ଝିଅ ହେବାରୁ ତାଙ୍କ ଶ୍ୱଶୁର ଘର ଲୋକେ ଖୁସି ନଥିଲେ। ସ୍ୱାମୀ, ଶ୍ୱଶୁର ଏବଂ ଶାଶୂ ତାଙ୍କୁ ଦୀର୍ଘ ଦିନ ଧରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଯାହାକୁ ନେଇ ବହୁ ବାର ସସ୍ମିତାଙ୍କ ଭାଇ ଆସି ବୁଝାସୁଝା କରିଥିଲେ ମଧ୍ୟ କିଛି ଦିନ ଥମିଯିବା ପରେ ପୂର୍ବ ପରି ନିର୍ଯ୍ୟାତନା ଚାଲୁଥିଲା ବେଳେ ଦୁଃଖ କଷ୍ଟେ ରହି ଆସୁଥିଲି। ମାତ୍ର ଗତକାଲି ରାତିରେ ଶ୍ୱସୁରଙ୍କ ଏପରି ଅମାନବିୟ କାର୍ଯ୍ୟ ପରେ କେବେ ଦେଖିନଥିଲି।

### ଋଣ ଖିଲାପୀଙ୍କ...

ପରେ ତାଙ୍କୁ ଭଦ୍ରକ ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସୁଶାନ୍ତଙ୍କ ଅଭିଯୋଗ ଆଧାରରେ ଥାନାରେ ୩୪/୨୬ନଂ ମାମଲା ଝୁଟୁଣା ପଞ୍ଚାୟତ ବାବଲପୁର ଗ୍ରାମର ବିଶ୍ୱଜିତ କର(୪୦), ଅନିଲ କର(୩୭), ରଣଜିତ କର(୨୫) ଓ ଅନ୍ୟ ଅଜଣା ବ୍ୟକ୍ତିଙ୍କ ନାମରେ ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତ ବିଶ୍ୱଜିତ ଓ ଅନିଲକୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି।

### ଆଇଆଇସି ତଦନ୍ତ...

ଆସାମୀମାନଙ୍କ ସମ୍ମୁଖରେ ଗାଳିଗୁଲଜ କରିବା ସହ ମାମଲା ରୁଜୁ କରିବାକୁ ଧମକ ଦେଇଥିଲେ। ଯାହାକୁ ନେଇ ଓଡିଶା ଅଣଗେଜେଟେଡ ବନସେବା ସଂଘ ଏହାକୁ ନିନ୍ଦା କରିବା ସହିତ ବନଖଣ୍ଡ ଅଧିକାରୀଙ୍କ ଜରିଆରେ ସରକାରଙ୍କ ନିକଟରେ ଆଇଆଇସିଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବୀ କରିଛି। ଆସନ୍ତା ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛି। ଅପରପକ୍ଷରେ ସହକାରୀ ବନସଂରକ୍ଷକ ଶ୍ରୀ ମଲ୍ଲିକଙ୍କୁ ପଚାରିବାରୁ ଆଇଆଇସି ମହାଶୟା ଆମକୁ ଗାଳିଗୁଲଜ କରିବା ସମୟରେ ଆମ ତଦନ୍ତରେ ବାଧା ଉପୁଯାଇଛନ୍ତି। ଆମେ ସେମାନଙ୍କୁ ପଚରା ଉଚରା କରିବା ସମୟରେ ଆଉ ୪ଜଣ ସଂପୃକ୍ତ ଥିବା ଜାଣିବାକୁ ପାଇଛୁ। ଆଇଆଇସି ଗାଳି କରିବା ସମୟରେ ଆମ ଯିବା ଓ ସେମାନଙ୍କୁ ଆଣିଥିବା ସଂପର୍କରେ ଜାଣିଥିବା ମଧ୍ୟ କହିଛନ୍ତି। ଆମେ ତାଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବୁ। ଆସାମୀମାନଙ୍କୁ ରିମାଣ୍ଡରେ ଆଣି ପଚରା ଉଚରା କରିବୁ ବୋଲି କହିଛନ୍ତି। ସୂଚନା ଥାଉକି, ରାଜ୍ୟ ଏସଟିଏଫ ଟିମ ବିଶ୍ୱସ୍ତ ସୂତ୍ରରୁ ବଜ୍ରକାପ୍ତା କାତି ଚାଲାଣ ହେଉଥିବା ଖବରପାଇ ପଟ୍ଟାମୁଣ୍ଡାଇ ସଦର ଓ ଷଣ୍ଢପଲୀ ଗ୍ରାମର ତିନି ଆସାମୀଙ୍କ ସହିତ ମୋବାଇଲରେ କଥା ହୋଇଥିଲେ। ୧୪ଟି କାତିକୁ ସାତ ଲକ୍ଷ ଟଙ୍କା ଦେବାକୁ ସ୍ଥିର ହେବା ପରେ ତିନିଜଣ ଷଣ୍ଢପଲୀ ଗାଁ କେନାଲ ରାସ୍ତା ଉପରକୁ ଆସିଥିଲେ। ଦୁଇଟି ବାଇକରେ ତିନି ଆସାମୀ ବଜ୍ରକାପ୍ତା କାତି ଆଣି ପହଂଚିବା ପରେ ଏସଟିଏଫ ଟିମ୍‌ଙ୍କ ସହିତ ଭେଟ ହୋଇଥିଲା। ଏସଟିଏଫ ଟିମ୍ କାତି ଦେଖିବା ପରେ ତିନିଜଣ ଆସାମୀଙ୍କୁ ଧରି ନେଇଥିଲେ। କିଛି ଦୂରରେ ଥିବା ବନବିଭାଗ ଟିମ ପହଂଚି ଦୁଇଟି ବାଇକ ସହ କାତି, ୩ଟି ମୋବାଇଲ ଜବତ କରି ରାଜନଗର ରେଂଜ କାର୍ଯ୍ୟାଳୟକୁ ଆଣିଥିଲେ। ପଟ୍ଟାମୁଣ୍ଡାଇ ଗାଁର ଏସକେ ବାରାକତୁଲ୍ଲା, ଷଣ୍ଢପଲୀ ଗାଁର ଅଭିରାମ ମଳିକ ଓ ରାଜକିଶୋର ମଳିକଙ୍କ ସହ ସେମାନେ ବ୍ୟବହାର କରୁଥିବା ଓଡି-୨୯-ଜେ- ୨୯୭୧ ହିରୋ ସ୍ପ୍ଲେଣ୍ଡର ପ୍ଲସ ବାଇକ ଓ ହୋଣ୍ଡା ଭେଲୋ ବାଇକ ନଂ- ଓଡି-୨୯-ଜେ- ୫୫୧୬କୁ ଜବତ କରି ଆସାମୀମାନଙ୍କୁ କୋର୍ଟ ଚାଲାଣ କରିଥିଲେ।

### ଆତ୍ମନିର୍ଭର ଭାରତ...

ଚାହିଦା ବଢିବା ସତ୍ୱେ ସରକାରୀ ପ୍ରୋତ୍ସାହନ ଆଧୁନିକ ଯନ୍ତ୍ରପାତି, ଉନ୍ନତ ସୂତା ଓ ଅତ୍ୟାଧୁନିକ ଜ୍ଞାନ କୌଶଳର ଅଭାବରୁ ଏହି କୁଟୀର ଶିଳ୍ପ ଆଉ ଆଗକୁ ବଢିପାରିଲା ନାହିଁ। କୋରୁଆ ଗ୍ରାମର ନାରାୟଣ ଭଦ୍ରଙ୍କ କହିବା କଥାଯେ, ହସ୍ତତନ୍ତର ଚାହିଦା ସଂପ୍ରତି ସମଗ୍ର ରାଜ୍ୟ ସମେତ ଦେଶ ବିଦେଶରେ ବଢିବାରେ ଲାଗିଛି। ଏହି ସମୟରେ ଜିଲ୍ଲାରେ ସେହି ପ୍ରାଚୀନ ହସ୍ତତନ୍ତ ବଂଚିରହିଥିଲେ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଏକ୍ଷେତ୍ରରେ ସମ୍ବଲପୁର, ସୁବର୍ଣ୍ଣପୁର, ବରଗଡ଼ ଆଦି ଜିଲ୍ଲା ମାନଙ୍କ ଭଳି ସ୍ୱତନ୍ତ୍ର ପରିଚୟ ପାଇପାରିଥାନ୍ତା। କିନ୍ତୁ ସରକାରୀ ଉଦାସୀନତା କାରଣରୁ ଜିଲ୍ଲାରେ ହସ୍ତତନ୍ତ ଇତିହାସ ହୋଇଗଲା। ଜିଲ୍ଲା ର ଯେଉଁ ଯୁବବର୍ଗ ସୁରଟରେ ଯାଇ ହସ୍ତତନ୍ତ ରେ ନିୟୋଜିତ ହେଉଛନ୍ତି ସେମାନେ ଆଜି ନିଜ ଜିଲ୍ଲାରେ ହସ୍ତତନ୍ତର ବିକାଶ ସହିତ ଜିଲ୍ଲାର ଅର୍ଥନୀତିକୁ ସମୃଦ୍ଧ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତେ। କିନ୍ତୁ ତାହା ହେଲା ନାହିଁ। କୁଶିଆପାଳ ହସ୍ତତନ୍ତ ସମବାୟ ସମିତିର ସଭାପତି ହରେକୃଷ୍ଣ ଦାସ କହିଛନ୍ତିଯେ, ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ହସ୍ତତନ୍ତ ସାମଗ୍ରୀର ଦିନକୁ ଦିନ ଚାହିଦା ବଢୁଛି। କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲା ର କାରିଗର ପରିବାର ଏହାର ସୁଯୋଗ ନେଇ ନପାରି ଯାହା ଅନୁଶୋଚନାରେ କାଳାତିପାତ କରୁଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଂଜର ଝେଲ ଶାଢ଼ୀ ପିନ୍ଧିବା ଅଥବା ସମ୍ବଲପୁରୀ ପିନ୍ଧିବା ଦ୍ୱାରା ସେହି ବସ୍ତ୍ରର ପ୍ରଚାର ପ୍ରସାର ହୋଇପାରୁଛି। ହେଲେ କେନ୍ଦ୍ରାପଡା ହସ୍ତତନ୍ତର ବିକାଶ ଓ ପ୍ରଚାର ପ୍ରସାର ପାଇଁ କେହି କାନମୁଣ୍ଡ ନହଲାଇବାରୁ ଏହି ପୁରାତନ କୁଟୀର ଶିଳ୍ପ ଜିଲ୍ଲାରୁ ବୁଡ଼ିଗଲା। ସାଂପ୍ରତିକ ଡ଼ବଲ ଇଂଜିନର ସରକାର କେବଳ ପ୍ରଚାର ସର୍ବସ୍ୱ ନହୋଇ ପୂର୍ବ ବିଜେଡ଼ି ସରକାର ରାସ୍ତାରୁ ହଟି ଜିଲ୍ଲାର ପ୍ରାଚୀନ ହସ୍ତତନ୍ତ ର ପୁନଃଉଦ୍ଧାର ପାଇଁ ପଦକ୍ଷେପ ନେଲେ ନିଯୁକ୍ତି ଓ ଆତ୍ମନିଯୁକ୍ତି କ୍ଷେତ୍ରରେ ଜିଲ୍ଲା ପାଇଁ ବଡ଼ ଉପଲବ୍ଧି ହୋଇପାରନ୍ତା ବୋଲି କହିଛନ୍ତି ପୂର୍ବତନ କୁଶିଆପାଳ ତନ୍ତୁ ସମବାୟ ସମିତିର ସଭାପତି କିଶୋର ଚନ୍ଦ୍ର ଦାସ।

## ପାଣିରେ ବୁଡି ଶିଶୁର ମୃତ୍ୟୁ

**ରାଜନଗର,୨୩।୧: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ସଦର ମହକୁମା ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପାଣିରେ ବୁଡି ମୃତ୍ୟୁ ବରଣ କରିଥିବା ଅଢେଇ ବର୍ଷର ଶିଶୁ ପୁତ୍ରର ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣା ପଡିଛି। ଭଦ୍ରକ ଜିଲ୍ଲାର ଧାମରା ଅଞ୍ଚଳର ମନୋଜ ସୁତାର ଏହି ବ୍ଲକ ତାଳଚୁଆ ଅଂଚଳରେ ରହି କାମଧନ୍ଦା କରୁଥିଲେ। ଗୁରୁବାର ଦିନ ମନୋଜ ରହୁଥିବା ଘର ନିକଟ ତାଂକ ଅଢେଇ ବର୍ଷର ଶିଶୁ ପୁତ୍ର ଶେଖର ପାଣିରେ ବୁଡ଼ିଯାଇଥିଲା। ତାକୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିବା ବେଳକୁ ମୃତ୍ୟୁ ହୋଇଯାଇଥିଲା।

## ଶୋଭାଯାତ୍ରାରୁ ଡିଜେ ଜବତ

**କେନ୍ଦ୍ରାପଡ଼ା,୨୩।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବିଳମ୍ବରେ ହେଉ ପଛେ କେନ୍ଦ୍ରାପଡ଼ା ଟାଉନଥାନା ପୋଲିସ ଗତ ଗୁରୁବାର ରାତିରେ ସହରରେ ସୁଉଚ୍ଚ ଶବ୍ଦରେ (୬୫ଡ଼େସିବିଲରୁ ଅଧିକ) ବାଜୁଥିବା ଏକ ଡ଼ିଜେ କୁ ଜବତ କରିବାସହିତ ଏହାର ମାଲିକଙ୍କୁ ଅଟକ ରଖିଥିବା ଜଣାଯାଇଛି। ଖବରରୁ ପ୍ରକାଶଯେ, କେନ୍ଦ୍ରାପଡ଼ା ସହରର ସାନମଙ୍ଗଳା ଅଂଚଳରେ ଥିବା ଏକ ମଣ୍ଡପ ଅଭିମୁଖେ ଯାଉଥିବା ଏକ ବରାତ ଶୋଭାଯାତ୍ରାରେ ବହ୍ମପୁର ର ଜେମିନୀ ମ୍ୟୁଜିକାଲ ବ୍ରାଣ୍ଡ ଡ଼ିଜେ ସହିତ ସାମିଲ ଥିଲା। ସହରରେ ୬୫ଡ଼େସିବିଲ ରୁ ଅଧିକ ଶବ୍ଦରେ ଡ଼ିଜେ ବାଜୁଥିବାବେଳେ ପୋଲିସର ବାରଣ ସତ୍ୱେ ଏହାକୁ ବନ୍ଦ କରାଯାଇନଥିଲା। କେବଳ ସେତିକି ନୁହେଁ ରାତି ୧୦ଟା ପରେ ବି ଶୋଭାଯାତ୍ରା ଜାରି ରହିଥିଲା। ଫଳରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ଯାଇ ପୋଲିସ ବାଧ୍ୟ ହୋଇ ଉକ୍ତ ଡ଼ିଜେ ସହିତ ଆନୁସଂଗିକ ସାମଗ୍ରୀ ଜବତ କରିଥିଲେ। ଏହାର ମାଲିକ କୋଟା ସୁନିଲ (୩୭)କୁ ଉଠାଇ ନେଇଥିଲେ। ଘଟଣା ସଂପର୍କରେ ଟାଉନ ଥାନାରେ ବିଏନଏସ ର ୨୭୦, ୨୯୨, ୨୨୧, ୨୯୬, ୩୫୧(୩),୩(୫) ଏବଂ ୧୫ପରିବେଶ ସୁରକ୍ଷା ଆଇନ ୧୯୮୬, ୩ ଓ ୫ ଓଡ଼ିଶା ଫାୟାର ୱାର୍କସ ଏଣ୍ଡ ଲାଉଡ଼ ସ୍ପିକର ରେଗୁଲେସନ ଆକ୍ଟ ୧୯୫୮ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଦିଲ୍ଲୀପ କୁମାର ସାହୁ ସୂଚନା ଦେଇଛନ୍ତି। ତେବେ ପୋଲିସ ର ଏହି ପଦକ୍ଷେପ ସଚେତନ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି।

## ରାଜ୍ୟସ୍ତରରେ କେନ୍ଦ୍ରାପଡା ଝିଅ ପୁରସ୍କୃତ

**କେନ୍ଦ୍ରାପଡ଼ା,୨୩।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ଲୋକସେବା ଭବନ କନଭେନସନ ସେଣ୍ଟରରେ ଗତକାଲି ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ - ୨୦୨୬ ଉଦ୍‌ଯାପନୀ ସମାରୋହରେ କେନ୍ଦ୍ରାପଡା ଝିଅ ପ୍ରାଚୀ ପ୍ରିୟଦର୍ଶନୀ ରାଉତ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି। ଡେରାବିଶ ବ୍ଲକର କେତକୀ ପ୍ରଭାସାହୁ ଶ୍ରେଷ୍ଠ ମହିଳା କୃଷକ ସର୍ବେ ଓ ଶ୍ରେଷ୍ଠ ପାଣି ପଞ୍ଚାୟତ ଭାବେ ପୌଲସ୍ତି ପାଣି ପଞ୍ଚାୟତର ସଭାପତି ଓ ସଂପାଦକଙ୍କୁ ଅର୍ଥରାଶି ସହ ପ୍ରମାଣ ପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଜଳସଂପଦ ବିଭାଗର ସହକାରୀ ଯନ୍ତ୍ରୀ ଭଞ୍ଜ କିଶୋର ରାଉତ ଓ ଡ୍ରାଫଟ୍ସ ମ୍ୟାଚ ଗିରିଜା ଶଙ୍କର ମହାପାତ୍ର ରାଜ୍ୟସ୍ତରୀୟ ସମାରୋହରେ ଯୋଗ ଦେଇ ସମସ୍ତ କାର୍ଯ୍ୟକୁ ସଫଳ କରିଥିଲେ। କେନ୍ଦ୍ରାପଡା ଜିଲ୍ଲା ପାଇଁ ଗୌରବ ଆଣିଥିବା ଛାତ୍ରୀ ଓ ଶ୍ରେଷ୍ଠ ପାଣି ପଞ୍ଚାତୟକୁ କେନ୍ଦ୍ରାପଡା ଜଳ ସଂପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ଧନ୍ୟବାଦ ଜଣାଇଥିବା ସହ ଏହି ସଫଳତା ବିଭାଗୀୟ କର୍ମଚାରୀ ଓ ଅଧିକାରୀ ମାନଙ୍କୁ ଆନ୍ତରିକ ସହାଯ୍ୟ ଓ ସହଯୋଗ ଯୋଗୁ ସମ୍ଭବ ହୋଇପାରିଛି ବୋଲି ମତବକ୍ତ କରିଛନ୍ତି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das | ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose | ମୁଖ୍ୟ ସମ୍ପାଦକ : ଉମାପଦ ବୋଷ